₹ : 25

# ଆମରି ସତ୍ୟ

# AMARI SATYA

ଦ୍ୱାଦଶ ବର୍ଷ, ଦ୍ୱାଦଶ ସଂଖ୍ୟା
ମାସିକ, ଜୁନ୍ ୨୦୨୨, ପୃଷ୍ଠା ସଂଖ୍ୟା ୩୬

RNI Regn. No. - ODI/ODI/2010/350521
Postal Regd. No. : PURI-33/2022-24



# ପୁସ୍ତକ ଉନ୍ମୋଚନ






'ହଜିଯାଉଥିବା ଆମ ଚଳଣି' ଓ 'ମୋ ଗାଆଁଟି' ପୁସ୍ତକ ଉନ୍ମୋଚନ ସଂଧ୍ୟାରେ ମାନ୍ୟବର ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତଥି ଏବଂ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ବିଶେଷ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଡ. ପ୍ରସନ୍ନ କୁମାର ଜେନା ସଭାପତିତ୍ୱ କରିଥିଲେ ।

ଅତୀତର ଅମୂଲ୍ୟ ଉପକରଣଟି ଉପେକ୍ଷିତ ଓ ବିସ୍ମୃତ ହେବା ବିସ୍ମୟର ବିଷୟ । ଆମର ବୁଦ୍ଧିଜୀବି, ଶିକ୍ଷକ, ଅଧ୍ୟାପକ ଓ ଗବେଷକମାନେ ଏ ନେଇ ସଚେତନ ହେବାର ସମୟ ଆସିଛି । ଏଗୁଡ଼ିକ ହେଲା-ଲେଖନ, ପକ୍ଷୀଆ, ସବାରି, ପାଲିଙ୍କି, ଓଳିଆ, ଯନ୍ତ, ଶେଷା, ସେଢୁଅ, ପେଡ଼ି, ପେଟରା, ପାନ ପାଉତି, ତେଣ୍ଡା, ଦହିବୁଲା, ବେହେରି, ଖୁଆ ଇତ୍ୟାଦି ଏପରି ୫୪ଟି ବିଷୟକୁ ନେଇ 'ହଜିଯାଉଥିବା ଆମ ଚଳଣି' ଡକ୍ଟର ପ୍ରହଲ୍ଲାଦ ନାୟକଙ୍କ ପୁସ୍ତକଟି ଏବଂ ତ୍ରିଲୋଚନ ମହାପାତ୍ରଙ୍କର 'ମୋ ଗାଆଁଟି' ଶିଶୁ କବିତା ପୁସ୍ତକ ଉନ୍ମୋଚିତ ହୋଇଥିଲା । 'ସକାଳ'ର ଯୁବ ସାମ୍ବାଦିକ ଶ୍ରୀ ରଞ୍ଜିତ କେଶରୀ ନରେନ୍ଦ୍ର ସାମନ୍ତରାୟ, ଖୋରଧା ଜିଲ୍ଲା ପ୍ରତିନିଧିଙ୍କୁ 'ଆମରି ସତ୍ୟ ସାମ୍ବାଦିକତା ସମ୍ମାନ'ରେ ସମ୍ମାନୀତ କରି ତାଙ୍କର ନିରପେକ୍ଷତା ଏବଂ ତ୍ୱରିତ ସମ୍ବାଦ ପ୍ରକାଶନକୁ ପ୍ରଶଂସା କରାଯାଇଥିଲା ।

ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ପାଠକଙ୍କ ରୁଚି ଅନୁସାରେ ଲେଖାମାନ ଲେଖକମାନେ ଲେଖି ସେମାନରେ ନିକଟତର ହେବା ପାଇଁ ଆହ୍ୱାନ ଦେଇଥିଲେ । ବିଶ୍ୱାମିତ୍ର ସେବା ଟ୍ରଷ୍ଟର ଅଧକ୍ଷ ରାମଶଙ୍କର ମୁଖ୍ୟବକ୍ତା ଭାବରେ ଯୋଗଦେଇ ସରକାରୀ ସ୍ତରରେ ଓଡ଼ିଆ ଭାଷାର ଗୁରୁତ୍ୱକୁ ଅନେକ ଭୁଲିଯାଇଛନ୍ତି ତଥା ସବୁଠାରେ ନାମଫଳକ ଓଡ଼ିଆରେ ଲେଖାଯାଉ ବୋଲି ମତ ରଖିଥିଲେ । ଏହି କ୍ରମରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଜବାହାରଲାଲ ସୁବୁଦ୍ଧି, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ବିଭୁପ୍ରସାଦ ହରିଚନ୍ଦନ, ପଦ୍ମନାଭ ପାଣୀଗ୍ରାହୀ, ବାସୁଦେବ ସାହୁ , ସୌଦାମିନୀ ବେହେରା, ସମରଜିତ୍ ପଟ୍ଟନାୟକ, କିଶୋର ପାଇକରାୟ, ସେକ ହୋସେନ, ବ୍ରଜବନ୍ଧୁ ନାୟକ ଏବଂ ଆଶୀଷ ରାୟ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଓଡ଼ିଆ ଭାଷା ଉପରେ ଗୁରୁତ୍ୱ ଦେଇଥିଲେ । ଆମରି ସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଦେବା ସହ ଆଦି ନାରାୟଣ ଖଣ୍ଟୁଆଳ ଧନ୍ୟବାଦ ଦେଇଥିଲେ ।

**ପ୍ରତିଷ୍ଠାତା**
ଡ. ପ୍ରମୋଦ ଚନ୍ଦ୍ର ଦାଶ
୯୪୩୭୨୮୧୬୫୫

**ସମ୍ପାଦକ**
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

**ସହଯୋଗୀ ସମ୍ପାଦକ**
ଶ୍ରୀ ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

**ମୁଖ୍ୟ ସହ ସମ୍ପାଦକ**
ଶ୍ରୀ ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨

**ସହ ସମ୍ପାଦକ**
ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଡ. ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬
ଶ୍ରୀମତୀ ରଶ୍ମିତା ନାୟକ
୯୪୩୮୩୬୩୦୩୦

**ସଂଯୋଜକ**
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୬୭

**ପରିଚାଳନା ସଂଯୋଜକ**
ଶ୍ରୀ ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ଶ୍ରୀ ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦
ଡ. ରଶ୍ମିରଞ୍ଜନ ନାଥ
୯୯୮୬୧୪୭୭୧୯୫
ଡ. ଗୌରହରି ମିଶ୍ର
୯୪୩୭୪୧୧୭୦୯

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ଶ୍ରୀ ରାଜୀବ ରଥ
୭୫୦୪୬୬୯୭୯୨
ଶ୍ରୀ ପ୍ରୀତମ୍ ବଳୀୟାରସିଂହ
୯୯୩୭୫୮୧୩୧୮


# ଆମରି ସତ୍ୟ

## AMARI SATYA


ଭିନ୍ନସ୍ୱାଦର ମାସିକ ପତ୍ରିକା...

ଦ୍ୱାଦଶ ବର୍ଷ ◆ ଦ୍ୱାଦଶ ସଂଖ୍ୟା ◆ ଜୁନ୍ ୨୦୨୨



**ଯୋଗାଯୋଗ:**
‘ଆମରିସତ୍ୟ’
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ:**
**ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମହାପାତ୍ର**
ନିର୍ଦ୍ଦେଶକ, ଆମରିସତ୍ୟ
ଏମ୍-୫/୨୩, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩ ଓଡ଼ିଶା
ଫୋନ୍ ନଂ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ:**
**ଶ୍ରୀଯୁକ୍ତ ପଦ୍ମନାଭ ପାଣିଗ୍ରାହୀ**
ବନମାଳୀ କଲୋନୀ,ଜଟଣୀ
ଫୋନ୍ ନଂ:୯୩୩୮୨୨୧୩୭୪


**ଗ୍ରାହକମାନଙ୍କ ପାଇଁ ସୂଚନା**

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ୨ ବାର୍ଷିକ ଦେୟ | ଟ.୪୫୦/- |
| ୪. ୩ ବାର୍ଷିକ ଦେୟ | ଟ.୬୫୦/- |
| ୫. ଆଜୀବନ ସଦସ୍ୟତା | ଟ.୩୦୦୦/- |

(ଆଜୀବନ ସଦସ୍ୟତା ୧୪ ବର୍ଷ ପାଇଁ )


**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପ୍ରାକ୍ତନ କୁଳପତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ

**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର

**ଡ. ଶରଚ୍ଚନ୍ଦ୍ର ମହାପାତ୍ର**
ପ୍ରାକ୍ତନ ଅଧକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ

**ଡ. ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର୍

**ଡ. ବସନ୍ତ କିଶୋର ସାହୁ**
ଶିଶୁ ସାହିତ୍ୟିକ, କୁସୁପୁର, କଟକ

**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା

**ଡ. ଗୌରୀଶଙ୍କର ପ୍ରହରାଜ**
ଶିକ୍ଷାବିତ୍, ଭୁବନେଶ୍ୱର

**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା

**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା

**ରାମଶଙ୍କର**
ଅଧକ୍ଷ, ବିଶ୍ୱାମିତ୍ର ଜନ ସେବା ଟ୍ରଷ୍ଟ, ଖୋରଧା


ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ ‘ଆମରିସତ୍ୟ’ ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬। IFSC-SBIN0012027, MICR-752002151


‘ଆମରିସତ୍ୟ’ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ ‘ଆମରିସତ୍ୟ’ ଉତ୍ତରଦାୟୀ ନୁହେଁ



**AMARISATYA :** AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS.
website: www.amarisatya.in • Email:amarisatya@gmail.com , amarisatya@rediffmail.com


# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସକାଳ ବନ୍ଦନା : ସଂଜ ପ୍ରାର୍ଥନା | ରମେଶ ମଙ୍ଗରାଜ | ୦୨ |
| ୨. | ସମ୍ପାଦକୀୟ | | ୦୩ |
| ୩. | ହିତ ବାଣୀ | | ୦୪ |
| ୪. | ତୃତୀୟ ବିଶ୍ୱଯୁଦ୍ଧ ଅବଶ୍ୟମ୍ଭାବୀ | ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି | ୦୫ |
| ୫. | ପର୍ଯ୍ୟାପ୍ତ – ଅପର୍ଯ୍ୟାପ୍ତ | ଡ. ଅଭୟ କୁମାର ନାୟକ | ୦୭ |
| ୬. | ସଖୀ ଦେଖଲୋ ଦେଖ | ବାବାଜୀ ଚରଣ ଜେନା | ୦୮ |
| ୭. | ନିଅଣ୍ଟ | ଯମେଶ୍ୱର କହଲସିଂହ | ୦୮ |
| ୮. | ଯୌବନ ଓ ବାର୍ଦ୍ଧକ୍ୟ ... | ତୁଳସୀ ଜୈନ | ୦୯ |
| ୯. | ପରମ୍ପରା ଓ ସଂସ୍କୃତିର ... | ଉମାଶଙ୍କର ପ୍ରସାଦ | ୧୦ |
| ୧୦. | ଶିଶୁର ଈଶ୍ୱର | ନାମଯଜ୍ଞ ମିଶ୍ର | ୧୧ |
| ୧୧. | ଯୋଗ ଏବଂ ଆମେ | ଘନଶ୍ୟାମ ଜୈନ | ୧୨ |
| ୧୨. | ଡାକଟିକଟରୁ ଜ୍ଞାନ | ଡ. ଭବାନୀ ଶଙ୍କର ଦାଶ | ୧୪ |
| ୧୩. | ସତ୍ୟାଗ୍ରହର ମୂଳମନ୍ତ୍ର ... | ବିଭୂତିଭୂଷଣ ସେନାପତି | ୧୫ |
| ୧୪. | ପ୍ରଣାମ, ତୁମକୁ ସହସ୍ର ପ୍ରଣାମ | ଡ.ପ୍ରଫୁଲ୍ଲ କୁମାର ସାମନ୍ତରାୟ | ୧୬ |
| ୧୫. | ଶେଷହସ | ପିନାକୀ ମିଶ୍ର | ୧୭ |
| ୧୬. | ସନ୍ଧ୍ୟାରାଣୀ ଗୋ ତୁମ ଆଗମନ | ମଞ୍ଜୁ ଦାସ | ୧୭ |
| ୧୭. | ଆଇ.ପି.ଏଲ୍.ରେ ଏଥର ... | ଆଶିଷ କୁମାର ରାୟ | ୧୮ |
| ୧୮. | ବିଜ୍ଞାନ ବିଚିତ୍ରା | ଡ. ପ୍ରେମଚାନ୍ଦ ମହାନ୍ତି | ୨୦ |
| ୧୯. | ସମ୍ବାଦ ବିଚିତ୍ରା | | ୨୩ |
| ୨୦. | ସାଧାରଣ ଜ୍ଞାନ ଓ ବିବିଧ ସୂଚନା | | ୨୪-୩୨ |




## ସକାଳ ବନ୍ଦନା : ସଂଜ ପ୍ରାର୍ଥନା

(୬୮)




**ରମେଶ ମଙ୍ଗରାଜ**

ଲାଜଲାଗେ ମୋତେ କେମିତି ସାଆନ୍ତେ
ତମକୁ କହିବିଯାଇ
ଦେଇଥିବା କଥା ଭାଙ୍ଗିଗଲା ସିନା
ରଖିପାରିଲିନି ମୁହିଁ ॥୦॥
ସଂସାରଟା ମୋର ବଇରୀ ହୋଇଛି
ବିଛାଇକି ଇନ୍ଦ୍ରଜାଲ
ତମ ମୋ ଭିତରେ ପକାଇ ଦେଇଛି
ମଝିରେ ମାୟାର ବାଡ
ତମକୁ ଦେଖିବା ପାଇଁ ମୁଁ ଭାବୁଛି
ହେଲେ ଯାଇପାରୁନାହିଁ
ଲାଜଲାଗେ ମୋତେ.....।।୧।।
ଯାହାତ ହୋଇଛି ପଛକଥା ଭାବି
ଏତିକି କରୁଣା କର
କାଚବାଡ ଭାଙ୍ଗି ଯୋଡିଦିଅ ପ୍ରଭୁ
ଆମରି ସଂପର୍କ ଡୋର
ବାକି ଜୀବନଟା ସୁଖେ କଟିଯାଉ
ତମରି ସେବକ ହୋଇ
ଲାଜଲାଗେ ମୋତେ......।।୨।।

**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡ଼ା,**
**ଖୋର୍ଦ୍ଧା – ୭୫୨୦୫୪**
**ମୋ – ୯୧୭୮୬୨୬୨୮୦**



ଯେତେ ବିପଦ କାଳ ଉପସ୍ଥିତ ହେଲେ ମଧ୍ୟ ଅସତ୍, ଅନ୍ୟାୟ ଆଚରଣ କରିବା ଅନୁଚିତ୍।



# ସମ୍ପାଦକୀୟ....



ରଜକୁ ଅନେକ ପଛରେ ଛାଡ଼ିଆସିଥିବା ଦରଦୀ ମଣିଷଙ୍କ ପାଇଁ ରଜ ଏକ କଷ୍ଟ ଦେଉଥିବା ସ୍ମୃତି । ଆଉ କ'ଣ ସେ ରଜ ମଉଜ ମିଳିବ ? ଏମିତି ଏକ ଅପ୍ରାପ୍ତିର ଉଚ୍ଛ୍ୱାସ, ଦୀର୍ଘନିଶ୍ୱାସ ।

ସତରେ ସେ ରଜ କାଇଁ? ଆମ୍ବତୋଟା କାଇଁ, ଯେଉଁଠି ଦୋଳି ବନ୍ଧା ହେବ ? ସେ ଝିଅଏ କାହାଁନ୍ତି– ଯେଉଁମାନଙ୍କ ଅଝଟ ଭାଙ୍ଗି ହେବନି । ରଜ ସଜବାଜ କାଇଁ ? ଏବେ ତ ନିଇତି 'ସଜବାଜ' । ରଜକୁ କିଏ ଅପେକ୍ଷା କରୁଛି ସଜେଇ ହେବାକୁ ? ବେଣୀରେ ରିବନ କାହିଁ ? ତାକୁ ତ ଲୁଚି ନେଲେଣି ଫିତା କାଟିବାକୁ ।

ମନ ଦିଆନିଆ ପାଇଁ ରଜ ଥିଲା ଏକ ମଉକା । ଏବେ ତ ଯେତେବେଳେ ଋହିଁଲେ ମୋବାଇଲରେ ମନ ଦିଆନିଆ । ଛୁଇଁବା ଛଡ଼ା ସବୁ ଅନୁଭବ ଆଉ ସବୁ ଶିହରଣ ସେଇଥିରୁ ମିଳିଯାଉଛି, ତେଣୁ ରଜକୁ କିଏ ପରୁଋଛି ?


ପାକଳ ମନବି ଏବେ ମୋବାଇଲ ମାୟାରେ । ତାସ ଆଉ ପଶାପାଲିକୁ କିଏ ଋହୁଁଛି ?

ରଜ କିନ୍ତୁ ଠିକ ସେଇମିତି ଅଛି । ମୋଟେ ବଦଳିନି । ସେଇ ବାସ୍ନା ଅଛି ଏବେ ବି ତା' ଦେହରେ । ଶିହରଣ ଖେଳାଇବା କ୍ଷମତା ରଖିଛି ତା'ଠାରେ । ଆମେ ଯାହା ବଦଳି ଯାଇଛେ ସମୟ ସ୍ରୋତରେ ।

ଡ. ପ୍ରସନ୍ନ କୁମାର ଜେନା



# ହିତ ବାଣୀ

## ଗୀତା

କାର୍ଯ୍ୟକରଣକର୍ତ୍ତୃତ୍ୱେ ହେତୁଃ ପ୍ରକୃତିରୁଚ୍ୟତେ ।
ପୁରୁଷଃ ସୁଖଦୁଃଖାନାଂ ଭୋକ୍ତୃତ୍ୱେ ହେତୁରୁଚ୍ୟତେ ।।

କାର୍ଯ୍ୟ ଓ କରଣ ଉତ୍ପନ୍ନ କରିବାରେ ପ୍ରକୃତିକୁ ହେତୁ ବୋଲି କୁହାଯାଏ ଏବଂ ସୁଖ-ଦୁଃଖର ଭୋକ୍ତାପଣରେ ଅର୍ଥାତ୍ ଭୋଗିବାରେ ଜୀବାତ୍ମାକୁ ହେତୁ ବୋଲି କୁହାଯାଏ ।

## ଚାଣକ୍ୟ ନୀତି

ଦୁଷ୍ଟଜନ ସର୍ବଦା ବିପଦରେ ପକାଏ-
ଦୁର୍ଜନସ୍ୟ ଚ ସର୍ପସ୍ୟ ବରଂ ସର୍ପୋ ନ ଦୁର୍ଜନଃ ।
ସର୍ପୋ ଦଂଶତି କାଳେ ତୁ ଦୁର୍ଜନସ୍ତୁ ପଦେ ପଦେ ।।

ଦୁଷ୍ଟଜନ ଓ ସର୍ପ ଏ ଦୁହିଁଙ୍କ ମଧ୍ୟରେ ସର୍ପ ହିଁ ଉତ୍ତମ ଅଟେ । କାରଣ କାଳପ୍ରାପ୍ତ ହେଲେ ସର୍ପଦଂଶନ କରିଥାଏ, କିନ୍ତୁ ଦୁଷ୍ଟଜନ ସର୍ବଦା ପ୍ରତିକ୍ଷେତ୍ରରେ ବିପଦରେ ପକାଇ ଥାନ୍ତି ଏବଂ କଷ୍ଟ ଦେଇଥାନ୍ତି ।

## ଭାଗବତ ବାଣୀ

**ଦଣ୍ଡିବା ଶକ୍ତି ଯାର ଥାଇ ।**
**ସେ ଯେବେ କ୍ଷମା ଆଚରଇ ।।**
**ସାଧୁଙ୍କ ଶ୍ରେଷ୍ଠ ସେହି ନର ।**
**ସୁଖ ଦୁଃଖରୁ ସେ ବାହାର ।।**

## ନୀତିଶ୍ଳୋକ

ଶ୍ରଦ୍ଧୟାଽଗ୍ନି ସମିଧ୍ୟତେ ଶ୍ରଦ୍ଧାୟା ହୂୟତେ ହବିଃ ।
ଶ୍ରଦ୍ଧା ଭଗସ୍ୟ ମୂର୍ଦ୍ଧନି ବଚସା ବେଦୟାମସି ।।
(ଋକ୍ - ୧୦/୧୫୧)

ଶ୍ରଦ୍ଧା ଦ୍ୱାରା ଅଗ୍ନିଙ୍କୁ ପ୍ରଜ୍ୱଳିତ କରାଯାଏ, ଶ୍ରଦ୍ଧାରେ ହିଁ ଅଗ୍ନିଙ୍କୁ ଆହୁତି ଦିଆଯାଏ ଐଶ୍ୱର୍ଯ୍ୟ ପ୍ରାପ୍ତି ପାଇଁ ଶ୍ରଦ୍ଧାଦେବୀଙ୍କୁ ସ୍ତୁତି କରୁଛି ।

## କୁହତ ଦେଖି

କାଠରେ ତା' ଦେହ ହୋଇଛି ଗଢ଼ା
ତା'ପାଇଁ ପେଟ୍ରୋଲ ନୁହଁଇ ଲୋଡ଼ା
ଚାଲେ ନାହିଁ ସିଏ ଜମା ତେଲରେ
ଚାଲୁଥାଏ ଖାଲି ସିଏ ପାଣିରେ ।। - ଡଙ୍ଗା

## ରୁଢ଼ି ପ୍ରୟୋଗ

ପାଣି ଛଡେଇବା - ଉତ୍ସର୍ଗ କରିବା
ପାସଙ୍ଗରେ ପଡିବା - ସମକକ୍ଷ ହେବା
ପରଛିଦ୍ର ଦେଖିବା - ଅନ୍ୟର ଦୋଷ ଦୁର୍ଗୁଣ ଦେଖିବା



ସଂସାରକୁ ବ୍ୟବହାରରେ କିଣା ଯାଇପାରେ ଏବଂ ଭଗବାନଙ୍କୁ ପ୍ରେମରେ ।

# ତୃତୀୟ ବିଶ୍ୱଯୁଦ୍ଧ ଅବଶ୍ୟମ୍ଭାବି



ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି

ବେଶ ଏକଶହ ଦିନରୁ ଉର୍ଦ୍ଧ୍ୱ ସମୟ ହୋଇଗଲା ଋଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇ ଏହା ଥମୁନାହିଁ। ଯୁଦ୍ଧକୁ ବନ୍ଦ କରିବା ପାଇଁ ବହୁ ଥର ଉଦ୍ୟମ ହେଲାଣି, କିନ୍ତୁ ତାହା ସଫଳ ହୋଇନାହିଁ। ବରଂ ଏହାର ଭୟାବହତା ସମଗ୍ର ବିଶ୍ୱକୁ ଆତଙ୍କିତ ଓ ଆନ୍ଦୋଳିତ କରିଛି। ଋଷର ୟୁକ୍ରେନ ଗୋଟିଏ ସମୟରେ ଅଂଶ ବିଶେଷ ଥିଲା - ଋଷର ସଂଘୀୟ ବ୍ୟବସ୍ଥାରେ ୟୁକ୍ରେନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା - ଯେତେବେଳେ ସୋଭିଏଟ୍ ୟୁନିଅନ ମାଧ୍ୟମରେ ସଂଘୀୟ ବ୍ୟବସ୍ଥା ଖଣ୍ଡ ବିଖଣ୍ଡିତ ହୋଇଗଲା, ସେତେବେଳେ ୟୁକ୍ରେନ ସ୍ୱାଧୀନ ରାଷ୍ଟ୍ରଟିଏ ହୋଇ ବିଶ୍ୱ ରାଜନୀତିରେ ଉଭା ହେଲା - ଅତୀତରେ ଋଷ ଓ ୟୁକ୍ରେନ ମଧ୍ୟରେ ମନାନ୍ତର ଓ ମତାନ୍ତର ହୋଇଛି। କିନ୍ତୁ ତାହା ବର୍ତ୍ତମାନ ପରି ଯୁଦ୍ଧରେ ପରିଣତ ହୋଇନଥିଲା। ଋଷର ସବୁ ସମୟରେ ଇଚ୍ଛା ଯେ ୟୁକ୍ରେନ ପାଶ୍ଚାତ୍ୟ ଦେଶ ମାନଙ୍କର ଗୋଡାଣିଆ ହୋଇନରହୁ। ନାଟୋ ଅନ୍ତର୍ଭୁକ୍ତ ଦେଶ ମାନଙ୍କ ମଧ୍ୟରୁ ଗୋଟିଏ ନହେଉ। ସେମାନଙ୍କର ସାହାଯ୍ୟ ନେଇ ଋଷର ମର୍ଯ୍ୟାଦାରେ ହାନି ନଘଟାଉ। ବରଂ ଋଷର ବନ୍ଧୁ ହୋଇ ରହୁ। ୟୁକ୍ରେନ ଆନ୍ତରିକତା ସହିତ ସବୁବେଳେ ଆଶାକରେ ଯେ ଋଷର କବଳରୁ ମୁକ୍ତ ହୋଇ ସ୍ୱାଧୀନ ଓ ସର୍ବଭୌମ ରାଷ୍ଟ୍ରଟିଏ ହୋଇ ରହିବ। ଏଥିପାଇଁ ଯେତେ ପ୍ରତିଦାନ ଦେବାର ଆବଶ୍ୟକତା ପଡିବ ପଛେ ସେ ଦେବ।



ଗୋଟିଏ ଯୁଦ୍ଧ ଏ ଦୁଇ ଦେଶ ମଧ୍ୟରେ ଏତେଦିନ ଚାଲୁରହିବ, ଏକଥା ଆଶା କରାଯାଉନଥିଲା - ଋଷ ୟୁକ୍ରେନର ପ୍ରତ୍ୟେକ ସହରକୁ ଗୋଟିଏ ପରେ ଗୋଟିଏ ଧ୍ୱସ୍ତ ବିଧ୍ୱସ୍ତ କରିଦେବ, ଏକଥା କେହିବି ଆଶା କରିନଥିଲେ। ଋଷ ବିଶ୍ୱର ଗୋଟିଏ ବୃହତ୍ ଶକ୍ତି। ତାର ସଂଘୀୟ ବ୍ୟବସ୍ଥା ଭୁଷୁଡିଗଲା ପରେ ଅନେକ ଦୃଷ୍ଟିରୁ ନ୍ୟୁନ ହୋଇଯାଇଛି। କିନ୍ତୁ ତାର ଶକ୍ତି, ସାମର୍ଥ୍ୟ ଓ ପାରଂଗମତା ସେମିତି ଅଛି। ବିଶ୍ୱର ସମସ୍ତ ବୃହତ୍ ଶକ୍ତିମାନଙ୍କୁ ଧମକ ଦେଇଛି ଯେ ୟୁକ୍ରେନ ଯୁଦ୍ଧ ନେଇ ଯଦି ତା ବିରୁଦ୍ଧରେ କେହିବି ଯାଏ ଓ ୟୁକ୍ରେନକୁ ପ୍ରକାଶ୍ୟରେ ସମର୍ଥନ କରେ ସେ ଏପରି କଠୋର ହେବ ଯେ ତାକୁ ନାଟୋ ଅନ୍ତର୍ଭୁକ୍ତ ଦେଶମାନେ ମଧ୍ୟ ସହ୍ୟ କରିପାରିବେ ନାହିଁ। ଋଷ ୟୁକ୍ରେନ ବିରୁଦ୍ଧରେ ଭୟଙ୍କର ଯୁଦ୍ଧ ଚଲାଇ ରଖିଛି। ଅନେକ ସ୍ଥାନରେ ୟୁକ୍ରେନ ସହରମାନଙ୍କରେ ପଶିପାରିବ ନାହିଁ। କିନ୍ତୁ ଆକାଶ ମାର୍ଗରୁ ମିଶାଇଲ ରକେଟ ଆଧୁନିକ କ୍ଷେପଣାସ୍ତ୍ରମାନ ନିକ୍ଷେପ କରି ସହରଗୁଡିକର ଏପରି କ୍ଷୟକ୍ଷତି ଘଟାଇଛି ଯେ ୟୁକ୍ରେନ ସହରଗୁଡିକ ଶ୍ମଶାନରେ ପରିଣତ ହୋଇଯିବାର ରୂପ ନେଇଛି ଯେ ୟୁକ୍ରେନ ରାଜଧାନୀ କିଏଭ ସହରର ପତନ ହୋଇନାହିଁ। ଋଷର ସୈନ୍ୟ ବାହିନୀ ଏଇ ସହରରେ ପଶିବେ ବୋଲି ଅପେକ୍ଷା ଏବେ (ଚେର୍ଣ୍ଣୋଭିଲ ପରେ) ଯେଉଁ ଆଣବିକ ଶକ୍ତିର ଉତ୍ପାଦନ କେନ୍ଦ୍ର ରହିଛି। ତାହା ୟୁରୋପ ମହାଦେଶରେ ସର୍ବବୃହତ୍ କେନ୍ଦ୍ର। ଋଷର ସୈନ୍ୟ ବାହିନୀ ଏହାକୁ ଅଳ୍ପ କିଛି ଦିନ ତଳେ କିଛି ସମୟ ପାଇଁ ନିଜ ଅକ୍ତିଆରକୁ ନେଲେ। ୟୁରୋପର ଦେଶମାନେ ଓ ଅନ୍ୟଦେଶ ମାନେ ଏନେଇ ଅନେକ ଆଶଙ୍କା ବ୍ୟକ୍ତ କଲେ। କଣ ଘଟିବ ନଘଟିବ ଏନେଇ ଚିନ୍ତାପ୍ରକଟ କଲେ। ଚେର୍ଣ୍ଣୋଭିଲ ଦୁର୍ଘଟଣା ବେଳେ ଏନେଇ ଦୁଃଖ ସୀମା ଅତିକ୍ରମ କରିଥିଲା- ସୁଖର କଥା ଏହା ପୁନଶ୍ଚ ୟୁକ୍ରେନର ନିୟନ୍ତ୍ରଣକୁ ଆସିଛି।

ଅତୀତରେ ଚେର୍ଣ୍ଣୋଭିଲୋର ବିଷ୍ଫୋରଣ (ଦୁର୍ଘଟଣା ଜନିତ) ଅନେକ କ୍ଷତି ସାଧନ କରିଥିଲା - ୨୪୨ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଏକ ଲକ୍ଷ ଲୋକ ରେଡିଏସନ୍ ପ୍ରଭାବରେ ଆସିଥିଲେ। ୪୫ଲକ୍ଷ ଲୋକ ଅସୁସ୍ଥ ହୋଇପଡିଥିଲେ। ନାଟୋ ଅଧୀନରେ ଥିବା ଦେଶମାନେ ଋଷର ଭୟରେ ୟୁକ୍ରେନକୁ ପ୍ରତ୍ୟକ୍ଷରେ ସାହାଯ୍ୟ କରୁନାହାନ୍ତି। ପରୋକ୍ଷରେ କିଛିକିଛି ସାହାଯ୍ୟ

ଯୋଗାଇ ଦେଉଛନ୍ତି। ୟୁକ୍ରେନର ଆଣବିକ ଉତ୍ପାଦନ କେନ୍ଦ୍ର ନଥାନ୍ତା- ଭବିଷ୍ୟତ ବିପଦ ପାଇଁ ଭୟନଥାନ୍ତା। ନାଟୋର ଶକ୍ତିମାନଙ୍କର ଉପସ୍ଥିତି ରଷ ସମ୍ମୁଖରେ ପ୍ରତିବନ୍ଧକ ଲଗାଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷ ପର୍ଯ୍ୟାୟରେ ସମସ୍ତଙ୍କୁ ଚକିତ କରି ଆମେରିକା ପରମାଣୁ ବୋମା ଜାପାନର ହିରୋସିମା ଓ ନାଗାସାକିରେ ଦୁଇ ପର୍ଯ୍ୟାୟରେ ନିକ୍ଷେପ କରିଥିଲା। ତାହା ବିଶ୍ୱରେ ଏପରି ଦୁଃଖଦ ଅବସ୍ଥା ସୃଷ୍ଟି କରିଥିଲା ଯେ ତାହା ଅବର୍ଣ୍ଣନୀୟ। ଲକ୍ଷାଧିକ ଲୋକଙ୍କର ଆଖି ପିଛୁଳାକେ ପ୍ରାଣହାନୀ ଘଟିଥିଲା- ଲକ୍ଷ ଲକ୍ଷ ଲୋକ ଏହି ବୋମାଦ୍ୱାରା ଏପରି ଆଘାତ ପାଇଲେ ଯେ ସେମାନଙ୍କର ମୃତ୍ୟୁ ପର୍ଯ୍ୟନ୍ତ ପଙ୍ଗୁ ହୋଇଗଲେ। ମାନବ ସମାଜର ସେଇ ପର୍ଯ୍ୟାୟର ଦୁଃଖ ବର୍ଣ୍ଣନା କରିହେବ ନାହିଁ, ଏବେ ସବୁ ଶକ୍ତିମାନଙ୍କ ହାତରେ (ଛୋଟ କି ବଡ ହେଉ) ପରମାଣୁ ବୋମାଅଛି। ଅଣୁ ଅସ୍ତ୍ର ପ୍ରୟୋଗ କରିବା ପାଇଁ ସମସ୍ତେ ପ୍ରସ୍ତୁତ। ରଷ ଧମକ ଦେଇଛି ଯେ ଯଦି ରଷର ସ୍ୱାର୍ଥ ବିରୋଧରେ କେହିବି ଯିବେ ତାର ପରିଣାମ ଭୟାବହ ହେବ। ସମସ୍ତେ ଭୟଭୀତ, ବିଶ୍ୱ ଧ୍ୱଂସ ହେଇଯିବ କି ? ରଷରୁ ଆମେରିକା ଓ ଯୁକ୍ତରାଜ୍ୟ (ଇଂଲଣ୍ଡ) ସେମାନଙ୍କର ନାଗରିକ ଓ କୂଟନୀତିଜ୍ଞଙ୍କୁ ଫେରାଇ ଆଣିବା ପାଇଁ ନିର୍ଦ୍ଦେଶ ଦେଇ ସାରିଛନ୍ତି। ସେପରି ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରତ୍ୟେକ କଥାରେ ରଷ ଧମକ ଦେଉଛି ଯେ ରଷର ସ୍ୱାର୍ଥ ଓ ସାର୍ବଭୌମତ୍ୱ ଉପରେ ନ୍ୟୁନତମ ଆଞ୍ଚ ଆସିଲେ ପରମାଣୁ ଅସ୍ତ୍ର ପ୍ରୟୋଗ କରିବ। କାଳେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ଏହା ପରମାଣୁ ଯୁଦ୍ଧରେ ପରିଣତ ହୋଇଯିବ, ଏଇ ଭୟରେ ରଷ ବ୍ୟତୀତ ଅନ୍ୟଦେଶମାନେ ଆତଙ୍କିତ ହୋଇପଡିଛନ୍ତି।

ଜାତିସଂଘର ନିରାପତା ପରିଷଦରେ ଓ ଅନ୍ୟାନ୍ୟ ଜାତିସଂଘର ସଂଗଠନର ସଭା ମାନଙ୍କରେ ସମସ୍ତେ ହୃଦ୍‌ବୋଧ କରୁଛନ୍ତି ଯେ ରଷର ୟୁକ୍ରେନ ଉପରେ ଆକ୍ରମଣ ଅନ୍ୟାୟ ଓ ନିନ୍ଦନୀୟ। ଯୁଦ୍ଧ ତୁରନ୍ତ ବନ୍ଦ ହେବା ଆବଶ୍ୟକ। ୟୁକ୍ରେନରେ ଉପୁଜିଥିବା ଦୟନୀୟ ପରିସ୍ଥିତିକୁ କେତେଦିନ ସମସ୍ତେ ଦେଖୁଥିବେ। ଏପରି ପ୍ରସ୍ତାବ ଯେପରି ଗୃହୀତ ନହୋଇ କାର୍ଯ୍ୟକାରୀ ହୋଇପାରିବ ନାହିଁ ସେଥିପାଇଁ ରଷ ତାର ଭିଟୋ ପ୍ରୟୋଗ କରୁଛି। ଜାତିସଂଘ ପ୍ରତିଷ୍ଠା ହେବା ଦିନଠାରୁ ବୃହତ୍ ଶକ୍ତିମାନେ ଏପରି ଭିଟୋ କ୍ଷମତାର ଅଧିକାରୀ ହୋଇଛନ୍ତି। ରଷକୁ ଏହା ଅଧିକ ସୁଯୋଗ ପ୍ରଦାନ କରିଛି। ଏପରି ପ୍ରସ୍ତାବ ସପକ୍ଷରେ କି ବିପକ୍ଷରେ ଭାରତ ଭୋଟ ନଦେଇ ନିରାପତ୍ତା ପରିଷଦର ସଭାରୁ ବାହାରି ଆସିଛି, ଉଭୟ ରଷ ଓ ୟୁକ୍ରେନ ନିକଟରେ ପ୍ରିୟ ହୋଇରହିପାରିବ ବୋଲି ଚିନ୍ତା କରିଛି। କିନ୍ତୁ ଭାରତର ଚିନ୍ତାଧାରାକୁ ସେମାନେ ଠିକ୍ ଭାବରେ ନେଉଛନ୍ତି କି ନାହିଁ ସେ କଥା ଜଣା ପଡୁନାହିଁ। ନିରାପତ୍ତା ପରିଷଦରେ ଭାରତ କକ୍ଷ ତ୍ୟାଗ କଲାପରେ ୟୁକ୍ରେନରେ ଅଟକି ଯାଇଥିବା ଛାତ୍ରଛାତ୍ରୀଙ୍କୁ ଠିକ୍ ବ୍ୟବହାର କରାଯାଇ ନାହିଁ ବୋଲି ଅଭିଯୋଗ ସମ୍ମୁଖକୁ ଆସିଥିଲା - ରଷ ଭାରତର ଏପରି ବନ୍ଧୁ ଯେ ସବୁ ସମୟରେ ଭାରତ ପ୍ରତି ଜାତିସଂଘରେ ଅକୁଣ୍ଠ ସମର୍ଥନ ଜଣାଇଛି। ଭାରତ ତାଙ୍କୁ ସିଧାସଳଖ ସମର୍ଥନ ନଦେଇ ପାରେ। କିନ୍ତୁ ରଷକୁ ଛାଡି ଚାଲିଯାଇ ପାରିବ ନାହିଁ। ୟୁକ୍ରେନ ବି ବନ୍ଧୁ ତାକୁ ଓ ତାର ଜନସାଧାରଣଙ୍କୁ ମାନବୀୟ ସାହାଯ୍ୟ ପଠାଇବ। ଏହା କେତେଦୂର ସମ୍ଭବ କିଏ ଅନୁମାନ କରିପାରିବ। ଜାତିସଂଘଠାରୁ ଯୁଦ୍ଧ ବନ୍ଦ ପାଇଁ କୌଣସି ଫଳପ୍ରଦ ପଦକ୍ଷେପ ଆଶାକରାଯାଇ ପାରିବ ନାହିଁ। ଯୁଦ୍ଧ ୧୦୦ ଦିନରୁ ଊର୍ଦ୍ଧ ହେଲାଣି ଏହା ବନ୍ଦ ହୋଇ ପାରୁନାହିଁ। ବରଂ ଯେପରି ଅନୁଭବ ଆସୁଛି, ଏହି ପ୍ରକ୍ରିୟାରେ ଯେ କେଉଁଠୁ ବା କାହାକୁ ଏହା ଫିଙ୍ଗା ଯାଇପାରେ। ନିଜ ସ୍ଥିତିକୁ ନିରାପଦରେ ରଖି ଅନ୍ୟମାନଙ୍କର କ୍ଷତି କରିପାରେ।

ସ୍ମୃତିରେ ଅଛି ପଚାଶ ଦଶକରେ ଇଜିପଟର ରାଷ୍ଟ୍ରପତି ସ୍ୱର୍ଗତ ନାସେର ସୁଏଜ କେନାଲ ବ୍ୟବସ୍ଥାର ଜାତୀୟକରଣ କରିଥିଲେ। ଏହା ତାଙ୍କ ଦେଶର ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ଥିଲା - ନାସେର ଏପରି ଜାତୀୟ କରଣ କରି ଇଂଲଣ୍ଡ ଓ ଫ୍ରାନସର ଶତ୍ରୁ ପାଲଟିଗଲେ। ଇଂଲଣ୍ଡ ତଥା ଯୁକ୍ତ ରାଜ୍ୟ ଓ ଫ୍ରାନସ ଉଦ୍ଦିଷ୍ଟରେ ବୋମା ବିର୍ଷଣ କରି ନାସେରଙ୍କୁ ଶିକ୍ଷା ଦେବାପାଇଁ ଚାହିଲେ। ସେତେବେଳକାର ସୋଭିଏତ ୟୁନିଅନ ଏହାର(ଇଂଲଣ୍ଡ ଓ ଫ୍ରାନସର ପଦକ୍ଷେପକୁ) ବିରୋଧ କରିଥିଲେ। ସେମାନଙ୍କୁ ସତର୍କ କରି କହିଥିଲେ ଯେ ଯଦି ଇଜିପ୍ଟରେ କି ସୁଏଜ କେନାଲ ଉପରେ ଆକ୍ରମଣ ହୁଏ ଇଂଲଣ୍ଡ ଓ ଫ୍ରାନସର ପ୍ରତ୍ୟେକ ସହରର ବୋମା ନିକ୍ଷେପ ହେବ। ଦ୍ୱିତୀୟ ବିଶ୍ୱଯୁଦ୍ଧ କିଛି ପୂର୍ବରୁ ସରିଥାଏ। ଏପରି ଯୁଦ୍ଧ କେହି ଚାହୁଁନଥିଲେ। ଯୁଦ୍ଧ ମନକୁ ବନ୍ଦ ହୋଇଗଲା।

ଏବେ ଯୁଦ୍ଧ ବନ୍ଦ କରିବା ପାଇଁ ଠୋସ ପଦକ୍ଷେପ ନେବାପାଇଁ କେହି ଚାହୁଁନାହାନ୍ତି। ପରମାଣୁ ଅସ୍ତ୍ରକୁ ପାଥେୟ କରି ତୃତୀୟ ବିଶ୍ୱଯୁଦ୍ଧ ନହେଉ। ପୃଥିବୀ ଧ୍ୱଂସ ହୋଇଯିବ। ଏଇଠି ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ ଐତିହାସିକ ଉଟୟନବିଙ୍କ ଉକ୍ତି ମନେ ପଡୁଛି - "ଯଦି ତୃତୀୟ ବିଶ୍ୱଯୁଦ୍ଧ ହେବ ତେବେ ଚତୁର୍ଥ ବିଶ୍ୱଯୁଦ୍ଧ ପ୍ରସ୍ତର ଯୁଗକୁ ପ୍ରତ୍ୟାବର୍ତ୍ତନ କରିବ। ବୃହତ୍ ଶକ୍ତିମାନେ ଓ ସେମାନଙ୍କୁ ନେତୃତ୍ୱ ଦେଉଥିବା ରାଜନେତା ତଥା ଜନତାମାନେ ସେମାନଙ୍କର ଅବୁଝା ପଣିଆ ମନୋଭାବ ପାଇଁ ବିଶ୍ୱ ଏପରି ସ୍ଥିତିରେ ସମ୍ମୁଖୀନ ହୋଇଛି। ଜାତିସଂଘରେ କୌଣସି ସମୟରେ ନିରସ୍ତ୍ରୀ କରଣ ଆଦର୍ଶଟିକୁ ଉପଯୁକ୍ତ ମୋଡ ଦେଇ ପାରିଲା ନାହିଁ। ଯୁଦ୍ଧ ହେଲେ ପରମାଣୁ ଯୁଦ୍ଧ ହୋଇଯିବ ବୋଲି ରଷକୁ କେହି କିଛି କହିପାରୁ ନାହାନ୍ତି। ଗୋଟିଏ କଥା ନିଶ୍ଚିତ ହେଲା ଯେ ୟୁକ୍ରେନ ଜଳି ପୋଡି ଧ୍ୱଂସ ପାଇଗଲା - ତଥାପି ସେଠିକାର ଜନସାଧାରଣ ଓ ସୈନ୍ୟ ବାହିନୀକୁ ସଲାମ କରିବାକୁ ପଡିବ। ସେମାନେ ଅଶେଷ ତ୍ୟାଗ ସ୍ୱୀକାର କରି ତାଙ୍କ ଦେଶକୁ ରକ୍ଷା କରିବା ପାଇଁ ଦିନ ଦିନ ଧରି ଥଣ୍ଡାରେ ରାଜରାସ୍ତାରେ ଠିଆ ହୋଇ ରଷ ସୈନ୍ୟଙ୍କ ପ୍ରବେଶକୁ ବିରୋଧ କରି ବ୍ଲକେଡ କରିଛନ୍ତି। ନିଜର ନିରାପତ୍ତାକୁ ପ୍ରାଧାନ୍ୟ ଦେଇ ବାରଲକ୍ଷ ଲୋକ ଦେଶ ଛାଡିଛନ୍ତି। ଯୁଦ୍ଧ ବନ୍ଦର ଆହ୍ୱାନ ଦେଇ ସମଗ୍ର ବିଶ୍ୱ ରଷକୁ କଣ ପ୍ରତ୍ୟାଖ୍ୟାନ କରିପାରିବ ନାହିଁ। ତୃତୀୟ ବିଶ୍ୱଯୁଦ୍ଧର ବାଦଲ ଅଧିକ ଘନୀଭୂତ ହେଉଛି। ଭଗବାନଙ୍କୁ ପ୍ରାର୍ଥନା କରିବା ଯେ ଏହା ନ ଘଟୁ।

**ଜେଲ ରୋଡ, ଖୋର୍ଦ୍ଧା**

# ପର୍ଯ୍ୟାପ୍ତ - ଅପର୍ଯ୍ୟାପ୍ତ



**ଡ. ଅଭୟ କୁମାର ନାୟକ**

ଓଡିଆ ଅଭିଧାନାନୁସାରେ 'ପର୍ଯ୍ୟାପ୍ତ' ଶବ୍ଦର ଅର୍ଥ ଯଥେଷ୍ଟ,ପରିମିତ,ଯୋଗ୍ୟ,ସମର୍ଥ ଇତ୍ୟାଦି। ଏଥିରେ 'ଅ' ଯୋଡିଲେ ହୁଏ ଅପର୍ଯ୍ୟାପ୍ତ ଯାହାର ଅର୍ଥ ପ୍ରଚୁର,ଅପରିମିତ,ଅଯୋଗ୍ୟ,ଅସମର୍ଥ ଇତ୍ୟାଦି। ପ୍ରଶ୍ନ ଉଠେ ନିକଟବର୍ତ୍ତୀ ଏହି ଦୁଇଟି ଶବ୍ଦ ମଧ୍ୟରୁ କେଉଁଟା ଆମପାଇଁ ଶୁଭପ୍ରଦ ଓ ଆନନ୍ଦଦାୟକ। ଶୁଭ ଓ ଆନନ୍ଦ କଥା ଏଠାରେ ଏଇଥିପାଇଁ କୁହାଗଲା ଯେ ପ୍ରତ୍ୟେକ ମଣିଷ ତା ଜୀବନରେ ସୁଖ,ଶାନ୍ତି ଓ ଆନନ୍ଦ ପାଇବା ପାଇଁ ହିଁ ଲାଗି ପଡିଛି। ପ୍ରଶ୍ନ ଉଠେ ତାର ଏଇ ଲକ୍ଷ୍ୟ ପୂରଣ ହେଉଛି ତ? ଏହି ଶାନ୍ତି ଆନନ୍ଦ ପାଇଁ 'ପର୍ଯ୍ୟାପ୍ତ' ର ଆବଶ୍ୟକତା ରହିଛି ନା 'ଅପର୍ଯ୍ୟାପ୍ତ' ର।

ଆଜିର ମଣିଷ ପାର୍ଥିବ ଜଗତପ୍ରତି ଏତେ ଆସକ୍ତ ଯେ ସେ ଏହି ଜଗତରେ ଶୀର୍ଷକୁ ଉଠିବା ପାଇଁ ଅପର୍ଯ୍ୟାପ୍ତ ସମ୍ପତ୍ତି ଠୁଳ କରିବାରେ ଲାଗିପଡିଛି। ଅପର୍ଯ୍ୟାପ୍ତ ସମ୍ପତ୍ତି ଠୁଳ ହେଲେ ଯେ ତାହା ମଣିଷ ମନରୁ ଶାନ୍ତି ଓ ଆନନ୍ଦକୁ କାଢି ନିଏ ତାହା ଏ ବହିର୍ମୁଖୀ ମଣିଷ ବୁଝିପାରୁ ନାହିଁ। ଅନ୍ୟପକ୍ଷରେ ପର୍ଯ୍ୟାପ୍ତ ବା ଯଥେଷ୍ଟ ସମ୍ପତ୍ତି କିମ୍ବା ତାଠାରୁ କମ୍ ସମ୍ପତ୍ତି ପାଇ ମଣିଷ ଆନନ୍ଦରେ ବିଭୋର ହୋଇ ଉଠୁଛି; ତାର କାରଣ ସେ ଏଇ ପାର୍ଥିବ ଧନ ସମ୍ପତ୍ତି ବିନିମୟରେ ପୁଣ୍ୟଧନ ଅର୍ଜନ କରିବାକୁ ଶ୍ରେୟ ମଣିଛି। ସେଇଥିପାଇଁ ଅତିବଡୀ ଜଗନ୍ନାଥ ଦାସ ଓଡିଆ ଭାଗବତରେ ଲେଖିଲେ, '' ସମ୍ଭାଳି ରଖ ପୁଣ୍ୟ ଧନ, ଗୋପନେ ଚଳିବା ଯତନ"। ପୁଣ୍ୟଧନକୁ ଗୋପନରେ ସଂଗ୍ରହ କରାଯାଏ। ଅର୍ଥାତ ଦାନ,ଧର୍ମ ଇତ୍ୟାଦି କର୍ମ ଦେଖେଇକି କରାଯାଏନାହିଁ। ଯିଏ ଯେତେ ଦାନ-ଧର୍ମ କରେ ତାର ସମ୍ପତ୍ତି 'ଅପର୍ଯ୍ୟାପ୍ତ' ରୁ 'ପର୍ଯ୍ୟାପ୍ତ'କୁ ଆସିଯାଏ ଯେଉଁଥିପାଇଁ ତାକୁ ବେଶି ଭାରାକ୍ରାନ୍ତ ହେବାକୁ ପଡେନାହିଁ। ଅପର୍ଯ୍ୟାପ୍ତ ସମ୍ପତ୍ତିହେଲେ ଚୌରଭୟ ରହିବା ସ୍ୱାଭାବିକ୍। କିନ୍ତୁ ଏ ସଂସାରରେ ଏମିତି କେଉଁଧନ ଅଛି ଯାହାକୁ ଚୋରି କରାଯାଇ ପାରେନାହିଁ। ତାହା ହେଉଛି ବିଦ୍ୟାଧନ। ବିଦ୍ୟାକୁ ମହାଧନ ବୋଲି ବର୍ଣ୍ଣନା କରାଯାଇଛି। ସେଇଥିପାଇଁ ଓଡିଆ ବର୍ଣ୍ଣବୋଧରେ ଆମେ ପିଲାଦିନୁ ପଢି ଆସିଥିଲୁ ଯେ,''ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ''। ବାଲ୍ୟଅବସ୍ଥାରୁ ଏହି ବିଦ୍ୟା ରୂପକ ମହାଧନକୁ ବା ବିଦ୍ୟାରୂପକ ଦିବ୍ୟଜ୍ଞାନକୁ ଆହରଣ କରିବା କଥା କୁହାଯାଇଛି। ପାଠଶାଳାରେ ଯେଉଁ ବିଦ୍ୟାକଥା କୁହାଯାଇଛି ତାହା ବୈଷୟିକ ଅଥବା ସାଧାରଣ ବିଦ୍ୟା ବା ଜ୍ଞାନ କଥା କୁହାଯାଇଛି। କିନ୍ତୁ ସାଧାରଣ ଏବଂ ବୈଷୟିକ ଜ୍ଞାନ ଉପରେ ଆଉ ଏକ ବିଦ୍ୟା ବା ଜ୍ଞାନ ଅଛି; ତାକୁ ଆହରଣ କରିପାରିଲେ ଜୀବନ ଧନ୍ୟ ହୋଇଯାଏ, ଅପର୍ଯ୍ୟାପ୍ତ ଅର୍ଥ ଜନିତ ଦୁଃଖ -ଯନ୍ତ୍ରଣା ରହେନାହିଁ; ପରିଶେଷରେ ମୁକ୍ତି ମିଳେ। ସେଇଥିପାଇଁ ଶାସ୍ତ୍ରରେ କୁହାଯାଇଛି, ''ଯା ବିଦ୍ୟା ସା ବିମୁକ୍ତୟେ''। ଅର୍ଥାତ ବିଦ୍ୟା ତାକୁ ହିଁ କହିବା ଯାହା ମୁକ୍ତିର ବାଟ ଦେଖାଏ। ଏହି ବିଦ୍ୟା ବା ଜ୍ଞାନ ହିଁ ଦିବ୍ୟଜ୍ଞାନ ଯାହାକୁ ଦେଖିଲେ ଭଗବାନ ସନ୍ତୁଷ୍ଟ ହୁଅନ୍ତି। ସେଇଥିପାଇଁ ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ଅଛି , ''ମଣିଷ ଦେହେ ଦିବ୍ୟଜ୍ଞାନ, ଦେଖି ସନ୍ତୋଷ ଭଗବାନ''। ପ୍ରଭୁଙ୍କ ଜ୍ଞାନ ବା ଆତ୍ମଜ୍ଞାନ ହିଁ ଦିବ୍ୟଜ୍ଞାନ। ଏହି ଦିବ୍ୟଜ୍ଞାନର ଅଧିକାରୀ ହିଁ ମୁକ୍ତିପଥର ଯାତ୍ରୀ ହୁଅନ୍ତି। ଏହି ଜ୍ଞାନର ଅଧିକାରୀ ହେଲେ ଅପର୍ଯ୍ୟାପ୍ତ ଓ ପର୍ଯ୍ୟାପ୍ତ ସମ୍ପତ୍ତି ସବୁ ପଛକୁ ଚାଲିଯାଏ।

ପ୍ରଶ୍ନ ଉଠେ ଅପର୍ଯ୍ୟାପ୍ତ ସମ୍ପତ୍ତି କେତେବେଳେ ଠୁଳ ହୁଏ! ଯେତେବେଳେ କର୍ମୀଟିଏ ତାର ପରିଶ୍ରମଠାରୁ ବା ତାର ନ୍ୟାୟ ସମ୍ମତ ଧନରାଶିଠାରୁ ଅଧିକ ପ୍ରାପ୍ତ ହୁଏ ସେତେବେଳେ ତାକୁ ଆମେ କହୁ 'ଅପର୍ଯ୍ୟାପ୍ତ' ସମ୍ପତ୍ତି। ଅର୍ଥାତ ଯଥେଷ୍ଟରୁ ଅଧିକ। ଏମିତି ପରିସ୍ଥିତି ହେଲେ କ'ଣ ହୁଏ! ଭାଗବତ ମହାପୁରାଣାନୁସାରେ , ''କର୍ମୁ ଅଧିକ ଯେ ଲୋଡନ୍ତି ; ଚୌର ସମାନ ଦଣ୍ଡ ପାନ୍ତି''। ଏହି ଦଣ୍ଡ ବିଭିନ୍ନ ଉପାୟରେ ଆସେ ଆଉ ମାନସିକ ଅଶାନ୍ତି ନେଇକରି ଆସେ।

ବର୍ତ୍ତମାନ ଆସନ୍ତୁ 'ପର୍ଯ୍ୟାପ୍ତ' ର ଅନ୍ୟ ଅର୍ଥ ସମର୍ଥ ବା ଯୋଗ୍ୟ ଅର୍ଥକୁ ବିଶ୍ଳେଷଣ କରିବା। ଯଦି ଆମେ ସମର୍ଥ ବା ଯୋଗ୍ୟ ଆମେ ସବୁକାର୍ଯ୍ୟରେ ଜୟଯୁକ୍ତ ହେବା। ଅନ୍ୟପକ୍ଷରେ ଅଯୋଗ୍ୟ ବା ଅସମର୍ଥତାରେ ଥାଏ ପରାଜୟ। ଏହି ଆଧାରରେ ଶ୍ରୀମଦ୍‌ଭାଗବତ ଗୀତାରେ ବ୍ୟାସଦେବ ଲେଖିଲେ, 'ଅପର୍ଯ୍ୟାପ୍ତଂ ତଦସ୍ମାକଂ ବଳଂ ଭୀଷ୍ମାଭିରକ୍ଷିତମ୍। ପର୍ଯ୍ୟାପ୍ତଂ ତ୍ୱିଦମେତେଷାଂ ବଳଂ ଭୀମାଭିରକ୍ଷିତମ୍''।(ଶ୍ରୀ.ଭା.ଗୀ-୧/୧୦)। ଅର୍ଥାତ ଭୀଷ୍ମଙ୍କ ଦ୍ୱାରା ରକ୍ଷିତ ସୈନ୍ୟଗଣ ଅସଂଖ୍ୟ, କିନ୍ତୁ ଭୀମଙ୍କ ଦ୍ୱାରା ରକ୍ଷିତ ପାଣ୍ଡବପକ୍ଷୀୟ ସୈନ୍ୟ ସଂଖ୍ୟା ଅପେକ୍ଷାକୃତ କମ୍। ଯେତେବେଳେ ଭୀଷ୍ମଙ୍କ ସୈନ୍ୟମାନେ ଅପର୍ଯ୍ୟାପ୍ତ ଭୁକ୍ତ; ଅନ୍ୟପକ୍ଷରେ ଭୀମଙ୍କ ସୈନ୍ୟ ସୀମିତ। ପାଣ୍ଡବମାନେ ସଂଖ୍ୟାରେ କମ୍ ହେଲେ ମଧ୍ୟ ସେମାନେ ଥିଲେ ଜ୍ଞାନର ଅଧିକାରୀ।

ମହାଭାରତ ଯୁଦ୍ଧର ବର୍ଣ୍ଣନା ଶୁଣି ଗୁରୁ ଦ୍ରୋଣାଚାର୍ଯ୍ୟ ହେଉଥିଲେ ବ୍ୟଥିତ କାରଣ ତାଙ୍କୁ ଜଣାଥିଲା କୌରବ ସେନା ପାଣ୍ଡବ ସେନାଙ୍କ ଉପରେ ବିଜୟଲାଭ କରିବା ଅସମର୍ଥ ବା ଅପର୍ଯ୍ୟାପ୍ତ ଯାହାର ସଂରକ୍ଷକ ହେଉଛନ୍ତି ଭୀଷ୍ମ। ଅନ୍ୟପକ୍ଷରେ ପାଣ୍ଡବମାନଙ୍କ ସେନା କୌରବ ସେନାଙ୍କ ଉପରେ ବିଜୟ କରିବାରେ ସମର୍ଥ ବା ପର୍ଯ୍ୟାପ୍ତ କାରଣ ଏହାର ସଂରକ୍ଷକ ହେଲେ ସ୍ଥୁଳରେ ଭୀମସେନ କିନ୍ତୁ ସୂକ୍ଷ୍ମରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ।

ତେବେ ଯାହା ହେଉ ଏହି ପର୍ଯ୍ୟାପ୍ତ /ଅପର୍ଯ୍ୟାପ୍ତର ଜ୍ଞାନଥିଲା ପାଣ୍ଡବମାନଙ୍କର । ତାଙ୍କୁ ଜଣାଥିଲା ପର୍ଯ୍ୟାପ୍ତ/ଅପର୍ଯ୍ୟାପ୍ତର ସ୍ୱତ୍ତ୍ୱିକାରୀ ତାଙ୍କ ସାଙ୍ଗରେ ଅଛନ୍ତି ଯାହାଙ୍କ ଶ୍ରୀଚରଣରେ ସେ ଶରଣଯାଇ ଆଜି ଧରିଛନ୍ତି ମହାଭାରତ ଯୁଦ୍ଧରେ। ଆମେ ଏ ସଂସାରକୁ ଜାବୁଡି ଧରିଲେ ଅପର୍ଯ୍ୟାପ୍ତ ଧନ



ଯେଉଁମାନେ ବିନା ପ୍ରତିବାଦରେ ତୁମର ସବୁ କଥା ମାନିଯାଆନ୍ତି, ସେମାନଙ୍କୁ କେବେହେଲେ ବିଶ୍ୱାସ କର ନାହିଁ।

ସଂଗ୍ରହ କରି ଅସମର୍ଥ ହେଇପଡିବା । ଆମେ ଏପରି ଧନ ସଂଗ୍ରହ କରିବା ଯେ ଯାହାକୁ ପାଇଲେ ଅପର୍ଯ୍ୟାପ୍ତ ସମ୍ପତ୍ତି ଅବଶ୍ୟ ମିଳିବ । କିନ୍ତୁ ସେହି ମହାଧନ ବିଦ୍ୟା ବା ଜ୍ଞାନକୁ ଆହରଣ କରିବାକୁ ଆମେ ଆଜି କେତେ ତତ୍ପର; ଆମ ଦ୍ୱାରା ଉପାର୍ଜିତ ଏହି ବିଷୟା ବିଷୟ ଜନିତ ଧନ ସାଙ୍ଗରେ ଯିବ ନାହିଁ । ସେତେବେଳେ କେବଳ ଦରକାର ପଡିବ ଛଅଖଣ୍ଡ କାଠ । ସେଇଥିପାଇଁ ଭକ୍ତଚରଣ ଦାସ ମନବୋଧ ଚଉତିଶାରେ ଲେଖିଲେ, ''ଛୁଇଁବେ ନାହି ତୋତେ ବୋଲିବେ ମଡା, ଛଖଣ୍ଡି କାଠ ହେବ ତୋ ପାଇଁ ଲୋଡା'' । ଯଦି ମାତ୍ର ଛଅଖଣ୍ଡ କାଠର ଲୋଡା ତେବେ ଏତେ ବ୍ୟସ୍ତ,ବିବ୍ରତ ହେବାର କୌଣସି କାରଣ ନାହିଁ । ଯେତେବେଳେ ମଣିଷ ଏତିକି କଥା ବୁଝିଯିବ ତା ଭିତରେ ଦିବ୍ୟଜ୍ଞାନ ଉଦୟ ହେବ ହିଁ ହେବ; ତାର ଭାବନାରେ ପରିବର୍ତ୍ତନ ଅବଶ୍ୟ ଆସିବ । ପର୍ଯ୍ୟାପ୍ତ/ ଅପର୍ଯ୍ୟାପ୍ତକୁ ନେଇ ଯାହାର ଯେମିତି ଭାବନା ସେ ସେମିତି ଫଳପ୍ରାପ୍ତି କରେ । ସେଇଥିପାଇଁ ଶାସ୍ତ୍ରରେ କୁହାଯାଇଛି, ''ଯାଦୃଶୀ ଭାବନା ଯସ୍ୟ, ସିଦ୍ଧି ର୍ଭବତି ତାଦୃଶୀ'' । ଅର୍ଥାତ ମନର ଭାବନାନୁସାରେ ଫଳପ୍ରାପ୍ତି ହୁଏ । ସେଇଥିପାଇଁ ଭାଗବତ ଲେଖିଲେ, ''ଯାର ଯେମନ୍ତ ଭାବ ଦେଖି । ନାବ ମୁଁ ଦିଅଇ ସଳଖି'' । । ଏଇ ସବୁ ଦିବ୍ୟଜ୍ଞାନ ମିଳିଥାଏ ଗୁରୁଙ୍କଠାରୁ । ଏଥିପାଇଁ ଦରକାର ଶ୍ରଦ୍ଧା ଓ ବ୍ୟାକୁଳତା । କଥାରେ ଅଛି ''ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ'' । ଶ୍ରଦ୍ଧାଥିଲେ ଦିବ୍ୟଜ୍ଞାନ ଅବଶ୍ୟ ମିଳିବ । ପର୍ଯ୍ୟାପ୍ତ ଓ ଅପର୍ଯ୍ୟାପ୍ତର ପରିଭାଷା ଉଭୟ ସ୍ଥୁଳ ଏବଂ ସୁକ୍ଷ୍ମରେ ବୁଝିହେବ । ତେଣୁ ଆସନ୍ତୁ ସମସ୍ତେ ଶ୍ରଦ୍ଧାବାନ ହେବା ଆଉ ପରଂବ୍ରହ୍ମଙ୍କ ପାଦପଦ୍ମରେ ମନ ଲଗାଇ ତାଙ୍କର କୃପାପ୍ରାର୍ଥୀ ହେବା ।

-ଜୟ ଜଗନ୍ନାଥ -

**କୁଳସଚିବ ନାଇଜର**
**ୟୁନିଟ-୯, ଭୁବନେଶ୍ୱର**
**ମୋ - ୯୪୩୭୪୯୭୮୭୮**

# ସଖୀ ଦେଖଲୋ ଦେଖ

**ବାବାଜୀ ଚରଣ ଜେନା**



ସଖୀ ଦେଖଲୋ ଦେଖ
ନବ ଯଉବନ ବେଶ
କୋଟି କାମ ଜିଣା ,, ସେ ରୂପ ମାଧୁରୀ
ଅଧା ଅଧରରେ ହସ
ସଖୀ ଦେଖଲୋ ଦେଖ ,,,।୦ ।

ଅଣସର ଘରୁ ବାହାର ହୋଇ ସେ
ଛଇଳ ନାଗର ମଣି
ବାଙ୍କ ଚାହାଣିରେ ଚାହିଁ ଦିଅନ୍ତି ଲୋ
କେମିତି ସେ ବେଣୁପାଣି
ରତ୍ନ ସିଂହାସନେ,,,ଦର୍ଶନ ମାତ୍ରକେ
କୋଟି ପାପ ହୁଏ ନାଶ
ସଖି ଦେଖଲୋ ଦେଖ,,,।୧ ।

ଅଙ୍ଗରେ ତାହାର ପୀତ ବସନଲୋ
ଗଳାରେ ଦୟଣା ମାଳ
କର୍ଣ୍ଣରେ କୁଣ୍ଡଳ ହୁଏ ଝଲମଲ
ମଥାରେ ତୁଳସୀ ଚୂଳ
କି କୁହୁକ କରେ,,,,ତା ଚକା ଆଖିରେ
ଭକତ ହୁଅଇ ବଶ
ସଖୀ ଦେଖଲୋ ଦେଖ,,,,।୨ ।

**ଅହଲ୍ୟା ନିବାସ**
**ପୋପରଡା, ନୂଆବଜାର,କଟକ ୪**
**୯୪୩୭୮୩୪୭୧୯**

# ନିଅଣ୍ଟ

**ଯମେଶ୍ୱର କହଲସିଂହ**



ନେତାଙ୍କୁ ନିଅଣ୍ଟ ଏଠି
ରାଜଭୋଗ, ପଦ ଓ ପଦବୀ
ଟାଉଟରଙ୍କୁ ନିଅଣ୍ଟ
କୁମନ୍ତ୍ରଣା, ମଳବୁଦ୍ଧି
ପାପୀ ପାଇଁ ପାପର ପରିଧି
ଆଖି ପାଇଁ ନିଅଣ୍ଟ ଲୋତକ
ଋଷୀ ପାଇଁ ମାଟିର ମହକ
ଅବିବେକି ଜନପାଖେ
ମନ ଆଉ ବିବେକ ନିଅଣ୍ଟ
ମେଘକୁ ନିଅଣ୍ଟ ପାଣି
ପବନର ବେଗ
ପ୍ରେମିକାକୁ ଊଣା ହୁଏ
ଅସରନ୍ତି ଅନୁଭବ, ସପନ ସରାଗ
ଠିକାଦାରକୁ ନିଅଣ୍ଟ ଠକିବା ଯୋଜନା
ଜହ୍ନକୁ ନିଅଣ୍ଟ ହୁଏ
ଆକାଶର ଅକ୍ଷାଂଶ ଦ୍ରାଘିମା
କାମକୁ ଓ ବିଟପୀଙ୍କୁ ଅଣ୍ଟେନାହିଁ
ରାତି ଆଉ ରତି
ଧନୀ ପାଇଁ ଧନରତ୍ନ କୁବେର ସପତ୍ତି
ନଅଣ୍ଟିଆ ବଜେଟରେ
ମୋ ସ୍ୱପ୍ନର ରାଜଉଆସରେ
ସମୟ ନିଅଣ୍ଟ ହୁଏ
ହସିବାକୁ,ବସିବାକୁ ,ନୂଆ କଥା କିଛିକରିବାକୁ,
ମନ ଖୋଲି କଥା କହିବାକୁ
ଭଲ କରି ଚିହ୍ନିବାକୁ
ତୁମେ ମୋତେ / ମୁଁ ତୁମକୁ
ଆମେ ସମସ୍ତଙ୍କୁ......

**ଲୋକିପୁର**
**ଗଡମାଣତୀର, ଖୋର୍ଦ୍ଧା**
**୯୯୩୭୪୭୨୧୧୮**



ଯାହାର ମନ ମଧ୍ୟରେ ପରର ହିତ କାମନା ସର୍ବଦା ଜାଗରୁକ ଥାଏ, ଜଗତରେ ତା'ର ଦୁର୍ବଳ ହୋଇ କିଛି ନାହିଁ ।

# ଯୌବନ ଓ ବାର୍ଦ୍ଧକ୍ୟ ମଧ୍ୟରେ ସମନ୍ୱୟ



ତୁଳସୀ ଜୈନ

ଜୀବନର ତିନୋଟି ଅବସ୍ଥା । ବାଲ୍ୟକାଳ, ଯୌବନ ଓ ବାର୍ଦ୍ଧକ୍ୟ । ଅପରିପକ୍ୱ ବାଲ୍ୟକାଳ ଏବଂ ଅକ୍ଷମ ବାର୍ଦ୍ଧକ୍ୟର ମଧ୍ୟଭାଗରେ ତାରୁଣ୍ୟର ଆଭା ପ୍ରକଟିତ ହୋଇଥାଏ । ବାଳସୁଲଭ ଚ଼ପଳତା ଓ ଅନୁଭବ ଭରା ପ୍ରୌଢ଼ତା, ଏହି ଦୁଇ ତଟ ମଧ୍ୟ ଦେଇ ଯୌବନର ସ୍ରୋତସ୍ୱିନୀ ତୀବ୍ରଗତିରେ ପ୍ରବାହିତ ହୋଇଥାଏ। ବସନ୍ତ ଯଦି ଋତୁମାନଙ୍କ ଯୌବନ ତ' ଯୌବନ ହେଉଛି ଜୀବନର ବସନ୍ତ। ନିରାଶା ସହିତ ଯୁବକର ଆମନା ସାମନା ହେବା କଦାପି ଉଚିତ ନୁହେଁ। ସୂର୍ଯ୍ୟ ସାମନାରେ ଅନ୍ଧକାରର ଅସ୍ତିତ୍ୱର କଳ୍ପନା କରାଯାଇ ନ ପାରେ । ଯୁବକ ଆପଣା ଭାଗ୍ୟର ସ୍ୱୟଂ ନିର୍ମାଣ କରିଥାଏ । ଛୋଟ ମୋଟ ବିରୋଧର ସମ୍ମୁଖୀନ ହୋଇ ନ ପାରି ଯେ ଆଲୋକପଥରୁ ଚ୍ୟୁତ ହୁଏ ତାକୁ କ'ଣ କହିବା ? ନିଜ ଗୁରୁଦାୟିତ୍ୱକୁ ସ୍ମରଣ କରି ଯେ ନିରନ୍ତର ପ୍ରଗତି ପଥରେ ଅଗ୍ରସର ଥାଏ ସେହି ଯୁବକ ହିଁ ଯୁଗୀୟ ସ୍ୱପ୍ନ ସାକାର କରିଥାଏ । ସଂଘର୍ଷକୁ ଆମନ୍ତ୍ରଣ ଦେଇପାରୁଥିବ, ପ୍ରତିସ୍ରୋତଗାମୀ, ବର୍ତ୍ତମାନଜୀବୀ, ପ୍ରତିକୂଳ ଅବସ୍ଥାକୁ ଅନୁକୂଳ କରିପାରିବାର ସାମର୍ଥ୍ୟ ରଖିଥିବ, ଚିନ୍ତା ଓ ଭୟରୁ ମୁକ୍ତ ଥିବ ଏବଂ ପୁରୁଷାର୍ଥର ଦୀପ ଶିଖା କୁ ପ୍ରଜ୍ୱଳିତ କରି ପାରିବାରିକ- ସାମାଜିକ-ରାଷ୍ଟ୍ରୀୟ ଦାୟିତ୍ୱର ସମ୍ୟକ ନିର୍ବହଣ କରି ପାରୁଥିବ - ଏକ ବିଂଶ ଶତାବ୍ଦୀର ଯୁବ ସମାଜର ଏହି କଳ୍ପନା ସତରେ କେତେ ସୁଖଦ ଓ ମନୋହର । ଆଉ ଗୋଟିଏ କଥା ପରିବାର ଓ ସମାଜର ବରିଷ୍ଠ ନାଗରିକଙ୍କ ପ୍ରତି ତା ମନରେ ସମ୍ମାନ ଓ ସହିଷ୍ଣୁତାର ଭାବନା ନିହାତି ରହିଥିବା ଦରକାର। ସଂପ୍ରତି ପରିବାର ଭିତରେ ବୟସ୍କ ଲୋକଙ୍କ ସହ ଯୁବକମାନଙ୍କ କଥା କଟାକଟି ପ୍ରାୟ ଲାଗି ରହୁଛି । ଗୋଟିଏ ଆଲୋଚ଼ନାଚକ୍ର ଚ଼ାଲିଥାଏ । ସମାଜରେ ବୃଦ୍ଧଙ୍କ ଉପଯୋଗିତା ଅଧିକ ନା ଯୁବକଙ୍କ ଉପଯୋଗିତା ଅଧିକ ? ଯୁବ ସମାଜର ପ୍ରତିନିଧିମାନେ ଜଣେ ପରେ ଜଣେ ଆସି କହି ଚ଼ଲିଲେ। ସେମାନଙ୍କୁ ସବୁ କଥାରେ ବୃଦ୍ଧମାନେ ବାଧା ଦେଉଛନ୍ତି। ଅନାବଶ୍ୟକ ହସ୍ତକ୍ଷେପ କରୁଛନ୍ତି । ଆମକୁ ଦୁଗ୍ଧ ପୋଷ୍ୟ ଶିଶୁ ମଣୁଛନ୍ତି। ସବୁବେଳେ ବିରକ୍ତ ହେଉଛନ୍ତି। ଆମର କର୍ତ୍ତୃତ୍ୱ ପ୍ରତି ସନ୍ଦେହ କରୁଛନ୍ତି। ଏମାନଙ୍କ ଯୋଗୁଁ ଆମ ସୃଜନାତ୍ମକ ଚେତନା ଲୋପ ପାଇ ବସିଲାଣି । ଆମ ଆତ୍ମବିଶ୍ୱାସ ଟଳମଳ ହେଲାଣି।

ବୟୋବୃଦ୍ଧମାନଙ୍କ ଆଡୁ ପ୍ରତିବାଦର ସ୍ୱର ଭାସି ଆସିଲା - ଆରେ ! ସେମାନେ ଯେତେ ଅନ୍ନ ଖାଇଛନ୍ତି, ଆମେ ତା'ଠାରୁ ବେଶୀ ଲୁଣ ଖାଇଛୁଁ । ତଥାପି ଯୁବ ସମାଜ ଆମକୁ ଉପେକ୍ଷା କରି ଚ଼ାଲିଛି । କଥା କଥାକେ ଆମକୁ ନାଲି ଆଖି ଦେଖାଉଛି । ଆମକୁ ବ୍ୟୟିତ ଶକ୍ତି (Spent force) ଭାବୁଛନ୍ତି। ଆମ ପ୍ରତି ଗଭୀର ଅସହନଶୀଳତାର ପ୍ରଦର୍ଶନ କରୁଛନ୍ତି । ସେମାନେ ବିଶୃଙ୍ଖଳ, ଅମାନିଆ, ଜିଦଖୋର। ଆୟଠାରୁ ବ୍ୟୟ ବେଶି କରୁଛନ୍ତି । ବାର୍ଦ୍ଧକ୍ୟ ଓ ଯୌବନ ମଧ୍ୟରେ ଏମିତି ଚିରନ୍ତନ ସଂଘର୍ଷ ଲାଗି ରହିଛି। ଗତକାଲି ଓ ଆସନ୍ତାକାଲି ମଧ୍ୟରେ ବିବାଦ । ତନ୍ମଧ୍ୟରେ ବେଚ଼ାରା "ଆଜି" ପେଷି ହୋଇଯାଉଛି ।

ଆଲୋଚନା ମୃଦୁବାକ୍ ବିତଣ୍ଡାର ରୂପ ନେଲା । ଭାରତୀୟ ମନୀଷା ତା'ର ସୁନ୍ଦର ସମାଧାନ ପ୍ରସ୍ତୁତ କଲା । ସମାଜ ପାଇଁ ଉଭୟଙ୍କର ଆବଶ୍ୟକତା ଓ ଉପଯୋଗିତା ରହିଛି । ବୃଦ୍ଧମାନେ ନିଜ ଅଭିଜ୍ଞତା ଓ ଅନୁଭବରୁ ସମାଜର ମାର୍ଗ ଦର୍ଶନ କରିବେ । ସେମାନେ ଶୀତଳ ଓ ଉଷ୍ଣ ଉଭୟ କାଳ ଦେଖିଛନ୍ତି । କିନ୍ତୁ ସେମାନଙ୍କ କର୍ମଜାଶକ୍ତି କ୍ଷୀଣ । ସମାଜପାଇଁ ସେମାନେ ଚକ୍ଷୁର କାର୍ଯ୍ୟ କରିବେ। ସମାଜକୁ ଉଚ଼ିତ ମାର୍ଗ ଦର୍ଶନ ଦେଇ ପାରିବେ । ସେମାନଙ୍କ ବିନା ସମାଜ ଅନ୍ଧ ପାଲଟିବ ଏଥିରେ ସନ୍ଦେହ ନାହିଁ ।

ଭାରତୀୟ ମନୀଷା ପୁଣି ମୁଖର ହେଲା । ତେବେ ସମାଜରେ ଯୁବକମାନଙ୍କ ଉପଯୋଗିତା ସବୁଠୁ ବେଶୀ । ସେମାନଙ୍କ ମଧ୍ୟରେ ଶାରୀରିକ ବଳ, କାମ କରିବାର ଶକ୍ତି ପ୍ରଚଣ୍ଡ ମାତ୍ରାରେ ରହିଥାଏ । ଅଭିଜ୍ଞ ଲୋକଙ୍କ ଦ୍ୱାରା ଦେଖାଇଥିବା ରାସ୍ତାରେ ଏମାନେ ଚ଼ାଲି ପାରିବେ । ଦଉଡ଼ି, ଝୁଣ୍ଟେଇ ଗଡ଼ି ପଡ଼ି ଏମାନେ ଲକ୍ଷ୍ୟ ଅବଶ୍ୟ ପ୍ରାପ୍ତ କରିବେ । ଏମାନେ ସମାଜର ଗୋଡ଼ ସଦୃଶ । ଏମାନଙ୍କ ବିନା ସମାଜ ଯେ ପଙ୍ଗୁ ଏଥିରେ ସନ୍ଦେହ ନାହିଁ ।

ସମାଜର ଯୁବକ ଓ ପ୍ରୌଢ଼ ଉଭୟଙ୍କ ବରାବର ଆବଶ୍ୟକତା ରହିଛି । ଯଦି ଜଣକର ବି ଅବହେଳା ହେଲା ତେବେ ସମାଜ ଅନ୍ଧ କିମ୍ବା ପଙ୍ଗୁ ହୋଇ ବିକଳାଙ୍ଗ ପାଲଟିବ । ଯୁବକ ଯଦି ଧୀରସ୍ଥିର ସହିଷ୍ଣୁ ବିବେକସମ୍ପନ୍ନ ହୋଇଥିବ ଓ ଯା'ର ଆବେଶ ଓ ଆବେଗ ନିୟନ୍ତ୍ରଣାଧୀନ ଥିବ ଭବିଷ୍ୟତ ତା' ନାମରେ ସୁରକ୍ଷିତ ରହିବ। ସମାଜର ବରିଷ୍ଠ ନାଗରିକ ମାନେ ସମସ୍ତ ପାରିବାରିକ ଦାୟିତ୍ୱରୁ ମୁକ୍ତ ହୋଇ ନିବୃତ୍ତିର ମାର୍ଗ ଅନୁସରଣ କରିବା ଉଚିତ୍ । ଯାହା ଖାଇବାକୁ ମିଳିବ ଖାଇ ଦେଇ ଆନନ୍ଦିତ ରହିବାର ଆନ୍ତରିକ ପ୍ରଯତ୍ନ କଲେ ହେଲା । ପିଲାମାନେ ଭୁଲ କଲେ ବି ଚୁପ ରହି ଓ ସେମାନଙ୍କ କୌଣସି କାର୍ଯ୍ୟରେ ପ୍ରତିବନ୍ଧକ ନ ସାଜି ପରାମର୍ଶ ଲୋଡା ହେଲେ ଆପଣାର ଅଭିଜ୍ଞତାରୁ ସେମାନଙ୍କ ମାର୍ଗ ପ୍ରଶସ୍ତ କରିବା ଉଚିତ୍। ସେମାନଙ୍କ କଥା କେତେ ରହୁଛି ତା'ର ବି ଚିନ୍ତା କରିବା ଠିକ୍ ହେବ ନାହିଁ । କ୍ରୋଧ ଓ ଚିଡ଼ ଚିଡ଼ିଆ ପ୍ରବୃତ୍ତିକୁ ଛାଡ଼ି ପାରିଲେ ପରିବାରର ଯୁବପିଢ଼ି ପାଇଁ ସମ୍ମାନନୀୟ ସହଜରେ ହୋଇ ପାରିବେ ।

ଏପରି ଭାବରେ ସମାଜରେ ସମନ୍ୱୟ ପ୍ରତିଷ୍ଠା କରି ପାରିଲେ ଶାନ୍ତି ଓ ପ୍ରେମର ବାତାବରଣ ସ୍ଥାୟୀ ହେବ ଏବଂ ସମାଜର ଗୁଣାତ୍ମକ ବିକାଶ ହେବା ସଙ୍ଗେ ସଙ୍ଗେ କିଛି ନୂଆ କରିବାର ପରିସ୍ଥିତି ସୃଷ୍ଟି ହେବ । ସମାଜରେ ପିଢ଼ିର ଅନ୍ତରାଳ (Generation Gape) ମୂଲ୍ୟବୋଧର ଅନ୍ତରାଳ ସୃଷ୍ଟି କରି ପାରିବ ନାହିଁ ।

ପୋ: ତୁଷୁରା - ୭୬୭୦୩୦, ଜି. ବଲାଙ୍ଗିର
ମୋ - ୭୯୭୮୦୮୨୭୬୬



ତୁମ୍ଭମାନଙ୍କର ଶତ୍ରୁମାନଙ୍କୁ ପ୍ରେମକର, ଯେଉଁମାନେ ତୁମ୍ଭମାନଙ୍କୁ ଘୃଣା କରନ୍ତି, ସେମାନଙ୍କର ମଙ୍ଗଳ କର।

# ପରମ୍ପରା ଓ ସଂସ୍କୃତିର ସମନ୍ୱୟ ଶୀତଳ ଷଷ୍ଠୀ



ଉମାଶଙ୍କର ପ୍ରସାଦ

ପରମ୍ପରା ଓ ସଂସ୍କୃତି ଓତପ୍ରୋତଃ ଭାବରେ ଜଡ଼ିତ। ସଂସ୍କୃତି ବିନା ପରମ୍ପରା ବଞ୍ଚି ରହେନା କି ପରମ୍ପରା ବିନା ସଂସ୍କୃତିର କିଛି ମାନେ ରହେନା। ସେହିପରି ଏକ ଅନନ୍ୟ ପରମ୍ପରା ହେଉଛି ଶୀତଳ ଷଷ୍ଠୀ ଯାହା "କାଳସାର" ଗ୍ରନ୍ଥ ଅନୁସାରେ କୁହାଯାଇଛି:-

*"ଜ୍ୟେଷ୍ଠ ମାସି ସିତେ ପକ୍ଷେ ଷଷ୍ଠ୍ୟା ଆରଣ୍ୟକ ବ୍ରତେ*

*ଯେ ବିନ୍ଧ୍ୟବାସିନୀ ଦେବୀଂ ପୂଜୟେ ଯୁର୍ବନେଗତାଃ*

*ତେ ଫଳମୂଳାହାରାଃ ଲଭନ୍ତେ ସନ୍ତତିହିତାଃ।"*

ଅର୍ଥାତ୍ ଏହି ଆରଣ୍ୟକ ବ୍ରତ ପାଳନ କରି ଫଳାହାର ପୂର୍ବକ ଷଷ୍ଠୀ ଦିନ ଶିବଶକ୍ତିଙ୍କୁ ଉପାସନା କରୁଥିବା ନାରୀମାନେ ଉତ୍ତମ ସନ୍ତାନ ଲାଭ କରନ୍ତି ବୋଲି କୁହାଯାଇଛି।

ମହାକବି କାଳି ଦାସ "ମେଘଦୂତ" କାବ୍ୟରେ ସୁଷୁମ୍ନା ନାଡ଼ୀକୁ ପାର୍ବତୀ ରୂପେ ଓ ମେରୁଦଣ୍ଡକୁ ହିମବାନ୍ ରୂପେ ବର୍ଣ୍ଣନା କରିଛନ୍ତି। ତାତ୍ତ୍ୱିକ ଦୃଷ୍ଟିରେ ମେରୁଦଣ୍ଡର ମୂଳରେ ଏକ ତ୍ରିକୋଣ ଶକ୍ତି ପୀଠରେ ସ୍ୱୟଂଭୂ ସଦାଶିବ ବିରାଜିତ ଅଛନ୍ତି। ଏହି ମେରୁଦଣ୍ଡ ଶକ୍ତି, ସିଦ୍ଧ ଓ ଚମତ୍କାରିତାର କେନ୍ଦ୍ରସ୍ଥଳରୂପେ ପରିଚିତ। ସୁଷୁମ୍ନା ନାଡ଼ୀ ରୂପୀ ପାର୍ବତୀଙ୍କର ଶକ୍ତିପୀଠରେ ବିରାଜିତ ଶିବଙ୍କ ସହିତ ମିଳନ ଅର୍ଥାତ୍ ବିବାହ ଫଳରେ କୁଣ୍ଡଳିନୀ ଶକ୍ତି ଜାଗ୍ରତ ହୋଇ ଶକ୍ତିମାନ ଅର୍ଥାତ କାର୍ତ୍ତିକେୟଙ୍କର ଜନ୍ମ ହୋଇଛି। ଏଣୁ ଯୁଗ ଯୁଗ ଧରି ଶିବଙ୍କୁ ଧର୍ମର ସ୍ୱରୂପରେ ଓ ପାର୍ବତୀଙ୍କୁ ଶକ୍ତିଙ୍କ ସ୍ୱରୂପରେ ଗ୍ରହଣ କରି ଏହି ଶିବ ବିବାହକୁ ଶିବ ଶକ୍ତିଙ୍କ ଆଧାତ୍ମିକ ମିଳନର ଉତ୍ସବ ରୂପେ ପରିକଳ୍ପନା କରାଯାଇଛି।

କିମ୍ବଦନ୍ତୀରୁ ଜଣାଯାଏ ଯେ ଜାଗର ଅମାବାସ୍ୟା ପରେ ଶିବ ଭୟଙ୍କର ରୂପ ଧାରଣ କରିଥାନ୍ତି। ଏଣୁ ପାର୍ବତୀଙ୍କ ସହ ବିବାହ ପରେ ସେ ଶୀତଳତା ଅନୁଭବ କରନ୍ତି ଓ ଶାନ୍ତ ରୂପରେ ପ୍ରକାଶିତ ହୋଇଥାନ୍ତି ଏଥିପାଇଁ ଶିବ ବିବାହର ପରବର୍ତ୍ତୀ ଦିବସଟି ଶୀତଳଷଷ୍ଠୀ ରୂପେ ପାଳିତ ହୋଇଥାଏ। ଅନ୍ୟ ଏକ ମତବାଦରୁ ଜଣାଯାଏ ଜ୍ୟେଷ୍ଠମାସରେ ଗୀଷ୍ମର ପ୍ରକୋପ ଅଧିକ ଅନୁଭୂତ ହେଉଥିବାରୁ ଭୂପୃଷ୍ଠରେ ଉତ୍ତପ୍ତ ନିଦାଘର ଜ୍ୱାଳାରୁ ରକ୍ଷାପାଇବା ପାଇଁ ପ୍ରାଣୀଜଗତ ସଦାଶିବଙ୍କୁ ଆରାଧନା କରିଥାନ୍ତି। ଏବଂ ଶିବ ବିବାହପରେ ଶୀତଳଷଷ୍ଠୀଠାରୁ ଧରାପୃଷ୍ଠରେ ଶୀତଳତା ଅନୁଭବ କରାଯାଇଥାଏ ଓ ମୌସୁମୀ ପ୍ରବାହ ଆରମ୍ଭ ହୋଇଥାଏ।

ଓଡ଼ିଶାର ସ୍ମୃତି ଶାସ୍ତ୍ରଗୁଡ଼ିକରେ ଶୀତଳ ଷଷ୍ଠୀକୁ ଆରଣ୍ୟକ ଷଷ୍ଠୀ ଓ ସ୍କନ୍ଦଷଷ୍ଠୀ ରୂପରେ ମଧ୍ୟ ବିବେଚନା କରାଯାଏ। ଶୀତଳ ଷଷ୍ଠୀ ବ୍ରତକଥା ଅନୁସାରେ ଶିବଙ୍କୁ ପତିରୂପେ ପାଇବା ପାଇଁ ପାର୍ବତୀ କଠୋର ତପସ୍ୟା କରିବା ଫଳରେ ତାଙ୍କ ଶରୀରରୁ ଭୟଙ୍କର ତେଜ ନିର୍ଗତ ହେଲା ଏବଂ ସମଗ୍ର ଧରାପୃଷ୍ଠ ଉତପ୍ତ ହେବାରେ ଲାଗିଲା ଏହାକୁ ପ୍ରଶମିତ କରିବାପାଇଁ ଭଗବାନ ବିଷ୍ଣୁଙ୍କ ଉଦ୍ୟମରେ ଶିବଶକ୍ତିଙ୍କର ମିଳନ ହେଲା। ଏବଂ ସମସ୍ତ ଜଗତ ଶୀତଳତା ଅନୁଭବ କଲା। ତେଣୁ ଏହି ପର୍ବ ଶୀତଳଷଷ୍ଠୀ ନାମରେ ଅଭିହିତ। ଶିବଶକ୍ତିଙ୍କର ମିଳନ ପରେ ସ୍କନ୍ଦଜନ୍ମ ସମ୍ଭବ ହୋଇଥିବାରୁ କେହି କେହି ଏହାକୁ ସ୍କନ୍ଦଷଷ୍ଠୀ ମଧ୍ୟ କୁହନ୍ତି।

ଓଡ଼ିଶାରେ ଏହି ପରମ୍ପରାର ପୃଷ୍ଠଭୂମିକୁ ଅବଲୋକନ କଲେ ଜଣାଯାଏ ଚତୁର୍ଥ ଶତାବ୍ଦୀରେ ଶୈବଧର୍ମର ଅଭ୍ୟୁଦୟ ହୋଇଥିଲା। କେନ୍ଦୁଝରର ଆସନ ପାଟଶିଳା ଲେଖାରୁ ଏହା ପ୍ରମାଣ ମିଳେ କିନ୍ତୁ ପ୍ରାୟ ପଞ୍ଚମ ଶତାବ୍ଦୀ ବେଳକୁ ଶିବଙ୍କୁ ଶୈବସିଦ୍ଧାନ୍ତ ମତରେ ଏକ ବ୍ୟକ୍ତିଗତ ଦେବତା ରୂପରେ ଗ୍ରହଣ କରାଯାଇଥିଲା। ଏହାପରେ ପ୍ରାୟ ୭ମ ଶତାବ୍ଦୀରେ ଶୈଳୋଦ୍ଭବ ରାଜବଂଶର ଶାସନ ସମୟରେ ପର୍ଶୁରାମେଶ୍ୱର ମନ୍ଦିରର ଜଗମୋହନର ଅଗ୍ରଭାଗରେ ସର୍ବପ୍ରଥମେ ଶିବ ପାର୍ବତୀଙ୍କର ବିବାହ ଦୃଶ୍ୟ ଖୋଦିତ ହୋଇଥିଲା। ବରକନ୍ୟା ରୂପେ ସଜ୍ଜିତ ଏହି ମୂର୍ତ୍ତି ଅତ୍ୟନ୍ତ ରମଣୀୟ ଓ ଆକର୍ଷଣୀୟ ମଧ୍ୟଥିଲା। ଏଣୁ ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିରୁ ପ୍ରାୟ ସପ୍ତମ ଅଷ୍ଟମ ଶତାବ୍ଦୀପରଠାରୁ ଓଡ଼ିଶାରେ ଶିବବିବାହର ପରମ୍ପରା ପ୍ରଚଳିତ ହୋଇଥିଲା ବୋଲି ଅନୁମେୟ। ଇତିହାସର ପୃଷ୍ଠଭୂମିରେ ତ୍ରିଭୁବନେଶ୍ୱର ଲିଙ୍ଗରାଜ ବା କୃତ୍ତିବାସଙ୍କର ମନ୍ଦିର କେଶରୀ ବଂଶର ରାଜା ଉଦ୍ୟୋତ କେଶରୀ (ଲଲାଟେନ୍ଦୁ କେଶରୀ) ପ୍ରାୟ ଏକାଦଶ ଶତାବ୍ଦୀରେ ନିର୍ମାଣ କରିଥିଲେ ବୋଲି ଜଣାଯାଏ। ଏବଂ ରାଜା ମଧ୍ୟ ସେହି ସମୟରେ ଲିଙ୍ଗରାଜଙ୍କର ଚତୁର୍ଦ୍ଦଶ ଯାତ୍ରା ପ୍ରବର୍ତ୍ତିତ କରାଇଥିବାର ଜଣାଯାଏ। ମାତ୍ର ଉକ୍ତ ଯାତ୍ରା ମଧ୍ୟରେ ଶୀତଳଷଷ୍ଠୀ ଅର୍ନ୍ତଭୂକ୍ତ ନଥିଲା। କାଳକ୍ରମେ ଗଙ୍ଗବଂଶର ପ୍ରାରମ୍ଭରେ ଲିଙ୍ଗରାଜଙ୍କ ପୂଜା ପଦ୍ଧତି ଓ ଯାତ୍ରାରେ ଶିବ ଓ ବିଷ୍ଣୁଙ୍କ ଏକତ୍ୱ ପ୍ରତିପାଦିତ ହେଲା। ଏଣୁ ଲିଙ୍ଗରାଜ ହରିହର ରୂପେ ଏହି ଗଙ୍ଗରାଜତ୍ୱରେ ପରିଚିତ ହେଲେ। ପ୍ରାୟ ଦ୍ୱାଦଶ ଶତାବ୍ଦୀ ପରଠାରୁ ଲିଙ୍ଗରାଜଙ୍କର ଚତୁର୍ଦ୍ଦଶ ମୁଖ୍ୟ ଯାତ୍ରା ଅତିରିକ୍ତ ଆଉ ଆଠଟି ଉପଯାତ୍ରା ପ୍ରବର୍ତ୍ତିତ ହୋଇଥିଲା। ତାହା ମଧ୍ୟରେ ଶୀତଳ ଷଷ୍ଠୀ ଅନ୍ୟତମ। ଏହି ଶିବ ବିବାହ ଅବସରରେ ଲିଙ୍ଗରାଜଙ୍କର ଚଳନ୍ତି ମୂର୍ତ୍ତି ଚନ୍ଦ୍ରଶେଖର ଓ ପାର୍ବତୀଙ୍କର ଚଳନ୍ତି ମୂର୍ତ୍ତି ମହାସମାରୋହରେ କେଦାର ଗୌରୀ ମନ୍ଦିରରେ ପାରମ୍ପରିକ ରିତିରେ ବିବାହ ଉତ୍ସବ ଅନୁଷ୍ଠିତ ହୁଏ। ଶିବ ବିବାହ ଓ ଶୀତଳ ଷଷ୍ଠୀର ମହନୀୟ ପରମ୍ପରାର ପୃଷ୍ଠଭୂମିରେ ଓଡ଼ିଶାର ଗଜପତିଙ୍କ ଦ୍ୱାରା ପ୍ରତିଷ୍ଠିତ ବିଭିନ୍ନ ବ୍ରାହ୍ମଣ ଶାସନରେ ପ୍ରାୟ ୧୬ଶ



ସମଗ୍ର ପୃଥିବୀ ତୁମପାଇଁ ପରିବର୍ତ୍ତନ ହେବ ନାହିଁ, ତୁମେ ନିଜକୁ ହିଁ ପରିବର୍ତ୍ତନ କରିବାକୁ ପଡିବ।

ଶତାବ୍ଦୀ ପ୍ରାରମ୍ଭରୁ ଶିବ ବିବାହ ଅନୁଷ୍ଠିତ ହୋଇଆସୁଅଛି। ଏହି ଶୀତଳ ଷଷ୍ଠୀ ପର୍ବ ପୁରୀ ଜିଲ୍ଲାର ବ୍ରାହ୍ମଣ ଶାସନମାନଙ୍କରେ ଏକ ବିଶିଷ୍ଟ ଗଣଯାତ୍ରା ରୂପେ ପାଳିତ ହୁଏ। ଏହି ଦିନ ମଧ୍ୟରାତ୍ରିରେ ଶିବ ପାର୍ବତୀଙ୍କ ସହିତ ଆଡ଼ମ୍ବରରେ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି। ସମସ୍ତ ବ୍ରାହ୍ମଣ ପରିବାର ପକ୍ଷରୁ ଦ୍ୱାରି ଭୋଗ ସମର୍ପଣ କରାଯାଇଥାଏ। ଆଜି କିନ୍ତୁ ଲୋକମୁଖରେ ଶୁଣାଯାଏ ଯେ, ସମ୍ବଲପୁରର ଚୌହାନ ରାଜବଂଶର ବୀର ବଳିଆରସିଂହ ଅଠରଟି ଗଡ଼ ଜୟ କରି ପୁରୀ ରାଜାଙ୍କ ଦ୍ୱାରା 'ହୀରାଖଣ୍ଡ' ଛତ୍ରପତି ଉପାଧି ଲାଭ କରିଥିଲେ। ଏଣୁ ସମ୍ବଲପୁରର ନନ୍ଦପଡ଼ାରେ ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର ପ୍ରତିଷ୍ଠା କରାଯାଇଛି। ପୁରୀର ବ୍ରାହ୍ମଣ ଶାସନରେ ପ୍ରଚଳିତ ଶିବ ବିବାହ ଓ ଶୀତଳ ଷଷ୍ଠୀ ପରମ୍ପରା କ୍ରମେ ସମ୍ବଲପୁରରେ ଏକ ଗଣପର୍ବରେ ପରିଣତ ହୋଇଛି। ଆଜକୁ ପ୍ରାୟ ୩୦୦ ବର୍ଷ ପୂର୍ବେ ଏହି ମହୋତ୍ସବ ଆରମ୍ଭ ହୋଇ ବର୍ତ୍ତମାନ ସମ୍ବଲପୁର ଓ ବରଗଡ଼ ପ୍ରଭୃତି ପଶ୍ଚିମାଞ୍ଚଳରେ ଏକ ସ୍ୱତନ୍ତ୍ର ପର୍ବ ରୂପେ ପାଳିତ ହେଉଛି। ଏହି ମହାନ ପରମ୍ପରା ସମାଜରେ ଐକ୍ୟ ଓ ସଂହତି ପ୍ରତିଷ୍ଠାକାରୀ ଗଣପର୍ବ ରୂପେ ପାଳିତ ହୋଇ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ଉଦ୍‌ଜୀବିତ ରଖିଛି।

ଭଗତ ଲେନ୍,
ମେନ୍ ରୋଡ଼, ଖୋର୍ଦ୍ଧା

# ଶିଶୁର ଈଶ୍ୱର

ନାମଯଜ୍ଞ ମିଶ୍ର

ହେ! ଈଶ୍ୱର !
ତୁମେ କିପରି? କେଉଁଠି ଥାଅ?
ଗୀର୍ଜା, ମସଜିଦ, ଗୁରୁଦ୍ୱାରେ
ଦେବାଳୟେ, ମନ୍ଦିରେ ବା ଦାରୁରେ?
ସିନ୍ଧୁତୀରେ ଲୋକାଳୟେ ଅବା ସିନ୍ଧୁପାରେ?
କାହିଁ ତବବାସ! ମୁଁ ତ ଦେଖିହିଁ ନପାରେ?
ଶୁଣୁଛି, ଅନନ୍ତ ଆକାଶ ସହ ଏ ସର୍ବ ଆସ୍ଥାନ,
ସବୁ ଅଛି ତୁମରି ଉଦରେ!
ତୁମେ ପରା ପିତାମାତା ବନ୍ଧୁ ସଖା ସବୁ
ଆଚ୍ଛା, ତୁମେ କି ମୋ ବାନ୍ଧବୀ ଲଳିତା?
ଯିଏ ମୋତେ ଚିଡାଏବି, ଭୁଲାଏବି,
ଦେଇ ମିଠା ବରକୋଳି, ଚକୋଲେଟ ଚ୍ୟୁଇଁଗମ୍
ଦିହେ ମୋର ଲଦି ହୋଇ
କହୁଥାଏ ମିଠାମିଠା କଥା ।
ଅବା ତୁମେ ମୋ ସ୍କୁଲ ମାଷ୍ଟର
ରାଗିଯାଅ ନକଲେ ମୁଁ ପାଠ,
ପରକ୍ଷଣେ ଅବାନ୍ତର ବତାଅ
ଦୁନିଆର ନୂଆନୂଆ ଜୀବନ ବେଭାର।
କିମ୍ବା ତୁମେ ମୋ ବାପାଙ୍କ ପରି,
ନିତି ଆଣି ଦିଅ ବହି, କଲମ, କାଗଜ
ଆମ୍ବ,ଲିଚୁ, କମଳା, କଦଳୀ
ଝୁଲାଅବି; ତାଗିଦ ବି କର?
ଆଉ, ମୋ ଫର୍ମାଇସ୍ ପୂରା କରିକରି
ଜୀବନକୁ ଢାଳିଦିଅ ମୋ ପାଇଁ
ଜର୍ଜର ନୌକାରେ ସାଜି ଅଥବା ନାଉରୀ!
ମୁଁ ଭାବୁଛି, ତୁମେ ସତେ ମୋ ମାଆଙ୍କ ପରି
ମୁଁ କାନ୍ଦିଲେ କାନ୍ଦେ ତବ ପ୍ରାଣ,
ଶୁଖିଲା ରେ ମୋତେ ଶୁଆଇବ ବୋଲି
ଓଦାରେ ଶୋଉଛ ତମେ!
ଦିହକଷ୍ଟ ହେଲେ ମୋର, ପାଖେ ପାଖେ ଜଗି
ଖଟିଥାଅ ପରିଚର୍ଯ୍ୟେ, ଖେଳାଇ କାଉଁରୀ
ଦାରୁ ହୋଇ ଫଳ ଛାୟା । ସବୁକିଛି ଦେଇ
ନଇ ହୋଇ ଆପେ ଜଳ ନ ପିଇ ମୋ ପାଇଁ
ଭରାତନୁ ଶୁଷ୍କକରି, ମୋତେ ଗଢ ବଳୀୟାନକରି,
ନିଜକୁ ନିଃଶେଷ କରି, ପୁଣି ଆସ ଭାବରାଜ୍ୟେ,
ନବକଳେବରେ! ଅଫୁରନ୍ତ ମହିମା ବିସ୍ତାର,
ନଦିଅ ଠିକଣାତବ, ନଦିଅ ହେ ! ମୋବାଇଲ ନମ୍ବର
ମାଆ ପରି ଜଗିରହ ପାଖେ ପାଖେ ମୋର
ମୋ ମାଆର ଆଖିପରି ତୁମ ଚକା ଆଖି
ସର୍ବଦା ସଜାଗ ରହୁ ଭଲ ମନ୍ଦେ ମୋର
ତା ପଣତ କାନି ପରି ତୁମ ନେତ ମୋର
ସୁରକ୍ଷାରେ ଲାଗିରହୁ ଆହେଁ ବିଶ୍ୱମ୍ଭର।
ଜଗତ କଲ୍ୟାଣ ପାଇଁ ଯାତ୍ରା ପଥେ ମୋର।

ବଲାଙ୍ଗିର
ମୋ-୮୪୫୮୦୦୪୩୪୩

## ସୁସ୍ଥ ଶରୀର ପାଇଁ ଫଳ

ସେଓ : ମିନେରାଲ୍ ଭିଟାମିନ୍‌ରେ ଭରପୂର। ସେଓରେ ଫାଇବର୍ ବହୁତ ମିଳିଥାଏ ଏବଂ କୋଲେଷ୍ଟ୍ରୋଲ୍ ନଥାଏ। ସେଓକୁ ଚୋପା ସହିତ ଖାଆନ୍ତୁ। ଖାଲି ପେଟରେ ସେଓ ଖାଇଲେ ଶରୀରରେ ଟକ୍ସିକ୍ (ଅପରିଷ୍କାର ପଦାର୍ଥ) ସହଜରେ ବାହାରିଯିବ। ଏହା ଶକ୍ତି ମଧ୍ୟ ଯୋଗାଇଥାଏ।
କମଳା : ଏଥିରେ ଭିଟାମିନ୍ ସି ମିଳିଥାଏ। ଭିଟାମିନ୍ ଏ, ବି ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ଥାଏ। କ୍ୟାଲ୍‌ସିୟମ୍, ଆୟୋଡ଼ିନ୍, ସୋଡ଼ିୟମ୍ ପରି ତତ୍ତ୍ୱ ମିଳିଥାଏ। ଏହାକୁ ସକାଳେ ଓ ରାତିରେ ଖାଆନ୍ତୁ ନାହିଁ। ଖାଇବାର ୧ ଘଣ୍ଟା ପୂର୍ବରୁ ବା ୧ ଘଣ୍ଟା ପରେ କମଳା ଖାଆନ୍ତୁ।

# ଯୋଗ ଏବଂ ଆମେ



ଘନଶ୍ୟାମ ଜୈନ

ଯୋଗ ହେଉଛି ଏକ ଜୀବନ ପଦ୍ଧତି ବା ଜୀବନଶୈଳୀ। ଏହା ଏକ ଶାରୀରିକ, ମାନସିକ, ଏବଂ ଆଧ୍ୟାତ୍ମିକ ପ୍ରକ୍ରିୟା, ଯାହାକି ମାନବୀୟ ଚେତନାକୁ ଜାଗ୍ରତ କରି ଉର୍ଦ୍ଧ୍ୱାରୋହଣ ପୂର୍ବକ ଅତିମାନବୀୟ ଚେତନା କିମ୍ବା ଈଶ୍ୱରୀୟ ଚେତନା ସହିତ ସଂଯୋଗ କରିବା, ଶାରୀରିକ ସୁସ୍ଥତା ଏବଂ ମାନସିକ ଶାନ୍ତିକୁ ସୁଦୃଢ କରି ମଣିଷର ସର୍ବାଙ୍ଗୀନ ଏବଂ ସାମଗ୍ରିକ ବିକାଶ କରିବାରେ ସହାୟକ ହେବା।

ଇତିହାସ–

ଯୋଗ ଏକ ସଂସ୍କୃତ ଶବ୍ଦ "ଯୁଜ୍" ରୁ ଉଦ୍ଭୂତ, ଯାହାର ଅର୍ଥ ହେଲା, ଯୋଗ କରିବା,ସଂଯୋଗ କରିବା, ବା ମିଳନ କରିବା। ଏହା ୫ ହଜାରରୁ ବର୍ଷରୁ ଊର୍ଦ୍ଧ୍ୱ ଏକ ମହାନ ପ୍ରାଚୀନ ଭାରତୀୟ ପରମ୍ପରା, ଯାହାର ପ୍ରମାଣ ଆମ ଋକ୍ ବେଦରେ ଦେଖିବାକୁ ମିଳେ। ଯଦିଓ ଏହା ତଦାନିନ୍ତନ ହିନ୍ଦୁ ସନାତନ ଧର୍ମାବଲମ୍ବୀ ମୁନିଋଷିମାନଙ୍କ ଦ୍ୱାରା ବର୍ଣ୍ଣିତ ହେଇଥିଲା, ତଥାପି ଏହା ହିନ୍ଦୁ ଧର୍ମର କୌଣସି ଆରାଧନା ପଦ୍ଧତି ନୁହେଁ।

ପରେ ପରେ ପ୍ରାୟ ୪୦୦ ଖ୍ରୀ.ରେ ମହର୍ଷି ପତଞ୍ଜଳି ବିଭିନ୍ନ ପଦ୍ଧତିର ସମନ୍ୱୟ କରି ଯୋଗକୁ ଏକ ସୂତ୍ରରେ ଆବଦ୍ଧ କରିଥିଲେ, ଯାହାକୁ ପତଞ୍ଜଳିଙ୍କ "ଅଷ୍ଟାଙ୍ଗ ଯୋଗ" କୁହାଯାଏ। ଏହାକୁ ଠିକ ଭାବରେ ଅଧ୍ୟୟନ କଲେ ଏହା ଯେ ଏକ ବିଜ୍ଞାନ ସମ୍ମ ପଦ୍ଧତି, ଏହା ବୁଝିବାରେ ଆଉ କୌଣସି ଦ୍ୱିଧା ରହିବ ନାହିଁ। ଅଧୁନା ଏକବିଂଶ ଶତାବ୍ଦୀରେ ବାବା ରାମଦେବ ଏହାକୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟ କରେଇବାରେ ସଫଳ ହୋଇ ପାରିଥିଲେ। ଏବଂ ବିଗତ ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ପୃଷ୍ଠପୋଷକତାରେ ୟୁ.ଏନ୍.ଓ.ରେ ଏହାକୁ ଆନ୍ତର୍ଜାତିକ ମାନ୍ୟତା ମିଳିଥିଲା ଏବଂ ଜୁନ୍ ୨୧କୁ "ଆନ୍ତର୍ଜାତିକ ଯୋଗ ଦିବସ" ଭାବରେ ସାରା ବିଶ୍ୱର ପ୍ରାୟ ୧୭୭ଟି ଦେଶ ଅନୁମୋଦିତ କରିଥିଲେ।

ଆଧୁନିକ ଭାରତର ଯୋଗଗୁରୁ ଦକ୍ଷିଣ ଭାରତରେ ଜନ୍ମିତ ତିରୁମଲ୍ଲା କ୍ରିଷ୍ଣାମାଚାରିଙ୍କୁ ତାଙ୍କ ଶ୍ରେଷ୍ଠ ଅବଦାନ ପାଇଁ ତାଙ୍କୁ 'Father of modern yoga' ବୋଲି କୁହାଯାଏ।

ଜୁନ୨୧ କାହିଁକି ?

ବର୍ଷର ସବୁଠାରୁ ବଡ ଦିନ ହେଇଥିବାରୁ ଜୁନ ୨୧କୁ ଆନ୍ତର୍ଜାତିକ ଯୋଗ ଦିବସ ରୂପେ ମାନ୍ୟତା ଦିଆଗଲା।

ଭ୍ରମ ଧାରଣା–

ଅନେକ ଲୋକଙ୍କ ମନରେ ଏକ ଭ୍ରମ ଧାରଣା ରହିଛି ଯେ ଯୋଗ ହିନ୍ଦୁ ଧର୍ମର ଏକ ଅଂଶବିଶେଷ ଏବଂ ହିନ୍ଦୁ ଧର୍ମର ଆରାଧନାର ଏକ ମାଧ୍ୟମ।

ଯଦିଓ ଏହା ପ୍ରାଚୀନ ସନାତନ ଧର୍ମାବଲମ୍ବୀ ମୁନି ଋଷିମାନଙ୍କର ଅବଦାନ, କିନ୍ତୁ କୌଣସି ଦୃଷ୍ଟିରୁ ମଧ୍ୟ ହିନ୍ଦୁ ପରମ୍ପରାର ଆରାଧନାର ମାଧ୍ୟମ ନୁହେଁ। ଏହା ଏକ ବିଶୁଦ୍ଧ ଜୀବନଶୈଳୀ। ଯେ କୌଣସି ବ୍ୟକ୍ତି, ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ଲିଙ୍ଗ, ବୟସ ନିର୍ବିଶେଷରେ ଏହାର ଅଭ୍ୟାସ କରିପାରନ୍ତି। ସେଇଥିପାଇଁ ତ ଏହା ଆଜି ଆନ୍ତର୍ଜାତିକ ସ୍ତରରେ ସବୁଠାରୁ ବେଶି ଆଦୃତ ହେଇପାରିଛି। ନିଜର ଧାର୍ମିକ ବିଶ୍ୱାସକୁ କୌଣସି ପ୍ରକାର ଆଘାତ ନକରି ଯୋଗଭ୍ୟାସ କରାଯାଇ ପାରେ।

କାହିଁକି ?

ସାମଗ୍ରୀକ ଦୃଷ୍ଟିକୋଣରୁ ବିଚାର କଲେ (Holistic approach) ଯୋଗ ହିଁ କେବଳ ଏକ ମାତ୍ର ଏପରି ଏକ ପ୍ରାକୃତିକ ଅଭ୍ୟାସ, ଯାହା ମାଧ୍ୟମରେ ସେ ସମ୍ପୂର୍ଣ୍ଣ ଭାବରେ ଶାରୀରିକ ସୁସ୍ଥତା,ମାନସିକ ଶାନ୍ତି ଏବଂ ନୈସର୍ଗିକ ଆନନ୍ଦକୁ ଉପଲବ୍ଧି କରି ଜୀବନକୁ ସୁଖମୟ, ଶାନ୍ତିମୟ ଏବଂ ମଙ୍ଗଳମୟ କରିପାରେ।

ଏହା କିପରି ସମ୍ଭବ ?

ମହର୍ଷି ପତଞ୍ଜଳୀଙ୍କ "ଅଷ୍ଟାଙ୍ଗ ଯୋଗ" କୁ ଠିକ୍ ଭାବରେ ଅଧ୍ୟୟନ କଲେ ଏହା ପରିଷ୍କାର ଭାବରେ ବୁଝି ହେବ। ଏହି ଅଷ୍ଟାଙ୍ଗ ଯୋଗ (Eight limbs of yoga) ହେଲା,

ଯମ, ନିୟମ, ବ୍ୟାୟାମ ବା ଆସନ, ପ୍ରାଣାୟାମ, ପ୍ରତ୍ୟାହାର,ଧାରଣା, ଧ୍ୟାନ ଏବଂ ସମାଧି।

ଏହି ପ୍ରତ୍ୟେକ ଅଙ୍ଗକୁ ଗୋଟି ଗୋଟି କରି ଠିକ ଭାବରେ ପର୍ଯ୍ୟାଲୋଚନା କଲେ. କିପରି ମଣିଷ ଜୀବନର ସାମଗ୍ରୀକ ବିକାଶ (Allround development) ସମ୍ଭବ, ତାହା ସହଜରେ ହୃଦୟଙ୍ଗମ କରି ହେବ।

ଯମ– ପ୍ରଥମ ଅଙ୍ଗ

ଏହାର ପୁଣି ପାଞ୍ଚଟି ମାର୍ଗ ଅଛି। ଯଥା–

୧. ସତ୍ୟ (Nonfalsehood)

୨. ଅହିଂସା (Nonviolelence)

୩. ଅପରିଗ୍ରହ (Nonpossessessiveeness)

୪. ଅଚୌର୍ଯ୍ୟ (Nonstealing)

୫. ବ୍ରହ୍ମଚର୍ଯ୍ୟ (Sexual nonindulgence)

ଯିଏ ସଦାସର୍ବଦା ସତ୍ୟ ମାର୍ଗରେ ଥାଏ, ଯିଏ ଜୀବନରୁ



ଗୋରୁମାନଙ୍କୁ କାୟମନୋବାକ୍ୟରେ ଭକ୍ତିପୂର୍ବକ ଅର୍ଚ୍ଚନା କଲେ ସର୍ବ ସେବା ଦେବୀ ଓ ତୀର୍ଥ ଆଦି ଅର୍ଚ୍ଚନା ଫଳ ଲାଭ ହୁଏ।

କାୟୋମନୋବାକ୍ୟରେ ହିଂସାକୁ ପରିତ୍ୟାଗ କରେ, ଯିଏ ଅତ୍ୟଧିକ ଏବଂ ଅଦରକାରୀ ସଂଗ୍ରହର ଲାଳସାକୁ ତ୍ୟାଗ କରେ, ପର ଦ୍ରବ୍ୟ ଉପରେ ଲାଳାୟିତ ହେଇ ଚୋରି କରେନାହିଁ, ଏବଂ କାମବାସନାକୁ ସଂଯମିତ ରଖିପାରେ, ତା'ଜୀବନ ନିଶ୍ଚୟ ସୁଖମୟ ଏବଂ ଶାନ୍ତିମୟ ହେଇଥାଏ।

ପରୋକ୍ଷରେ ଏହାଦ୍ୱାରା ଅନେକ ଲାଭ ହୋଇଥାଏ। ମାନସିକ ଦୁଃଶ୍ଚିନ୍ତା ଦୂର ହେବା କାରଣରୁ ଅନେକ ମନୋକାୟିକ ରୋଗ (Psychosomatic discusses)

ଯଥା- ଉଚ୍ଚ High BP, Heartattack, ମଧୁମେହ (Diabetes), peptic ulcer, headaches, Brain stroke & Paralysis ଇତ୍ୟାଦିରୁ ଅନେକାଂଶରେ ରକ୍ଷା ମିଳିଥାଏ।

୨ ନିୟମ- Observance of virtual habits)

ଶୌଚ ବା ସ୍ୱଚ୍ଛତା (Cleanliness), ସ୍ୱାଧ୍ୟାୟ (Study of scripturea, Introspection), ସନ୍ତୋଷ (Contentment, acceptance of others), ସ୍ୱାବଲମ୍ବନ (self dependence), ସ୍ୱାବଲମ୍ବନ ତପସ୍ (persistance, perseverence, Austerity) ଓ ଶ୍ରଦ୍ଧାପୂର୍ବକ ସମର୍ପଣ ଭାବ (Contemplation of God) ମଧ୍ୟ ଯୋଗର ଅନ୍ୟ ଏକ ଅଙ୍ଗ।

୩. ଆସନ-

ଏହା ଯୋଗାଭ୍ୟାସର ଏକ ମୁଖ୍ୟ ଅଙ୍ଗ। ନାନା ପ୍ରକାର ଶାରୀରିକ ବ୍ୟାୟାମ ଦ୍ୱାରା ଆମେ ଶରୀରକୁ Flexible.balanced and strengthen କରି ପାରିବା। ବୃଦ୍ଧାବସ୍ଥାରେ ବିଶେଷ ଭାବରେ ହେଉଥିବା ରୋଗ ଯଥା –

spinal problems like cervical spondylosis, sciatica, Lumbago, low backache, ଏବଂ ଗଣ୍ଠି ବାତ ଇତ୍ୟାଦି ରୋଗରୁ ମଧ୍ୟ ଅନେକାଂଶରେ ଜୀବଦ୍ଦଶାର ଶେଷ ଭାଗ ପର୍ଯ୍ୟନ୍ତ ମୁକ୍ତି ମିଳିଥାଏ।

ପ୍ରତିଦିନ ଜଣେ ଯଦି ୩୦ମି. ଏହିପରି ବିଭିନ୍ନ ପ୍ରକାର ଯୋଗାଭ୍ୟାସ ଜନିତ ବ୍ୟାୟାମ କରେ, ତା'ହେଲେ ତା ବୃଦ୍ଧାବସ୍ଥାର ପରିବର୍ତ୍ତୀ ୩୦ ବର୍ଷ ପ୍ରାୟ ସୁଖମୟ ଏବଂ ନିରାମୟ ହୋଇଥାଏ।

ପ୍ରତିଦିନ ଜଣେ ଯୋଗାଭ୍ୟାସର ଏକ ମୁଖ୍ୟ ଘଟକ। ଏହି ବ୍ୟାୟାମ ଦ୍ୱାରା ଆମ ଶରୀରରେ ସଞ୍ଚାଳିତ ହେଉଥିବା ରକ୍ତରେ ଅମ୍ଳଜାନର ମାତ୍ରାକୁ ବଢେଇବାରେ ସାହାଯ୍ୟ କରେ। ସାଧାରଣତଃ ଆମ ଫୁସଫୁସର କ୍ଷମତା ପ୍ରାୟ ଛ'ଲିଟର। ପ୍ରତି ମିନିଟରେ ସାଧାରଣ ଅବସ୍ଥାରେ ଆମେ ପ୍ରାୟ ୧୫ ରୁ ୧୬ ଥର ନିଃଶ୍ୱାସ ନେଇଥାଉଁ ଏବଂ ପ୍ରତି ନିଃଶ୍ୱାସରେ ପ୍ରାୟ ୫୦୦ ମି.ଲି. ବାୟୁ ଗ୍ରହଣ କରିଥାଉଁ। କିନ୍ତୁ ଗଭୀର ନିଃଶ୍ୱାସ ନେଲେ ଥରକେ ୩ଲି ପର୍ଯ୍ୟନ୍ତ ବାୟୁ ନେଇପାରୁଁ। ଏବଂ ଏହା ରକ୍ତରେ ଥିବା ଅମ୍ଳଜାନର ମାତ୍ରାକୁ ବଢେଇ ଆମକୁ ସବୁବେଳେ ସତେଜ ରଖିବା ସହିତ ଆମ ବାର୍ଦ୍ଧକ୍ୟଜନିତ ଦୁର୍ବଳତାକୁ ଅନେକାଂଶରେ କମେଇ ଦେଇ ଏକ ସୁସ୍ଥ ଏବଂ ସୁଚାରୁ ଜୀବନ ଦେବାରେ ସାହାଯ୍ୟ କରିଥାଏ। ଆଧୁନିକ ଯୋଗାଭ୍ୟାସର ଜନକ ଶ୍ରୀ ଥିରୁମାଲା କୃଷ୍ଣାମାଚାରି ଏହାର ଏକ ଜ୍ୱଳନ୍ତ ଉଦାହରଣ। ସେ ଏଇ ଯୋଗାଭ୍ୟାସ ଦ୍ୱାରା ଦୀର୍ଘ ଶହେ ବର୍ଷ ଏକ ନିରାମୟ ଜୀବନ ବିତେଇ ପାରିଥିଲେ।

ଶୁଣାଯାଏ, ସେହିପରି ଏହି ନିୟମିତ ଯୋଗାଭ୍ୟାସ ଦ୍ୱାରା ଆଜି ଆମର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ମଧ୍ୟ ନିରୋଗ ହୋଇ ମାତ୍ର ୪ ଘଣ୍ଟାର ନିଦ୍ରା ନେଇ ଦୈନିକ ପ୍ରାୟ ୧୬ ଘଣ୍ଟା ପର୍ଯ୍ୟନ୍ତ ପରିଶ୍ରମ କରି ପାରୁଛନ୍ତି ଏବଂ ତାଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳ ଭିତରେ ଗୋଟିଏ ଦିନ ମଧ୍ୟ ଅସୁସ୍ଥତା କାରଣରୁ ଛୁଟି ନେଇ ନାହାନ୍ତି।

ପ୍ରତିହାର- Withdrawal of the sences

ଏକ ସୁଖମୟ ଜୀବନ ପାଇଁ ଇନ୍ଦ୍ରିୟ ସଂଯମ ଅପରିହାର୍ଯ୍ୟ। ଅସଂଯମତା ଜୀବନକୁ ଅନେକ ସମୟରେ ଦୁର୍ବିସହ କରି ଦେଇଥାଏ। ଉଦାହରଣ ସ୍ୱରୂପ- ଅସଂଯମିତ ଭାବରେ ଖାଇବା, ଶୋଇବା, ଶୁଣିବା ଏବଂ ଦେଖିବା (ଯଥା- ମୋବାଇଲ, ଲାପଟପ, ଟିଭି ଇତ୍ୟାଦି) ଅସଂଯମିତ ହେଇ ଗାଡି ଚଲେଇବା ନିଶ୍ଚିତ ଭାବରେ ଦୁର୍ଘଟଣାକୁ ନିମନ୍ତ୍ରଣ ଦେବା, ଏବଂ ଅସଂଯମିତ ଭାବରେ କଥାବାର୍ତ୍ତା ଯେ ଅନେକ ସମୟରେ ମଣିଷକୁ ଅଡୁଆରେ ପକାଏ ତା'ର ମର୍ଯ୍ୟାଦା ହାନୀ କରିଥାଏ।

ସଂଯମମୟ ଜୀବନ ମଧ୍ୟ ମହର୍ଷି ପତଞ୍ଜଳିଙ୍କ ମତରେ ଯୋଗର ଏକ ଅଂଶବିଶେଷ।

ଧାରଣା- (Concentration) ବା ଏକାଗ୍ରତା –

ଏହା ବିଶେଷ ଭାବରେ ଛାତ୍ରମାନଙ୍କ ପାଇଁ ଉପଯୋଗୀ। ପାଠ ପଢିଲା ବେଳେ ହେଉ କିମ୍ବା ଖେଳ ପଡିଆରେ ହେଉ, ଯିଏ ଏକାଗ୍ରତାର ସାଧନା କରେ, ସେ ନିଶ୍ଚିୟ ସଫଳତାକୁ ପ୍ରାପ୍ତ ହେଇଥାଏ।

ଜଣେ ଡାକ୍ତର ଯଦି ଅପରେସନ କଲାବେଳେ କିମ୍ବା ଜଣେ ଡ୍ରାଇଭର ଯଦି ଗାଡି ଚାଳନା କଲା ବେଳେ ଅନ୍ୟ ମନସ୍କ ହେଲା, ତେବେ ଅବସ୍ଥା କଣ ହେବ, ତାହା ସହଜରେ ଅନୁମେୟ।

ଧ୍ୟାନ – (Meditation)

ଧ୍ୟାନ ବିଷୟରେ ଅନେକ ଲୋକଙ୍କ ଭୁଲ ଧାରଣା ରହିଛି। ଅନେକେ ଭାବନ୍ତି, ଧ୍ୟାନମାନେ ସୁଖାସନ କିମ୍ବା ବଜ୍ରାସନରେ ବସି ଆଖି ବନ୍ଦ କରି ଚୁପଚାପ ବସିବା। ସେ ତ କେବଳ ଧ୍ୟାନର ପ୍ରାରମ୍ଭିକ ସୋପାନ ମାତ୍ର। କିନ୍ତୁ ବାସ୍ତବରେ ଧ୍ୟାନ ହେଉଛି ନିଜର ଆତ୍ମାକୁ ନିଜେ ନିରିକ୍ଷଣ କରିବା, ନିଜକୁ ନିଜେ ଚିହ୍ନିବା, ନିଜର ନକାରାତ୍ମକ ଗୁଣ ଏବଂ ଭୁଲ କର୍ମକୁ ଅନୁଧ୍ୟାନପୂର୍ବକ ତର୍ଜମା କରି ତା'କୁ



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେ ହେଲେ ଅନିଷ୍ଟ ହୁଏ ନାହିଁ।

ପରିଷ୍କୃତ କରିବା। ଯେମିତି ଆମେ ନିଜ ଘର ଅଗଣାକୁ ସବୁଦିନ ସଫାକରୁ, ସେହିପରି ମାନସିକ ସ୍ତରରେ ମଧ୍ୟ ସମସ୍ତ ନକାରାତ୍ମକ ଭାବକୁ ପରିଷ୍କୃତ କରି ସକାରାତ୍ମକ ଭାବକୁ ସ୍ଥାପିତ କରିବାରେ ନାଁ ହେଉଛି ଧ୍ୟାନଯୋଗ।

ସମାଧି- Absorption


ଆତ୍ମା ସହିତ ପରମାତ୍ମାଙ୍କ ମିଳନ କିମ୍ବା ମୋକ୍ଷ ପ୍ରାପ୍ତି ହେଉଛି ଯୋଗାଭ୍ୟାସର ମୂଳ କିମ୍ବା ଶେଷ ଲକ୍ଷ୍ୟ। ଭଗବାନ ମହାବୀର ଏବଂ ବୁଦ୍ଧଙ୍କ ପରି କ୍ୱଚିତ ମହାମନୀଷୀମାନେ ହିଁ ନିଜ ଯୋଗସାଧନା ବଳରେ ନିର୍ବାଣ ପ୍ରାପ୍ତିର ଲକ୍ଷ୍ୟକୁ ହାସଲ ପାରିଥାନ୍ତି।

ସେ ଯାହା ହେଉ, ଆମ ବ୍ୟାବହାରିକ ଜୀବନକାଳକୁ ସୁଖମୟ, ଶାନ୍ତିମୟ, ନିରାମୟ, ମଙ୍ଗଳମୟ ଏବଂ ଅନନ୍ଦମୟ କରିବାର ଏକ ମାତ୍ର ପ୍ରାକୃତିକ ଏବଂ ସାମଗ୍ରିକ ଉପାୟ ହେଲା "ଯୋଗ"। ଏଇଥି ପାଇଁ କେବଳ ଦୁଇଟି ଉପାଦାନ ଦରକାର। ଗୋଟିଏ ହେଲା, ମାନସିକତା ଏବଂ ଦ୍ୱିତୀୟଟି ହେଲା ସମୟ। ଏହା କୌଣସି ଧର୍ମ, ପନ୍ଥା ବା ସମ୍ପ୍ରଦାୟର ଚାରି କାନ୍ଥ ଭିତରେ ସୀମିତ ନୁହେଁ। ଏହା ଧର୍ମ,ବର୍ଣ୍ଣ,ଜାତି,ଲିଙ୍ଗ ଭେଦରୁ ଉର୍ଦ୍ଧ୍ୱରେ। ଯେ କୌଣସି ବୟସରେ ବ୍ୟକ୍ତି, ଯେ କୌଣସି ସମୟରେ ମଧ୍ୟ ବିନା କୌଣସି ଅର୍ଥ ବ୍ୟୟରେ କିମ୍ବା ଯନ୍ତ୍ରାଦିର ସାହାଯ୍ୟ ନେଇ ଯୋଗାଭ୍ୟାସ କରିପାରେ।

_ଏଣୁ ଆସନ୍ତୁ ଆଜି ଆମେ ସମସ୍ତେ ସବୁ ଦିନ କିଛି ସମୟ ଯୋଗାଭ୍ୟାସ ପାଇଁ ଦେବାକୁ ସଂକଳ୍ପିତ ହେଇ ଜୀବନକୁ ସରସ ଏବଂ ସୁନ୍ଦର କରିବା।

**ଟିଟିଲାଗଡ**

## ଡାକଟିକଟରୁ ଜ୍ଞାନ



## ମହାତ୍ମାଗାନ୍ଧୀଙ୍କ ପ୍ରଥମ ଓଡିଶା ଆଗମନ ର ୧୦୦ବର୍ଷ...



**ଡ. ଭବାନୀ ଶଙ୍କର ଦାଶ**

ଭାରତର ସ୍ୱାଧୀନତା ସଂଗ୍ରାମରେ ମହାତ୍ମାଗାନ୍ଧୀଙ୍କ ଭୂମିକା ଅତୁଳନୀୟ। ସ୍ୱାଧୀନତା ସଂଗ୍ରାମ ସମୟରେ ସେ ଦେଶର କୋଣ ଅନୁକୋଣରେ ବୁଲି ସତ୍ୟ, ଅହିଂସା, ସ୍ୱରାଜର ପ୍ରସାର କରିବା ସହିତ ଏହି ଆନ୍ଦୋଳନକୁ ବ୍ୟାପକ କରିଥିଲେ। ମହାତ୍ମାଗାନ୍ଧୀ ଓଡିଶାକୁ ୮ଥର ଆସିଥିଲେ। ପ୍ରଥମେ ସେ ସପ୍ତାହକ ପାଇଁ ୨୩ ମାର୍ଚ୍ଚ ୧୯୨୧ ରୁ ୨୯ ମାର୍ଚ୍ଚ ପର୍ଯ୍ୟନ୍ତ ଆସି ଓଡିଶାର ଲୋକମାନଙ୍କୁ ଜାତୀୟ କଂଗ୍ରେସରେ ସାମିଲ କରିବା ସହିତ ଅହିଂସା, ଚରଖାର ପ୍ରସାରକୁ ଗୁରୁତ୍ୱ ଦେଇଥିଲେ। ଗାନ୍ଧୀଜୀଙ୍କ ବିହାରର ଚମ୍ପାରଣ ଆନ୍ଦୋଳନର ଏକ ସକାରାତ୍ମକ ପ୍ରଭାବ ଓଡିଶାର ଗରିବ ଚାଷୀଙ୍କ ଉପରେ ପଡିଥିଲା। ଉତ୍କଳମଣି ଗୋପବନ୍ଧୁ ଉତ୍କଳ ପ୍ରଦେଶ କଂଗ୍ରେସ ଗଠନ କଲାପରେ ଗାନ୍ଧୀଜୀଙ୍କୁ ଓଡିଶା ଆଣିଥିଲେ। ସେ ଓଡିଶାର ବନ୍ୟା, ବାତ୍ୟା, ଦାରିଦ୍ର୍ୟ, ମରୁଡି ସହ ଅବଗତ ଥିଲେ।

୨୩ ମାର୍ଚ୍ଚ ୧୯୨୧ ର ଦୋଳପୂର୍ଣ୍ଣିମା ଦିନ ସେ କଟକରେ ପହଁଚିଲେ। ୨୦୦୦୦ ଲୋକ ଶୋଭାଯାତ୍ରା କରି ତାଙ୍କୁ ସ୍ୱାଗତ କଲେ ଓ ସ୍ୱରାଜ ଆଶ୍ରମକୁ ନେଇଥିଲେ। ତାଙ୍କ ସହିତ ପତ୍ନୀ କସ୍ତୁରବା, ପୁତ୍ର ଦେବଦାସ ଓ ବାବୁ ରାଜେନ୍ଦ୍ର ପ୍ରସାଦ ଆସିଥିଲେ। ଅପରାହ୍ଣରେ କାଠଯୋଡିଠାରେ ଏକ ବିଶାଳ ଜନସମୁଦ୍ରକୁ ସେ ଉଦ୍‌ବୋଧନ ଦେଇଥିଲେ। ସେ ଅସହଯୋଗ ଆନ୍ଦୋଳନ, ନାରୀଶିକ୍ଷା, ବିଦେଶୀ ଦ୍ରବ୍ୟ ବର୍ଜନ, ମାତୃଭାଷାର ଶିକ୍ଷା ଉପରେ ଭାଷଣ ଦେଇଥିଲେ। ସେ ମୁସଲମାନ ସମାଜକୁ କଦମ-ଇ-ରସୁଲ ଠାରେ ଓ ନାରୀମାନଙ୍କୁ ବିନୋଦ ବିହାରୀଠାରେ ଉଦ୍‌ବୋଧନ ଦେଇଥିଲେ।

୨୫ ତାରିଖର ହରେକୃଷ୍ଣ ମହତାବଙ୍କ ସହ ଭଦ୍ରକର ଗାନ୍ଧୀପଡିଆରେ ସେ ଯୁବକମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଯୋଗଦାନକୁ ପ୍ରେରଣା ଦେଇଥିଲେ। ସେଠାରୁ ମାର୍ଚ୍ଚ ୨୭ରେ ସେ ଗୋପବନ୍ଧୁ ଚୌଧୁରୀ, ମହତାବ, ଗୋପବନ୍ଧୁଙ୍କ ସହିତ ପୁରୀ ବେଳାଭୂମିରେ ଜନତାଙ୍କୁ ଅନୁପ୍ରାଣିତ କରିଥିଲେ। ଫେରିବା ସମୟରେ ସତ୍ୟବାଦୀ ବନବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରୁ ୨୯ ତାରିଖରେ ବ୍ରହ୍ମପୁର ଷ୍ଟାଡିୟମଠାରେ ବିଶାଳ ଜନସମାଜଙ୍କୁ ସ୍ୱାଧୀନତା ସଂଗ୍ରାମର କୌଶଳ ବିଷୟ ବୁଝାଇଥିଲେ।

ତାଙ୍କରି ଏହି ଆଗମନ ଓଡିଶାର ଅସହଯୋଗ ଆନ୍ଦୋଳନକୁ ଶକ୍ତିଶାଳୀ କରିଥିଲା। ଫଳରେ ବହୁସଂଖ୍ୟକ ଯୁବକ, ମହିଳା ଏହି ଆନ୍ଦୋଳନରେ ଅଂଶଗ୍ରହଣ କରି ବିଦେଶୀ ବସ୍ତ୍ର ପରିହାର କରିବା ସହିତ ଚରଖା, ଖଦୀର ପ୍ରସାର, ଗରିବମାନଙ୍କ ଉତ୍ଥାନ ପାଇଁ ପ୍ରେରିତ ହୋଇଥିଲେ। ଗାନ୍ଧୀଜୀ ଏହି ଆଗମନର ୧ଲକ୍ଷ ଲୋକଙ୍କୁ କଂଗ୍ରେସ ସହ ଯୋଗଦାନ ଓ ତିଳକ ସ୍ୱରାଜ ପାଣ୍ଠି ପାଇଁ ୩ଲକ୍ଷ ଟଙ୍କା ଯୋଗାଣର ଲକ୍ଷ୍ୟ ରଖିଥିଲେ। ଓଡିଶା ଇତିହାସରେ ୨୩ ମାର୍ଚ୍ଚ ଏକ ସ୍ମରଣୀୟ ଦିବସ।

ବର୍ତ୍ତମାନର ଯୁବସମାଜ, ନାରୀ, ବୁଦ୍ଧିଜିବୀମାନେ ଆଜିର ଆହ୍ୱାନଗୁଡିକ ପ୍ରତି ସମ୍ବେଦନଶୀଳ ନୁହଁନ୍ତି। ଗାନ୍ଧୀଜୀଙ୍କ ପ୍ରଥମ ଆଗମନ ଓଡିଶାର ଜନମାନସକୁ ବହୁମାତ୍ରାରେ ସମାଜ ଓ ରାଷ୍ଟ୍ରପ୍ରତି ଅଭିପ୍ରେରିତ କରିଥିଲା।

ଭାରତୀୟ ଡାକ ଗାନ୍ଧୀଜୀଙ୍କ ପ୍ରଥମ ଓଡିଶା ଆଗମନର ୧୦୦ବର୍ଷ ସ୍ମୃତିରେ ୨୩.୩.୨୦୨୧ ରେ ଏକ ୫ ଟଙ୍କିଆ ଡାକ ଟିକଟ ଉନ୍ମୋଚନ କରିଛନ୍ତି ଯାହା କି ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ।

**ଜେ.କେ ପୁର ରାୟଗଡା**
**ମୋ- ୯୧୨୪୩୪୬୫୪୭**



ତୁମେ ଅନ୍ୟଠାରୁ ଯେଉଁଭଳି ବ୍ୟବହାର ଆଶା କରୁନାହଁ, ସେଭଳି ବ୍ୟବହାର ତୁମେ ଅନ୍ୟ ପ୍ରତି ନ କରିବା ଉଚିତ।

# ସତ୍ୟାଗ୍ରହର ମୂଳମନ୍ତ୍ର ଆଧ୍ୟାତ୍ମିକତା, ପ୍ରେମ ଓ ଅହିଂସା



ବିଭୂତିଭୂଷଣ ସେନାପତି

ଦାର୍ଶନିକ ଚିନ୍ତାଧାରାର ସୁଦୃଢ଼ ଭିତ୍ତିଭୂମି ଉପରେ ଚାରି ଗୋଟି ଅମୋଘ ଅସ୍ତ୍ର ଆମ ଆଗରେ ପ୍ରତୀୟମାନ ହୁଏ , ତାହା ଆଧ୍ୟାତ୍ମିକତା, ସତ୍ୟାଗ୍ରହ , ପ୍ରେମ , ଓ ଅନ୍ୟଟି ଅହିଂସା । ଯାହାକୁ ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀ ପ୍ରମାଣ କରିଦେଲେ ଅତି ସୁନ୍ଦର ଭାବ ବିନ୍ୟାସରେ । ସେହିଦିନଠାରୁ ତାଙ୍କ ଅମୋଘ ଅସ୍ତ୍ରର ଫଳ ମିଳିଲା ସମଗ୍ର ଭାରତ ବର୍ଷରେ ଏବଂ ସେ ହେଲେ ଜନ ମାନସରେ ମହାତ୍ମା । ଏହି ତିନିଗୋଟି ଆଦର୍ଶରେ ତାଙ୍କୁ ଶ୍ରେୟ ଅର୍ପଣ କରିଛନ୍ତି ରାୟଚାନ୍ଦ ଭାଇ,ଲିଓ ଟଲଷ୍ଟୟ , ଜନ୍ ରସକିନ୍ ଓ ରୋମାଂରୋଲା । "ସତ୍ୟାଗ୍ରହ ଅସହେଯାଗକୁ ଜନ୍ମ ଦିଏ । ଅସହଯୋଗରୁ ଅହିଂସା ପ୍ରତିରୋଧ ହୁଏ । ଏ ସବୁ ଆତ୍ମ ଯନ୍ତ୍ରଣାର ଭିନ୍ନ ଭିନ୍ନ ନାଁ କିନ୍ତୁ ଏହା ଏକ କ୍ରମ ବର୍ଦ୍ଧିଷ୍ଣୁବିଜ୍ଞାନ , ପ୍ରତିଥରର ଘଟଣା ପରେ ଏହା ବିସ୍ତାରିତ ହୁଏ । "

ଅନେକ ଧର୍ମଗୁରୁଙ୍କ ସଂସ୍ପର୍ଶରେ ମହାତ୍ମା ଆସିଲେ ମଧ୍ୟ ସେ ରାୟଚାନ୍ଦ ଭାଇ ଶ୍ରଦ୍ଧାନାମ ରାଜଚନ୍ଦ୍ରଙ୍କୁ ତାଙ୍କ ସେ ଜୀବନର ପ୍ରଥମ ମାର୍ଗଦର୍ଶନ ଭାବରେ ସେ ଗ୍ରହଣ କରିଛନ୍ତି । ଆଧ୍ୟାତ୍ମିକ ସଂକଟ ସମୟରେ ରାୟଚାନ୍ଦଙ୍କ ଉପଦେଶ ମହାତ୍ମାଙ୍କ ପାଇଁ ପାଶୁପତ ଅସ୍ତ୍ର ପାଲଟିଯାଇଛି । ଗୁଜୁରାଟର ଉଭାନିଆ ବନ୍ଦରରେ ତା୯.୧୧.୧୮୬୭ ମସିହାରେ ରାୟଚାନ୍ଦ ଜନ୍ମ ଗ୍ରହଣ କରି ତା.୯-୦୪-୧୯୦୧ ମସିହରେ ସ୍ୱର୍ଗାରୋହଣ କରିଥିଲେ । ମାତ୍ର ୧୬ବର୍ଷ ବୟସରେ ସେ ଯେଉଁ ମୋକ୍ଷମାଳା ଗ୍ରନ୍ଥ ରଚନା କରିଦେଇଥିଲେ ତାହା ଗାନ୍ଧିଜୀଙ୍କ ଜୀବନରେ ମାର୍ଗ ଦର୍ଶକ ହୋଇ ରହିଗଲା । ରାୟଚାନ୍ଦଙ୍କ ପ୍ରଭାବରୁ ସେ ଧର୍ମାନ୍ତିକରଣରୁ ନିସ୍ତାର ଲାଭ କରିଥିଲେ । ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଆଧ୍ୟାତ୍ମିକ ମାର୍ଗଦର୍ଶକ ଭାବରେ ସେ ମହାତ୍ମାଙ୍କ ମାନସ ପଟରେ ରହିଗଲେ । ଆଧ୍ୟାତ୍ମିକତା ସତ୍ୟାଗ୍ରହର ମୂଳମନ୍ତ୍ର , ଗୁରୁହିଁ ସାକ୍ଷାତ ଈଶ୍ୱର ସମାଜକୁ ଶିକ୍ଷା ଦେଲା ରାୟଚାନ୍ଦଙ୍କ ଜୀବନ ଧର୍ଶନର ଭାବଧାରା ।

"ସ୍ୱର୍ଗ ତୁମ ହୃଦୟ ଭିତରେ ଅଛି "ପୁସ୍ତକର ରଚୟିତା ଟଲଷ୍ଟୟ । ସେହି ପୁସ୍ତକର ହୃଦୟସ୍ପର୍ଶୀ ଧାଡ଼ିଗୁଡ଼ିକ ତାଙ୍କ ପ୍ରାଣରେ ଆନ୍ଦୋଳନ ସୃଷ୍ଟିକଲା । ଯାହାଫଳରେ ମହାତ୍ମଗାନ୍ଧୀ ହେଲେ ଦାର୍ଶନିକ ପ୍ରବକ୍ତା । ଲିଓ ଟଲଷ୍ଟୟ ଜଣେ ପ୍ରଜ୍ଞା ପୁରୁଷ । ତାଙ୍କର ଅପରିସୀମ ଜ୍ଞାନର ଗଭୀରତାକୁ ସହଜରେ କଳନା କରିହେବ ନାହିଁ । ଶବ୍ଦ ବ୍ୟବହାରର ଅପୂର୍ବ ଯାଦୁକରୀ ଶକ୍ତି ସହିତ ମାନବୀୟ କର୍ମ , ଧର୍ମ , ଓ ସମାଜ ସଚେତନତାର ପର୍ଯ୍ୟାଲୋଚନା ସମଗ୍ର ବିଶ୍ୱ ସାହିତ୍ୟ ପାଇଁ ଏକ ଐତିହାସିକ ଦଲିଲ । ସେଥିପାଇଁ ଗାନ୍ଧିଜୀ ୧୯୨୮ ମସିହାରେ ଲେଖିଥିଲେ ମୋ ଜୀବନରେ ତିନିଜଣଙ୍କ ପ୍ରଭାବ ଗୁରୁତ୍ୱପୂର୍ଣ୍ଣ ସେମାନେ ହେଲେ ରାଜା ହରିଶ୍ଚନ୍ଦ୍ର,ଲିଓ ଟଲଷ୍ଟୟ ଓ ଜନ୍ ରସ୍କିନ୍ । ଗାନ୍ଧିଜୀ ଅହିଂସା ମାର୍ଗରେ ପରିଚାଳିତ ହେବାପାଇଁ ଟଲଷ୍ଟୟଙ୍କ ପୁସ୍ତକ " ଦି କିଂଗଡମ୍ ଅଫ୍ ଗଡ୍ ଇଜ୍ ଉଇଦିନ୍ ଇୟୁ " ମାନବ ଜୀବନର ବାର୍ତ୍ତା ଯୋଗାଇଲା । ଟଲଷ୍ଟୟଙ୍କ ଜୀବନ ଯାପନ ପ୍ରଣାଳୀ ଏକ ପ୍ରକାର ରାଜକୀୟ ଜୀବନ । ହଠାତ୍ ତାଙ୍କର ପରିବର୍ତ୍ତନ ଘଟିଲା ସେ ରଣ କ୍ଷେତ୍ରରେ ସୈନିକ ଭାବରେ କ୍ରିମିୟା ଯୁଦ୍ଧରେ ଯୋଗଦାନ କରିଥିଲେ । ମାତ୍ର ଯୁଦ୍ଧର ରକ୍ତପାତ ତାଙ୍କ ହୃଦୟରେ ଗଭୀର ରେଖାପାତ କଲା , ଧର୍ମ ସଂକ୍ରାନ୍ତୀୟ ପୁସ୍ତକ ପଢି ସେ ଲେଖିଥିଲେ "ଓାର ଆଣ୍ଡ୍ ପିଶ୍ " । ଧନ , ସଂପତ୍ତି ଓ ପ୍ରାଚୁର୍ଯ୍ୟ ପ୍ରତି ତାଙ୍କର ଅନାସକ୍ତ ଭାବ ଜାଗ୍ରତ ହେଲା ଏପରିକି ସବୁ ସମ୍ପତ୍ତିକୁ ଦରିଦ୍ରଙ୍କୁ ଉତ୍ସର୍ଗ କରି ସେ ଜଣେ ମହାପୁରୁଷ ପାଲଟିଗଲେ । ସାରା ବିଶ୍ୱରେ ଯେଉଁ ଅହିଂସାର ଚର୍ଚ୍ଚା ହେଉଛି ଟଲଷ୍ଟୟ ଥିଲେ ତା'ର ଉଦ୍‌ଗାତା । ଯେଉଁଥି ପାଇଁ ଗାନ୍ଧିଜୀ ତାଙ୍କୁ ମହାନ୍ ଗୁରୁ ବୋଲି ସ୍ୱୀକାର କରି ତାଙ୍କ ଜୀବନର ପଥ ପ୍ରଦର୍ଶକ ବୋଲି ବାରମ୍ବାର ପ୍ରକାଶ କରିଛନ୍ତି । ସତ୍ୟ ସହ ଅହିଂସା ଯୁକ୍ତ ହେଲେ ତାହା ଏକ ବଳିଷ୍ଠ ଅସ୍ତ୍ର ହୋଇଯାଏ । ମହାତ୍ମା ତାଙ୍କ ଜୀବନ ଦର୍ଶନରୁ ଗ୍ରହଣ କଲେ ପ୍ରକୃତରେ ଅହିଂସାର ଅର୍ଥ ହେଉଛି ମଣିଷ ସମସ୍ତ କାମନା,ବାସନା,ଘୃଣା ଓ କ୍ରୋଧରୁ ମୁକ୍ତି ଲାଭ କରିବା । ତାହାହିଁ ହେଲା ଭାରତୀୟ ସ୍ୱାଧୀନତା ସଙ୍ଗ୍ରାମର ଅମୋଘ ଅସ୍ତ୍ର । ଗାନ୍ଧିଜୀ ଉପଲବ୍ଧି କଲେ ସତ୍ୟାଗ୍ରହ ଏକ ଧର୍ମ ଯୁଦ୍ଧ ।

ସମଗ୍ର ପ୍ରାଚ୍ୟ ଭୂଖଣ୍ଡର ଦୁଇ ମହାମନୀଷୀ ମହାତ୍ମା ଓ ରୋମାଂରୋଲା । ରୋମାଂରୋଲା ବିଶିଷ୍ଟ ଫରାସୀ ଲେଖକ , ଦାର୍ଶନିକ ଏବଂ ୧୯୧୫ ମସିହାରେ ନୋବେଲ ପୁରସ୍କାର ବିଜେତା । ମହାତ୍ମାଙ୍କ ଅପୂର୍ବ ଜୀବନୀ ଲେଖିବାରେ ସେ ଜଣେ ପ୍ରବୀଣ ଅନୁସନ୍ଧିତ୍ସୁ । ଫ୍ରାନ୍ସରେ ରହି ସେ ସଂଗ୍ରହ କରିଥିଲେ ମହାତ୍ମାଙ୍କ ଆମୂଳଚୂଳ ଅପୂର୍ବ ଜୀବନୀ । ୧୯୨୪ ମସିହାରେ ଇଂରାଜୀ ଅନୁବାଦିତ ଗାନ୍ଧୀଙ୍କ ସଂସ୍କରଣ ସାରା ବିଶ୍ୱରେ ଚହଳ ପକାଇଥିଲା । ପ୍ରଥମ ବିଶ୍ୱଯୁଦ୍ଧ ପରେ ରୋମାଂରୋଲାଙ୍କ ଗାନ୍ଧିଜୀଙ୍କ ଉପରେ କ୍ଷୁଦ୍ର ଜୀବନୀ ପୁସ୍ତକ ଆଶାବାଦ ସୃଷ୍ଟିକରିଥିଲା । ମାନବବାଦର ଚୈତ୍ରଗୀତି ଗାଇ ଆତ୍ମାର ଅବିନାଶୀ ଆହ୍ୱାନ ଆସୁରିକ ଶକ୍ତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲା । ସେ ଜନୈକ ୨୭ବର୍ଷୀୟ ବିଧବା ତରୁଣୀକୁ (ମେଡଲିନ୍ ସ୍ଲେଡ୍) ସେବା ମନୋବୃତ୍ତିକୁ ଆଦରି ନେଇ ମହାତ୍ମାଙ୍କ ଚରଣାଶ୍ରିତ ହେବାକୁ ପରାମର୍ଶ ଦେଇଥିଲେ । ତରୁଣୀ ଜଣକ ମାଂସ ଓ ମଦ୍ୟପାନ ଛାଡ଼ି ସୂତା କଟା ଶିଖି ମୋହନ ଦାସ କରମଚାନ୍ଦଙ୍କ ନିକଟକୁ ଆସିବାକ୍ଷଣି ସାବରମତୀ ଆଶ୍ରମକୁ ପାଛୋଟି ଆଣିଥିଲେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ପଟାଭିରାମାୟା । ସେଠାରେ ସେ ମୀରାବେନ୍ ନାମରେ ନାମିତ ହୋଇ ରୋମାଂରୋଲାଙ୍କ ସୁପରାମର୍ଶ ଏବଂ ମହାତ୍ମାଙ୍କ ନିର୍ଦ୍ଦେଶରେ ଅହିଂସା



କର୍ମ ପ୍ରତି ବିମୁଖ ହୁଅ ନାହିଁ । ଶରୀର କର୍ମ କଲେ ତାହା ହେବ ଭଗବାନଙ୍କ ନିମିତ୍ତ ସର୍ବୋତ୍ତମ ପ୍ରାର୍ଥନା ।

ସଂଗ୍ରାମ ଅବ୍ୟାହତ ରଖିଲେ । ସିଭିଲ ଅର୍ଥ ଅହିଂସା ଏହି ପଥରେ ପଥିକ ହେଲେ ମୀରାବେନ୍ । ଏହି ସମୟରେ ଗାନ୍ଧିଜୀଙ୍କ ଜୀବନୀ ପୁସ୍ତକ ଲେଖିବାକୁ ରୋମାଂରୋଲା ରବୀନ୍ଦ୍ରନାଥ ଠାକୁର , କାଳିଦାସ ନାଗ୍ , ସି.ଏଫ୍. ଆଣ୍ଡ୍ରୁଜ ଏବଂ ମହାଦେବ ଦେଶାଇଙ୍କୁ ପ୍ରବର୍ତ୍ତାଇଲେ ।ରୋମାଂରୋଲାଙ୍କ ମୃତ୍ୟୁ ଯାଏଁ ଉଭୟଙ୍କ ମଧ୍ୟରେ ଏକ ମହା ମିଳନ ଘଟିଥିଲା । ଉଭୟଙ୍କ ହୃଦୟ ଥିଲା ସ୍ୱର୍ଗୀୟ ପ୍ରେମ ଓ ବିଶ୍ୱଭ୍ରାତୃତ୍ୱ । ସହଜରେ ପାଶ୍ଚାତ୍ୟ ଶକ୍ତିଙ୍କୁ ପ୍ରେମ ଓ ଆଧ୍ୟାତ୍ମିକ ଆୟୁଧରେ ମହାତ୍ମା ଜିଣି ପାରିବେ ଏହା ଅନୁଭବ କରିଥିଲେ ରୋମମାଂରୋଲା । ତାହାହିଁ ହେଲା ।

ଓଡିଶାର ଆତ୍ମା ଗାନ୍ଧୀ ମହାତ୍ମା । ତାଙ୍କ ଚେତନାରେ ଓଡିଶାର ଆନ୍ଦୋଳନ ଏକ ଭିନ୍ନ ମୋଡ ନେଇଛି । ଶେଷରେ ସେ ଗୁରୁଙ୍କର ଚରଣାଶ୍ରିତ ହୋଇ ଉପଲବ୍ଧି କଲେ ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦର ଏକ ଅହିଂସା ମାଧ୍ୟମ ହେଉଛି ସତ୍ୟାଗ୍ରହ । ଏହା ଆତ୍ମଶୁଦ୍ଧି କରଣର ପ୍ରକ୍ରିୟା । ବିରୋଧୀଙ୍କ ପାଇଁ ଶୁଦ୍ଧିକରଣ ହେଉଛି ଅସତ୍ୟ, ହିଂସା, ତଥା ଅନ୍ୟାୟ ପ୍ରବୃତ୍ତିରୁ ମୁକ୍ତ ହେବା । ଗୁରୁଙ୍କଠାରୁ ସେ ଉପଲବ୍ଧି କଲେ ସତ୍ୟାଗ୍ରହ ଦୁର୍ବଳର ଅସ୍ତ୍ର ନୁହେଁ ମାତ୍ର ସାହସର ଅସ୍ତ୍ର । ସତ୍ୟାଗ୍ରହୀ ଈଶ୍ୱର ବିଶ୍ୱାସୀ କିନ୍ତୁ ସେମାନେ ସତ୍ୟ ଓ ଅହିଂସାର ପୂଜାରୀ । ଏହାର ଆଧ୍ୟାତ୍ମିକ ଆଧାର ଯେ ବହୁତ ପୁରୁଣା , ଗାନ୍ଧୀ ବାରମ୍ବାର ସ୍ୱୀକାର କରିଛନ୍ତି । ଉତ୍ତମ କାର୍ଯ୍ୟ ପାଇଁ ସତ୍ୟାଗ୍ରହୀ ସବୁବେଳେ ନିଜ ଜୀବନକୁ ସମର୍ପଣ କରିବାକୁ ପ୍ରସ୍ତୁତ ରହିବା ଆବଶ୍ୟକ । ଏହିପରିପ୍ରେକ୍ଷୀରେ ଗୌତମ ବୁଦ୍ଧ , ଯୀଶୁଖ୍ରୀଷ୍ଟ ତଥା ଆମେରିକାର ଦାର୍ଶନିକ ହେନେରୀ ଡାଭିଡ୍ ଥୋରୋ ଉଦାହରଣୀୟ । ଗଣତନ୍ତ୍ରର ରାଜନୈତିକ ସଂସ୍କୃତିରେ ଶାସକ, ଶାସକ ନୁହେଁ କିନ୍ତୁ ସେବକଟିଏ । "ପ୍ରେମିକର ହୃଦୟ , କବିର କରୁଣା , ଏବଂ କବିତାର ମନ୍ତ୍ରରେ ଯଦି ଅଭିଷିକ୍ତ ହୁଏ ରାଜନୀତି , ତେବେ ରାଜନୈତିକ ସଂସ୍କୃତିର ଏକ ଶୁଦ୍ଧ ସୁବର୍ଣ୍ଣ ମିଳିପାରିବ । "

ସମ୍ପାଦକ,ନାରାୟଣ ସ୍ମୃତି ସାହିତ୍ୟ
ସଂସଦ,କୋହ୍ଲ,ତିହିଡ଼ି,ଭଦ୍ରକ
ମୋ-୯୪୩୭୫୭୪୪୬୨

# ପ୍ରଣାମ, ତୁମକୁ ସହସ୍ର ପ୍ରଣାମ



**ଡ.ପ୍ରଫୁଲ୍ଲ କୁମାର ସାମନ୍ତରାୟ**

ସମୟର ଆଦିମ ଶିଳା ଫାଙ୍କରୁ
ସୁକୁମାର ଶ୍ୟାମଳ ଚାରାଟିଏ
ଓଡିଆ ଭାଷା ସାହିତ୍ୟର
ଯେତେବେଳେ ଆକାଶକୁ ଚାହୁଁଥିଲା
ଉଠିଆସିବାକୁ ଉପରକୁ
ତୁମେ ସବୁ ସଫାକରି ଦେଇଥିଲ
ତାରମୂଳ, ପାଣି ସାର ଖତପିଡିଆ ଢାଳି
ଆଉଁସି ଦେଇଥିଲେ କଅଁଳିଆ ପତ୍ର ତାର
ହେ ନରସିଂହ ସେଣ, ଚାନ୍ଦ ଦାସ
ହେ ଦନେଇ ଦାସ !
ଗୋପୀଭାଷା ନୁହେଁ ତାହା ଗୋପୀଜନ
ଅମୃତର ଧାରା-
ସେ ଚାରାର ଜୀବନ ପସରା ।
ମାତେଶ୍ୱରୀ ବୃନ୍ଦାବତୀ, ପଣ୍ଡିତ ଭୂପତି
ଦୀନକୃଷ୍ଣ, ଦାସ ଦାଶରଥି,
ପିଣ୍ଡିକି ଶ୍ରୀ ଚନ୍ଦନ, ଭକ୍ତ ଚରଣ,
କାବ୍ୟର ଝଙ୍କାରେ ଭରି ଦେଇଥିଲ ଅମ୍ଳାନ
ସେ ଚାରାଟି ପାଦପ କିଶୋର
ତୁମ ହାତେ ଗଢା ଏଇ ଆତ୍ମା ଓଡିଆର
ତରୁଣ ଓଡିଆ ଭାଷା ବୃକ୍ଷ ଆଜି
ବିବର୍ତ୍ତିତ ବିକଶିତ ନବ ପଲ୍ଲବିତ,
ପୁଷ୍ପ,ଫଳେ ହୋଇ ବିମଣ୍ଡିତ
ବିଶ୍ୱ ଭାଷା ଗୋଷ୍ଠୀ ମଧ୍ୟେ
ରଖିଛି ତା' ଟେକ,
ତୁମ କାବ୍ୟଧାରା, ତୁମ ମାନସ ମନ୍ଥନ,
ତୁମ ତପସ୍ୟା, ସାଧନା,
ହେ ମୋର ପୂର୍ବ ସୂରିଗଣ ।
ପ୍ରଣାମ,ତୁମକୁ ସହସ୍ର ପ୍ରଣାମ ।
ବରୁଣେଇ ପାହାଡର ପ୍ରସ୍ତର ଆସ୍ତରଣ
ସଂଚିତ କୋହର ଲୁହ ଲୁହର ମିଶ୍ରଣ ।
ଲୁକାୟିତ ବେଦନାର ସ୍ମୃତିର ଚଦର
ରଞ୍ଜିତ ହୋଇଛି ଚିତ୍ର ପାଇକ ରକ୍ତର ।
ଗୋରାଙ୍କ ଗୋଳା ବାରୁଦ ନିନାଦ ତରଙ୍ଗ
ବରୁଣେଇ ଗରିମା ହୋଇନି ଭଂଗ ।
ଭଗ୍ନ ଖୋରଧା ଗଡର ଅତୀତର ଅସ୍ତିତ୍ୱ
ଲୁଚି ରହିଛି ପାଇକମାନଙ୍କ ବୀରତ୍ୱ ।
ଶେଷ ସ୍ୱାଧୀନ ଦୁର୍ଗ ମୂକ ସାକ୍ଷୀ ରୂପେ ଠିଆ
ଅତୀତ ସ୍ମୃତି ସାଇତିଛି ବରୁଣେଇ ମାଆ ।
ଅଠରଶ ସତର ପ୍ରଥମ ପାଇକ ବିଦ୍ରୋହ
ପୋଛି ଦେଇଅଛି ଉତ୍କଳ ଜନନୀର ।
ଆମ ଖୋରଧା ଗଡର ଗଉରବ ଗାଥା
ଊର୍ଦ୍ଧ୍ୱମୁଖୀ କରି ରଖିବି ଉତ୍କଳର ମଥା ।

**ଉପ-ସଭାପତି, ସମ୍ବାଦ ସାହିତ୍ୟ ଘର, ଖୋରଧା**
**ମୋ:୯୪୩୭୧୩୩୪୬୪**

## ପୂର୍ବତନ ମୁଖମନ୍ତ୍ରୀ ନନ୍ଦିନୀ ଶତପଥୀ



ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଥିଲେ । ୧୯୩୧ ମସିହା କଟକ ଜିଲ୍ଲା ପିଠାପୁର ଗ୍ରାମରେ ୯ଜୁନ୍‌ରେ ଜନ୍ମଗ୍ରହଣ କରିଥିଲେ । କଲେଜ ଜୀବନରେ ୧୯୫୧ ମସିହାରେ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇ ସେ କାରାବରଣ କରିଥିଲେ ।୧୯୭୨ରୁ ୭୩ ଓ ୧୯୭୪-୭୬ ସେ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ୧୯୭୭ରୁ ୮୦ପର୍ଯ୍ୟନ୍ତ ସେ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରୁ ଜନତା ଦଳ ପ୍ରାର୍ଥୀ ରୂପେ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ଅମୃତା ପ୍ରୀତମଙ୍କ ଆତ୍ମଜୀବନୀ ରେଭିନ୍ୟୁ ଟିକେଟର ଓଡିଆ ଅନୁବାଦ କରି ୧୯୯୫ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ।



କ୍ରୋଧ ପୂର୍ଣ୍ଣ ରୂପେ ଦୂର ହେଲେ ଦୁଃଖ ସ୍ପର୍ଶ କରିପାରିବ ନାହିଁ ।

# ଶେଷହସ



ପିନାକୀ ମିଶ୍ର

ତୁ ଭ୍ରମରେ ପଡିଲୁ
ଈଶ୍ୱର ଫେରିଗଲେ।
ଲତାଗହଳରେ
ତୋତେ ମୃଗକାନ ପରି ଦିଶିଲା।
ପଦ୍ମପାଦକୁ ଶର ବିନ୍ଧିଲୁ,
ବ୍ରହ୍ମାଣ୍ଡର ସବୁତକ ନୟନାଶ୍ରୁ
ରକତହୋଇ ବହିଗଲା,
ଇତିହାସ ବଦଳିବା ବେଳେ
ପତ୍ର ବି କ'ଣ ହଲେନା !!
ମାଟି ସ୍ଥବିର।
ଯୁଦ୍ଧର ନିଷ୍ପତ୍ତି ଯିଏ
ଯା' ଚକ୍ରରେ ଅଧର୍ମ ଛେଦ ହୁଏ
ଯା' ଇଙ୍ଗିତରେ ଅଣୁପରମାଣୁ
ଯା' ଇସାରାରେ ଅନୀଳ ଆଲୁଅ
ଯାହାଠୁ ପ୍ରେମର ମନ୍ଦାକିନୀ
ଜାତିପ୍ରଜାତିର ଶରଣଦାତା ଯିଏ
ତା'କୁ ଚିହ୍ନି ପାରିଲୁନି ? ?
ଏମିତି କ'ଣ ହୁଏ ? ?
ତେବେ
ତୁ କ'ଣ ନିଜେ ଶିକାରୀ ନିଜେ ଶିକାର
ଏ ଶର କାହାର ?

ଏ ଟଙ୍କାର, ଏ ନଜର, ଏ ଦର୍ପଠାଣି,
ଏପଟେ ତୋତେ ବାଟ କଢେଇଲା କିଏ ?
ଶିଆଳୀଲତାରେ ଏକାକୀ କେଶବ
ଯିବେ ଯିବେ ବୋଲି କି ବେଳ ଖୋଜିଥିଲେ ?
କେମିତି ବା ଜାଣିବ ଭଲା
ମୂଢ଼ ଛାର ଶବର ଅଛବ।
ଦେଖୁଥିବୁ ଶେଷହସ
ଚାହିଁଥିବୁ ନୀଳକାନ୍ତ ଅନ୍ତିମରୂପକୁ
ଯନ୍ତ୍ରଣା ଥିଲା ନା ଯାତ୍ରାରଂଭ ବେଳ
ଆଉ ଏକ ପର୍ବକୁ,
ଆକାଶ , ବନସ୍ପତି ଆଲୁଅ ଅନ୍ଧାର
ସବୁ ଜଳକା
ଜାରାର ଶର ବାହାନା ମାତ୍ର।
ବିଶ୍ୱମାତା ବହୁତ କାନ୍ଦିଥିଲେ
ରାଧେୟ ନଈରେ ଭାସିଲା
ନାହିଁ ନାହିଁ କରି ଅସ୍ତ୍ର ଧରିଲ
କାନରୁ କୁଣ୍ଡଳ, ତାକୁ ବି ନେଲ,
ସହସ୍ରଗୋପିକା ଝୁରନ୍ତି ଜନ୍ମଜନ୍ମାନ୍ତର,
ଯିଏ ବସ୍ତ୍ର ଦେଲେ
ପଶାର ଗୋଟି ହଜେଇ ଦେଲେନି ! !
ଯିବା ଆଗରୁ ଜାରାକୁ କହିଲାନି ସବୁ ! !

ସଦସ୍ୟ, ଓଡିଆ ସାହିତ୍ୟ ଏକାଡେମୀ,
"ଶୂନ୍ୟନୀଳ"
ଚର୍ଚ୍ଚ ପାଖ, ଜେଲ ରୋଡ, କେନ୍ଦୁଝର
ମୋ-୯୪୩୮୧୧୩୯୭



# ସନ୍ଧ୍ୟାରାଣୀ ଗୋ ତୁମ ଆଗମନ

ମଞ୍ଜୁ ଦାସ



ଗୋଧୂଳି ବାଳାକୁ ଉପଭୋଗ କରି
ଥିରିଥିରି ଆସ ସନ୍ଧ୍ୟାରାଣୀ
ତବ ଆଗମନେ ଦିବସ ଲେଉଟେ
ମାଗିନେଲେ ତୁମଠାରୁ ମେଲାଣି ।
ପଲ୍ଲୀଠୁ ନଗର ହୁଅଇ ଚଞ୍ଚଳ
ସଞ୍ଜ ସଳିତା ଆଲୋକମାନ
ଘଣ୍ଟାଘଣ୍ଟା ଶଙ୍ଖ ଧ୍ୱନିରେ ଶବଦେ
ଭକତି ପୁଲକ ଜାଗେ ଶରୀରେ ।
ପବିତ୍ର ଓଁକାର ଭାଗବତ ସୁର
ମୂର୍ଚ୍ଛନା ତୋଳେ ପ୍ରତି ହୃଦରେ
ଦିବସ ଯାକର ଅବସାଦ ଯେତେ
ଦୂର ହୋଇଯାଏ ମୁହୂର୍ତ୍ତକରେ ।
ଦେବମନ୍ଦିର, ଭାଗବତ ଟୁଙ୍ଗୀ
ଅପୂର୍ବ ଝଙ୍କାରେ କରେ ବିହ୍ୱଳ
ଅଧ୍ୟାମ ଭାବନା ଭରିଦିଏ ମନେ
ମାୟାମୋହ ସବୁ ହରେ ଚଞ୍ଚଳ ।
ଚଉରା ମୂଳରେ ସଞ୍ଜବତି ଥୋଇ
ଘରଣୀ ମନାସେ ଶୁଭକାମନା
ପିଲାଏ ବସନ୍ତି ପାଠ ପଢିବାକୁ
ଜ୍ଞାନ ଲଭି ହେବେ ଜ୍ଞାନୀର ଗଣା ।
ବିହଗ କାକଳି ପଡଇ ଉଛୁଳି
ଲେଉଟି ଆସନ୍ତି ନିଜ ବସାକୁ
ଶାବକମାନଙ୍କୁ ଯାଇଥିଲେ ଛାଡି
ଆହାର ଟିକିଏ ଦେବେ ତାହାଙ୍କୁ ।
ହଳଲଙ୍ଗଳକୁ କାନ୍ଧରେ ପକାଇ
ଋଷୀଭାଇ ଫେରେ ଋଷ କ୍ଷେତରୁ
ସବୁଠାରୁ ଶ୍ରେଷ୍ଠ ଅଟଇ ସିଏ ତ
ଜଗତଯାକର ଶ୍ରମୀ ଭିତରୁ ।
ସନ୍ଧ୍ୟାରାଣୀ ଗୋ ତୁମ ଆଗମନୀ
ଗୀତି ଗାଉଥାଉ ସାରା ଜଗତ
ତବ ଆଗମନେ ଏ ସାରା ଧରଣୀ
ଜନ ମାନସକୁ କରୁ ମୋହିତ ।
ତୁମରି ପ୍ରେରଣା ତୁମରି ବନ୍ଦନା
ଧ୍ୟେୟ ହେଉ ସବୁ ଅନ୍ତର ତଳେ
ଦୂର କରିଦିଅ ବଇରୀ ଭାବନା
ତୁମରି କରୁଣା ଆଶିଷ ବଳେ ।

**ଋଟରା (ନଡିଆବାଗ), ଜଗତସିଂହପୁର**
**ମୋ:୭୯୭୮୮୬୮୯୯୧**

# ଆଇ.ପି.ଏଲ୍.ରେ ଏଥର ନୂଆ ଚାମ୍ପିଆନ୍



ଆଶିଷ କୁମାର ରାୟ

ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ୧୫ତମ ସଂସ୍କରଣରେ ଏଥର ଏକ ନୂଆ ଦଳ ଚାମ୍ପିଆନ ହେବାର ଗୌରବ ଅର୍ଜନ କରିଛି। ଗତବର୍ଷ ଅଗଷ୍ଟରେ ଦୁଇଟି ନୂଆ ଦଳକୁ ଆଇ.ପି.ଏଲ୍.ରେ ଅଂଶଗ୍ରହଣର ସୁଯୋଗ ଦେବା ନିମନ୍ତେ ଭାରତୀୟ କ୍ରିକେଟ ବୋର୍ଡ ନିର୍ଣ୍ଣୟ ନେଇଥିଲା ଏବଂ ସେଥିପାଇଁ ନିଲାମି ପ୍ରକ୍ରିୟାରେ ମାଧ୍ୟମରେ ଦୁଇଟିଯାକ ଦଳକୁ ଚୟନ କରାଯାଇଥିଲା। ସେହି ଦୁଇ ନୂଆ ଦଳ ଥିଲେ – ଗୁଜରାଟ ଟାଇଟାନ୍ସ ଏବଂ ଲକ୍ଷ୍ନୌ ସୁପରଜାଏଣ୍ଟସ୍। ଏଥିଯୋଗୁଁ ଏ ବର୍ଷ ଆଇ.ପି.ଏଲ୍.ରେ ମୁକାବିଲା ହୋଇଥିଲା ଦଶଟି ଦଳ ମଧ୍ୟରେ। ଆଉ ଆଶ୍ଚର୍ଯ୍ୟର ବିଷୟ ହେଲା, ଦୁଇଟିଯାକ ନୂଆ ଦଳ ଚମତ୍କାର ପ୍ରଦର୍ଶନ କରି ନକ୍‌ଆଉଟ୍ ପର୍ଯ୍ୟାୟରେ ପହଞ୍ଚିବା ସହିତ ସେଥି ମଧ୍ୟରୁ ଗୋଟିଏ ଦଳ ଚାମ୍ପିଆନ୍ ହେଲା। ଆଇ.ପି.ଏଲ୍. ପଦାର୍ପଣରେ ଚାମ୍ପିଆନ ହୋଇଥିବା ସେହି ଦଳଟିର ନାମ ହେଲା ଗୁଜରାଟ୍ ଟାଇଟାନ୍ସ।

ଗତ ମେ ୨୯ ତାରିଖ ରାତିରେ ଅହମଦାବାଦର ମୋଟେରା ସ୍ଥିତ ନରେନ୍ଦ୍ର ମୋଦୀ ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ସମ୍ମୁଖରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ରାଜସ୍ଥାନ ରୟାଲ୍ସକୁ ସାତ ୱିକେଟରେ ପରାସ୍ତ କରି ଗୁଜରାଟ ଟାଇଟାନ୍ସ ଦଳ ଚାମ୍ପିଆନ ଆଖ୍ୟା ଅର୍ଜନ କରିଛି। ରାଜସ୍ଥାନ ରୟାଲ୍ସ ହେଉଛି ସେହି ଦଳ, ଯିଏକି ୨୦୦୮ରେ ଆଇ.ପି.ଏଲ୍.ର ପ୍ରଥମ ସଂସ୍କରଣରେ ବିଜୟୀ ହୋଇଥିଲା। ସୁତରାଂ ନିଜର ପ୍ରଥମ ପଦାର୍ପଣରେ ଚାମ୍ପିଆନ ହୋଇଥିବା ଦଳକୁ ହରାଇ ଗୁଜରାଟ ଟାଇଟାନ୍ସ ମଧ୍ୟ ଅନୁରୂପ ସଫଳତା ହାସଲ କରିଛି। ଅତ୍ୟନ୍ତ ଏକତରଫା ଢଙ୍ଗରେ ସଞ୍ଜୁ ସାମସନ୍‌ଙ୍କ ନେତୃତ୍ୱରେ ଖେଳୁଥିବା ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଦେଇଛି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ଦଳ।



ଏଥରର ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ କ୍ରିକେଟ ସମୀକ୍ଷକମାନେ ୫ଥରର ବିଜେତା ମୁମ୍ବାଇ ଇଣ୍ଡିଆନ୍ସ, ୪ଥରର ବିଜେତା ଚେନ୍ନାଇ ସୁପରକିଙ୍ଗସ, ୨ଥରର ବିଜେତା କୋଲକାତା ନାଇଟ୍ ରାଇଡର୍ସ ତଥା ଥରେ ଟାଇଟେଲ୍ ଜିଣିଥିବା ସନ୍‌ରାଇଜର୍ସ ହାଇଦ୍ରାବାଦ ଭଳି ଦଳର ସମ୍ଭାବନା ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ। ତେବେ ପରିଣାମ ଆସିଲା ସଂପୂର୍ଣ୍ଣ ଓଲଟା। ଲିଗ୍ ପର୍ଯ୍ୟାୟ ସମାପ୍ତି ପରେ ଉପରୋକ୍ତ ଚାରିଟି ଦଳ ରହିଗଲେ ପଏଣ୍ଟ ତାଲିକାର ନିମ୍ନସ୍ଥ ଚାରିଟି ସ୍ଥାନରେ। ସର୍ବାଧିକ ୫ଥର ଚାମ୍ପିଆନ୍ ହୋଇଥିବା ମୁମ୍ବାଇ ଇଣ୍ଡିଆନ୍ସ ଏଥର ମଧ୍ୟ ଭାରତର ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଅବତୀର୍ଣ୍ଣ ହୋଇଥିଲେ ହେଁ ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ କରି ଦଶମ ତଥା ଅନ୍ତିମ ସ୍ଥାନ ହାସଲ କଲା। ୨୦୨୨ର ଏହି ଟୁର୍ଣ୍ଣାମେଣ୍ଟ ଅବସରରେ ଏକଦା କ୍ରମାଗତ ଆଠଟି ମ୍ୟାଚ ହାରି ଏକ ଅଲୋଡ଼ା ରେକର୍ଡ ସ୍ଥାପନ କରିଥିବା ମୁମ୍ବାଇ ଏହାର ଅନ୍ତିମ ଲିଗ୍ ମ୍ୟାଚରେ ଋଷଭ ପନ୍ତଙ୍କ ନେତୃତ୍ୱରେ ଥିବା ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରି ନିଜର କିଛିଟା ସମ୍ମାନ ରକ୍ଷା କରିଥିଲା। ଏହି ପରିଣାମ ଯୋଗୁଁ ଏଥର ଆଇ.ପି.ଏଲ୍.ରେ ୭ଟି ମ୍ୟାଚ ଜିଣିଥିବା ଦିଲ୍ଲୀ କ୍ୟାପିଟାଲ୍ସ ନକ୍‌ଆଉଟ୍ ପର୍ଯ୍ୟାୟରୁ ବାଦ ପଡ଼ିଗଲା ଏବଂ ଗୋଟିଏ ମ୍ୟାଚ୍ ଅଧିକ ଜିଣିଥିବା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ତାହାର ସ୍ଥାନ ଦଖଲ କରିନେଲା।

ଆଇ.ପି.ଏଲ୍. ଇତିହାସର ଅନ୍ୟତମ ସଫଳ ଦଳ ଚେନ୍ନାଇ ସୁପରକିଙ୍ଗସ ମଧ୍ୟ ଏଥର ମୁମ୍ବାଇ ଇଣ୍ଡିଆନ୍ସ ଭଳି ମାତ୍ର ୪ଟି ମ୍ୟାଚରେ ବିଜୟୀ ହୋଇ ଆଠ ପଏଣ୍ଟ ହାସଲ କରି ରହିଥିଲା ନବମ ସ୍ଥାନରେ। ଏ ବର୍ଷ ପାଇଁ ଚେନ୍ନାଇ ଦଳ ରବୀନ୍ଦ୍ର ଜାଡେଜାଙ୍କୁ ଅଧିନାୟକ ପଦରେ ବସାଇଥିଲା, ହେଲେ ସେ ମ୍ୟାଚ ଜିତାଇ ନପାରିବାରୁ ଦଳ ପୁନର୍ବାର ଏହାର ସଫଳ ଅଧିନାୟକ ମହେନ୍ଦ୍ର ସିଂହ ଧୋନୀଙ୍କ ଉପରେ ନେତୃତ୍ୱ ଭାର ଅର୍ପଣ କଲା, କିନ୍ତୁ ସେ ମଧ୍ୟ ବିଶେଷ କିଛି କରିପାରିଲେ ନାହିଁ। ସେହିଭଳି କେନ୍ ୱିଲିୟମ୍ସନ୍‌ଙ୍କ ନେତୃତ୍ୱରେ ସନ୍‌ରାଇଜର୍ସ ହାଇଦ୍ରାବାଦ, ଶ୍ରେୟସ୍ ଆୟାରଙ୍କ ନେତୃତ୍ୱରେ କୋଲକାତା ନାଇଟ୍ ରାଇଡର୍ସ ତଥା ମୟଙ୍କ ଅଗ୍ରୱାଲଙ୍କ ନେତୃତ୍ୱରେ ପଞ୍ଜାବ କିଙ୍ଗସ କେତୋଟି ମ୍ୟାଚରେ ଅତି ସୁନ୍ଦର ପ୍ରଦର୍ଶନ କରିଥିଲେ ହେଁ ତାହା ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହେବା ନିମନ୍ତେ ଯଥେଷ୍ଟ ନଥିଲା।

ଅନ୍ୟ ଦିଗରେ ଦୁଇ ନୂଆ ଦଳ ଗୁଜରାଟ ଟାଇଟାନ୍ସ ଏବଂ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ପ୍ରଭାବଶାଳୀ ପ୍ରଦର୍ଶନ କରି ସମସ୍ତଙ୍କୁ ଚକିତ କରିଦେଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଗୁଜରାଟ ଦଳ ଲିଗ୍ ପର୍ଯ୍ୟାୟରେ ୧୪ଟି ମ୍ୟାଚରୁ ୧୦ଟିରେ ବିଜୟୀ ହୋଇ ତାଲିକାର ଶୀର୍ଷରେ ରହିଲା। ଗୁଜରାଟ ଏହାର ପ୍ରଥମ ମ୍ୟାଚରେ କେ.ଏଲ. ରାହୁଲଙ୍କ ନେତୃତ୍ୱାଧୀନ ଲକ୍ଷ୍ନୌ ଦଳକୁ ହିଁ ପରାସ୍ତ କରି ଆରମ୍ଭ କରିଥିଲା ବିଜୟ ଅଭିଯାନ, ଯାହାକି ପରିଶେଷରେ ଆଇ.ପି.ଏଲ. ଟ୍ରଫି ହାସଲ ସହିତ ସମ୍ପନ୍ନ ହେଲା। ଲିଗ୍ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ମିଳିଥିବା ପରାଭବକୁ ପଛରେ ପକାଇ ଲକ୍ଷ୍ନୌ ଦଳ ଅନ୍ୟ ମୁକାବିଲାରେ ଭଲ ପ୍ରଦର୍ଶନ କରି ୯ଟି ବିଜୟ ସହିତ ତାଲିକାରେ ତୃତୀୟ ସ୍ଥାନ ଲାଭ କରିଥିବା ବେଳେ ରାଜସ୍ଥାନ ମଧ୍ୟ ୯ଟି ବିଜୟ ସହିତ ଉନ୍ନତ ରନ୍ ହାରରେ ଦ୍ୱିତୀୟ ସ୍ଥାନରେ ରହି ନକ୍‌ଆଉଟ୍ ପର୍ଯ୍ୟାୟକୁ ଆସିଲା। ଅପରପକ୍ଷେ ବିରାଟ କୋହଲୀଙ୍କ ବଦଳରେ ଏଥର ଦକ୍ଷିଣ ଆଫ୍ରିକୀୟ ତାରକା ଫାଫ୍ ଡୁ ପ୍ଲେସିଙ୍କ ନେତୃତ୍ୱରେ ମୁକାବିଲାରେ ଅବତୀର୍ଣ୍ଣ ହୋଇଥିବା ରୟାଲ ଚାଲେଞ୍ଜର୍ସ ଚତୁର୍ଥ ଦଳ ଭାବେ ନକ୍‌ଆଉଟ୍‌ରେ ପହଁଚିଥିଲା।

ନକ୍‌ଆଉଟ୍ ପର୍ଯ୍ୟାୟର ପ୍ରଥମ ମ୍ୟାଚଟି ଥିଲା କ୍ୱାଲିଫାୟର୍-୧ ଏବଂ କୋଲକାତାର ଇଡେନ୍ ଗାର୍ଡେନ୍ସରେ ଖେଳାଯାଇଥିବା ଏହି ମୁକାବିଲାରେ ଗୁଜରାଟ ଟାଇଟାନ୍ସ ଦଳ ୭ ୱିକେଟରେ ପରାସ୍ତ କରିଥିଲା ରଜସ୍ଥାନ ରୟାଲ୍ସକୁ। ଜୋସ୍ ବଟଲର୍ ୮୯ରନ ଓ ଅଧିନାୟକ ସଞ୍ଜୁ ସାମସନ୍ ୪୭ରନ ବଳରେ ରାଜସ୍ଥାନ ରୟାଲ୍ସ ୧୮୮ରନ କରିବାରେ ସମର୍ଥ ହୋଇଥିଲେ ହେଁ ଗୁଜରାଟ ଟାଇଟାନ୍ସ ଶେଷ ଓଭରରେ ମାତ୍ର ୩ ୱିକେଟ ବିନିମୟରେ ଲକ୍ଷ୍ୟ ହାସଲ କରି ଫାଇନାଲରେ ପହଁଚିଗଲା। ଦଳ ପକ୍ଷରୁ ଶୁବମନ ଗିଲ୍ ଓ ମାଥ୍ୟୁ ୱେଡ୍ ୩୫ ଲେଖାଏଁ କରିଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା ୪୦ ଏବଂ ମ୍ୟାନ୍ ଅଫ୍ ଦି ମ୍ୟାଚ ଡେଭିଡ୍ ମିଲର୍ ୬୮ରନରେ ଅପରାଜିତ ଥିଲେ।

ଏହାପରେ ଏଲିମିନେଟର୍ ମ୍ୟାଚରେ ଦେଖିବାକୁ ମିଳିଥିଲା ଅନାମଧେୟ ଖେଳାଳି ରଜତ ପାଟିଦାରଙ୍କ ପରାକ୍ରମ। ୫୪ଟି ବଲରେ ୧୧୨ରନ କରି ଅପରାଜିତ ରହିବା ସହିତ ସେ ରୟାଲ ଚାଲେଞ୍ଜର୍ସର ସ୍କୋରକୁ ୨୦୭ରେ ପହଁଚାଇ ମ୍ୟାଚକୁ ଏକରକମ ଲକ୍ଷ୍ନୌ ସୁପରଜାଏଣ୍ଟସ୍‌ର ହାତମୁଠାରୁ ବାହାର କରିଦେଲେ। କେ.ଏଲ. ରାହୁଲ ଓ ଦୀପକ ହୁଡାଙ୍କ ସଂଘର୍ଷ ସତ୍ତ୍ୱେ ଲକ୍ଷ୍ନୌ ୧୪ରନରେ ପରାସ୍ତ ହେଲା। କ୍ୱାଲିଫାୟର୍-୨ରେ ପୁନର୍ବାର ରଜତ ପାଟିଦାର ୫୮ରନର ଇନିଂସ ଖେଳିଥିଲେ ହେଁ ରୟାଲ୍ ଚାଲେଞ୍ଜର୍ସର ଅନ୍ୟ ନାମିଦାମି ଖେଳାଳିମାନେ ପ୍ରସିଦ୍ଧ କ୍ରଷ୍ଣା ଓ ଓବେଦ୍ ମାକୟଙ୍କ ବୋଲିଂ ସମ୍ମୁଖରେ




ବିଫଳ ହେବାରୁ ଦଳୀୟ ସ୍କୋର୍ ୧୫୭ରେ ସୀମିତ ରହିଗଲା। ବିଶେଷ କରି ବିରାଟ କୋହଲୀ ବଡ଼ ସ୍କୋର୍ କରି ନପାରିବା ଘଟଣା ଦଳ ବେଶ୍ ପାଇଁ ମହଙ୍ଗା ପଡ଼ିଲା। ରାଜସ୍ଥାନ ରୟାଲ୍ସ ଦଳ ଜୋସ୍ ବଟଲରଙ୍କ ଶତକ ବଳରେ ମ୍ୟାଚକୁ ୭ ୱିକେଟରେ ଜିଣି ଫାଇନାଲରେ ପ୍ରବେଶ କଲା।

ଆଇ.ପି.ଏଲ୍.ରେ ଦ୍ୱିତୀୟ ଥର ସକାଶେ ଚାମ୍ପିଆନ ହେବାର ଲକ୍ଷ୍ୟ ନେଇ ଅହମଦାବାଦର ମୈଦାନକୁ ଓହ୍ଲାଇଥିବା ରାଜସ୍ଥାନ ଦଳ କିନ୍ତୁ ଫାଇନାଲରେ ଆଶାନୁରୂପ ପ୍ରଦର୍ଶନ କରିନପାରି ମାତ୍ର ୧୩୦ରନ କରିବାରେ ସମର୍ଥ ହେଲା ଏବଂ ଏହାକୁ ଅତିକ୍ରମ କରିବା ନିମନ୍ତେ ଗୁଜରାଟ ଟାଇଟାନ୍ସକୁ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡ଼ିଲା ନାହିଁ। ଶୁବମନ୍ ଗିଲ୍ ଛକ୍କା ମାରି ଦଳକୁ ଯେତେବେଳେ ବିଜୟୀ କରାଇଲେ, ସେତେବେଳେ ଆହୁରି ୧୧ଟି ବଲ ବାକି ଥିଲା। ନିଜର ଚମତ୍କାର ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ହାର୍ଦ୍ଦିକ ପାଣ୍ଡ୍ୟା ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ତେବେ ଏହା ନିଶ୍ଚିତ ଭାବେ ଥିଲା ସାମୂହିକ ପ୍ରୟାସର ବିଜୟ। ହାର୍ଦ୍ଦିକଙ୍କ ଚମତ୍କାରିତା ବ୍ୟତୀତ ଶୁବମନ୍ ଗିଲ୍, ଡେଭିଡ୍ ମିଲର୍, ଋଦ୍ଧିମାନ ସାହାଙ୍କ ବ୍ୟାଟିଂ ତଥା ମହମ୍ମଦ ଶାମୀ, ରଶିଦ ଖାନ, ଲୋକି ଫର୍ଗୁସନ୍ ଆଦିଙ୍କ ବୋଲିଂ ଏଥିପାଇଁ ଗ୍ରହଣ କରିଥିଲା ପ୍ରମୁଖ ଭୂମିକା। ତେବେ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୮୬୩ ରନ୍ ସ୍କୋର କରିଥିବା ରାଜସ୍ଥାନ ରୟାଲ୍ସର ଜୋସ୍ ବଟଲର୍ ଅରେଞ୍ଜ କ୍ୟାପ୍ ହାସଲ କରିବା ସହିତ ପ୍ରତିଯୋଗିତାର ସର୍ବଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିବା ବେଳେ ସେହି ଦଳର ବୋଲର୍ ଯଜୁବେନ୍ଦ୍ର ଚହଲ ସର୍ବାଧିକ ୨୭ଟି ୱିକେଟ୍ ନେଇ ପର୍ପଲ୍ କ୍ୟାପ୍‌ର ହକଦାର ହୋଇଥିଲେ।




ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।

# ବିଜ୍ଞାନ ବିଚିତ୍ର




ଡକ୍ଟର ପ୍ରେମଚାନ୍ଦ ମହାନ୍ତି

**କର୍କଟ ରୋଗରୁ ରକ୍ଷା ପାଇବାକୁ କେତୋଟି ସହଜ ଉପାୟ :-**



ଶୁଣି ଆଶ୍ଚର୍ଯ୍ୟ ହେବେ ଯେ ଭାରତରେ ପ୍ରତିବର୍ଷ ପ୍ରାୟ ୧୪ ଲକ୍ଷ ନୂଆ କର୍କଟ ରୋଗୀ ଚିହ୍ନଟ ହୁଅନ୍ତି । ଏମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ ରୋଗୀ ଯଦି ଠିକ ସମୟରେ ଉଚିତ ଚିକିତ୍ସା ପାଇଥାନ୍ତେ ତେବେ ମୃତ୍ୟୁ ମୁଖରେ ପଡି ନଥାନ୍ତେ। ଡାକ୍ତରଙ୍କ ମତରେ ଶତକଡା ୭୦ ଭାଗ କର୍କଟ ରୋଗ ଚିକିତ୍ସା ଦ୍ୱାରା ଠିକ ହୋଇପାରେ। କିନ୍ତୁ ଏଥିପାଇଁ କେତୋଟି ସରଳ ଉପାୟ ଅବଲମ୍ବନ କରିବାକୁ ପଡିବ। ଯେପରିକି ଉପଯୁକ୍ତ ଖାଦ୍ୟ ଗ୍ରହଣ, ଦୈହିକ ପରିଶ୍ରମ ସହ ପ୍ରତ୍ୟହ ବ୍ୟାୟାମ କରିବା, ଭାଙ୍ଗ, ଗୁଟକା, ଖଇନି, ମଦ୍ୟପାନଠୁ ଦୂରେଇ ରହିବା, ଆବଶ୍ୟକ ମତେ ନିଦ୍ରା ଯିବା ଏବଂ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବା ଦ୍ୱାରା ଶତକଡା ୩୦ ରୁ ୪୦ ଭାଗ ଫୁସଫୁସ ,ମୁଖ ଗହ୍ୱର ଅଂଟା ସ୍ତନ, ମସ୍ତିଷ୍କ, ବେକ ଓ ପାକସ୍ଥଳୀ କର୍କଟକୁ ରୋକି ହେବ। ବିଭିନ୍ନ ପ୍ରକାର କର୍କଟ ମଧ୍ୟରୁ ଶତକଡା ୩୦ ଭାଗ ସ୍ତନ କର୍କଟ ଅଟେ। ଏହାର ମୁଖ୍ୟ କାରଣଗୁଡିକ ମଧ୍ୟରେ ଅସଞ୍ଜତ ଜୀବନ ଶୈଳୀ, ବିଳମ୍ବିତ ବିବାହ,ଗର୍ଭାଧାନ ପ୍ରକ୍ରିୟାଠୁ ଦୁରେଇ ରହିବାକୁ ଅବଲମ୍ବନ କରୁଥିବା କୃତ୍ରିମ ଉପାୟ, ଶିଶୁକୁ ସ୍ତନ୍ୟପାନଠୁ ଶୀଘ୍ର ଦୂରେଇ ରଖିବା, ମଦ୍ୟପାନ କରିବା, ଅଧିକ ତୈଳ ଓ ଚର୍ବିଜାତ ଖାଦ୍ୟ ଖାଇବା, ଆଳସ୍ୟପୂର୍ଣ୍ଣ ଜୀବନ ଯାପନ କରିବା, ଅଧିକ ମୋଟା ହେବା ଆଦି ମୁଖ୍ୟ ଅଟେ। ଯଦି ଖାଦ୍ୟ ବ୍ୟବସ୍ଥାକୁ ଲକ୍ଷ୍ୟ କରାଯାଏ ତେବେ ଅଧିକ ଲାଲ ମାଂସ, ଡବା ପ୍ୟାକିଙ୍ଗ ଖାଦ୍ୟ, ତେଲ ଓ ଚର୍ବିଯୁକ୍ତ ଖାଦ୍ୟର ବ୍ୟବହାର ତଟକା ପରିବା, ତନ୍ତୁଯୁକ୍ତ ଖାଦ୍ୟ ଓ ଫଳ ଯଥେଷ୍ଟ ପରିମାଣରେ ନ ଖାଇବା, ଅଧିକ ଲବଣଯୁକ୍ତ ଖାଦ୍ୟ ଆଦି କର୍କଟର ମୁଖ୍ୟ କାରଣ ଅଟେ। ୩୦ ବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ମହିଳା ସ୍ତନ କର୍କଟଠୁ ନିଜକୁ ରକ୍ଷା କରିବାକୁ କେତୋଟି ସରଳ ଉପାୟ ଅବଲମ୍ବନ କରିବା ଉଚିତ ଯେପରିକି ଆଳସ୍ୟପୂର୍ଣ୍ଣ ଜୀବନ ଶୈଳୀକୁ ବର୍ଜନ କରନ୍ତୁ, ଅଧଘଂଟାରୁ ଘଂଟାଏ ପର୍ଯ୍ୟନ୍ତ ଚାଲିବାକୁ ଅଭ୍ୟାସରେ ପକାନ୍ତୁ, ନିୟମିତ ଭାବେ ନିଜେ ନିଜର ସ୍ତନ ପରୀକ୍ଷା କରନ୍ତୁ ଦେଖନ୍ତୁ ମାଂସପେଶୀ ମଧ୍ୟରେ କିଛି ଗୋଟାଳିଆ ଅଂଶ ଜମା ହେଉଛି କି ସ୍ତନର ବାହାର ପଟେ କିଛି ରଙ୍ଗ ପରିବର୍ତ୍ତନ କିମ୍ବା ତରଳ ପଦାର୍ଥ ବାହାରୁଛି କି ଯଦି ଏପରି ଲକ୍ଷ୍ୟ କରୁଛନ୍ତି ତେବେ ନିଃସଙ୍କୋଚରେ ଡାକ୍ତରଙ୍କୁ ଦେଖାକରି ମାମୋଗ୍ରାଫୀ ଓ ପାପ ସ୍ମିଅର ପରୀକ୍ଷଣ କରାଇ ନିଅନ୍ତୁ। ଅତ୍ୟଧିକ ମାନସିକ ଚାପ ବା ଅଶାନ୍ତି ଯୋଗୁଁ ହରମୋନ କ୍ଷରଣରେ ଅସନ୍ତୁଳନ ଯୋଗୁଁ ମଧ୍ୟ କର୍କଟ ରୋଗର ସମ୍ଭାବନା ବଢିଯାଏ। ଅଧିକାଂଶ ଯୁବତୀ ଜାଣି ନଥାନ୍ତି ଯେ ନିଜକୁ ସଫାସୁତୁରା ରଖିବା ଏବଂ ଏଚ ପି ଭି ଭ୍ୟାକ୍ସିନ ନେବା ଦ୍ୱାରା ତଥା ନିଜର ଦାନ୍ତ, ମୁଖ ଓ ମାଢିର ଯତ୍ନ ନେବା ଦ୍ୱାରା ସେମାନେ ନିଜକୁ ଜରାୟୁ ଗ୍ରୀବା କର୍କଟରୁ ରକ୍ଷା କରି ପାରିବେ। ହେପାଟାଇଟିସ ବି ଓ ସି ଭ୍ୟାକ୍ସିନ ଦ୍ୱାରା ଆପଣ ଲିଭର କ୍ୟାନ୍ସରରୁ ବର୍ତ୍ତି ପାରିବେ। ଡାକ୍ତରମାନେ ସର୍ବଦା କୁହନ୍ତି ଯେ ଯଦି ପ୍ରାଥମିକ ଅବସ୍ଥାରେ ରୋଗୀର ଚିକିତ୍ସା କରାଯାଏ ତେବେ ଶତକଡା ୫୦ ଭାଗ ରୋଗୀ ଭଲ ହୋଇ ପାରନ୍ତେ କିନ୍ତୁ ଭାରତରେ ଏକ ଦୟନୀୟ ସ୍ଥିତି ପରିଲକ୍ଷିତ ହୁଏ ଅର୍ଥାତ ଏଠାରେ ୬୦ ରୁ ୭୦ ଭାଗ ରୋଗୀ ତୃତୀୟ କିମ୍ବା ୪ର୍ଥ ସୋପାନରେ ପହଂଚିଲା ପରେ ଡାକ୍ତରଙ୍କ ପରାମର୍ଶ ଲୋଡିଥାନ୍ତି।




**ନାଇଟ୍ରିକ ଅକ୍ସାଇଡ :-** ଏହା ନାଇଟ୍ରୋଜେନ ର ଏକ ଯୌଗିକ ଅଟେ ଯାହା ବାଷ୍ପୀୟ ଅବସ୍ଥାରେ ଥାଏ। କିନ୍ତୁ ଏହା ଆମ ଶରୀର ପାଇଁ ନିହାତି ଉପଯୋଗୀ ହୋଇଥାଏ। ଏହା ଆମ ଶୀରାକୁ ପ୍ରସାରିତ କରି ରଖିଥାଏ ଯଦ୍ୱାରା ରକ୍ତ ପ୍ରବାହର ଗତି ସୁଗମ ହୋଇ ରକ୍ତଚାପ ହ୍ରାସ କରିଥାଏ। କିନ୍ତୁ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଏହାର ପରିମାଣ କମି ଯିବାରୁ ବାହ୍ୟ ସୂତ୍ରରୁ ଏହାକୁ ଗ୍ରହଣ କରିବାକୁ ପଡିଥାଏ। କେତେକ ଖାଦ୍ୟ ପଦାର୍ଥ ରହିଛି ଯେଉଁଥିରୁ ଏହା ପର୍ଯ୍ୟାପ୍ତ ପରିମାଣରେ ମିଳିଥାଏ। ସେଗୁଡିକ ହେଲା ବିଟ୍, ରସୁଣ, ମାଂସ, ଅଂଡା, ସମୁଦ୍ରଜାତ ଖାଦ୍ୟ, ଚକୋଲେଟ ଶାଗ ଜାତୀୟ ଓ ଲେମ୍ବୁ, କମଳା ଜାତୀୟ ଫଳମୁଳ।

**ଲହୁଣୀ ବା ବଟର :-**




ଜାଣନ୍ତିକି ଗାଈକ୍ଷୀରରୁ ଯେଉଁ ଧଳା ଲହୁଣୀ ମରାଯାଏ ତାହା ଆମ ଶରୀର ପାଇଁ କେତେ ଉପଯୋଗୀ ? ଏହା ଏକ ଆଂଟି ଭାଇରାଲ, ଆଂଟି ବ୍ୟାକ୍ଟେରିଆଲ



ଟିକିଏ ଟିକିଏ ଭଦ୍ରାମୀ ଜୀବନକୁ ମଧୁମୟ କରିଦିଏ।

ଓ ଆଂଟିକାର୍ସିନୋଜେନିକ ବା କ୍ୟାନ୍ସର ନିରୋଧୀ ଏଜେଂଟ ପରି କାମ କରେ। ଏହା ଆମ ହୃତପିଣ୍ଡକୁ ସୁରକ୍ଷିତ ରଖିବା ସହିତ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ଓ ଆମ ଅସ୍ଥିକୁ ଦୃଢ କରେ। ଏଥିରେ ଫେଟ ଦ୍ରବିଭୁତ ଭିଟାମିନ ଯଥା ଭିଟାମିନ ଏ ,ଭିଟାମିନ କେଟୁ ଓ ଭିଟାମିନ ଇ ବହୁ ପରିମାଣରେ ଥାଏ। ଏଥିରୁ ଭିଟାମିନ କେଟୁ ଶରୀରରେ କ୍ୟାଲସିଅମ ଗ୍ରହଣ ପ୍ରକ୍ରିୟାକୁ ସୁଗମ କରିବ। ସଙ୍ଗେ ସଙ୍ଗେ ଚୟାପଚୟ କ୍ରିୟାକୁ ନିୟନ୍ତ୍ରିତ କରେ ଏବଂ ହୃତପିଣ୍ଡକୁ ସୁରକ୍ଷିତ ରଖିଥାଏ। ଦିନକୁ ୨ ଚାମଚ ଲହୁଣୀରୁ ଏସବୁ ଖାଦ୍ୟସାର ପର୍ଯ୍ୟାପ୍ତ ପରିମାଣରେ ମିଳିପାରେ। ଆମର ଏକ ସାଧାରଣ ଧାରଣା ଥାଏ ଯେ ଲହୁଣୀ ଜାତୀୟ ଖାଦ୍ୟ ନେଲେ ଆମେ ଅଧିକ ମୋଟା ହୋଇଯିବା କିନ୍ତୁ ଡକ୍ଟର ଶିଖା ମହାଜନଙ୍କ ମତାନୁସାରେ ଏହି ଲହୁଣୀରେ କେତେକ ଛୋଟ ଏବଂ ମଧ୍ୟମ ଆକାରର ଫେଟି ଚେନ ରହିଛନ୍ତି ଯେଉଁମାନଙ୍କ ବିଘଟନ ଏକ ଭିନ୍ନ ପ୍ରଣାଳିରେ ହୋଇଥାଏ ଯାହା ଶରୀରର ଓଜନ ହ୍ରାସରେ ସହାୟକ ସିଦ୍ଧ ହୁଏ ଯେପରିକି ଆମ କଲୋନରେ ଥିବା ଉପକାରୀ ବୀଜାଣୁମାନେ ଏହାକୁ ବିଘଟିତ କରି ବ୍ୟୁଟିରେଟ ନାମକ ଫେଟି ଏସିଡ ତିଆରି କରନ୍ତି ଯାହା ଅଧିକ ଶକ୍ତି ଉପ ଯୋଗ କରି ଓଜନ ବଢିବାକୁ କେବଳ ପ୍ରତିହତ କରେନାହିଁ ବରଂ ଖାଦ୍ୟ ଗ୍ରହଣ ପ୍ରକ୍ରିୟାକୁ କମ କରି ଇନସୁଲିନ କ୍ଷରଣକୁ ବି ସୁଗମ କରେ। ଏହା ଶିଶୁମାନଙ୍କ ପାଇଁ ମଧ୍ୟ ଆବଶ୍ୟକ କାରଣ ଏଥିରେ ଥିବା ଆରାକିଡୋନିକ ଏସିଡ ମସ୍ତିଷ୍କର ଅଭିବୃଦ୍ଧି ପାଇଁ ଏକ ଟନିକ ଭଳି କାର୍ଯ୍ୟ କରେ ତାଛଡା ଏଥିରେ ଭିଟାମିନ ବିଟୁ, କ୍ୟାଲସିଅମ, ମ୍ୟାଗ୍ନେସିଅମ, ଫସଫରସ ଓ ପୋଟାସିଅମରେ ଭରପୁର ଥିବାରୁ ଶିଶୁମାନଙ୍କ କ୍ଷେତ୍ରରେ ଏକ ଉତ୍କୃଷ୍ଟ ପୋଷକର କାର୍ଯ୍ୟ ସୁଚାରୁ ରୁପେ ତୁଲାଇଥାଏ। ଏଠାରେ ମନେ ରଖନ୍ତୁ ଏହା ସଂପୂର୍ଣ୍ଣ ରୁପେ ଘରେ ତିଆରି କରା ଯାଉଥିବାରୁ ଏଥିରେ କିଛି ପ୍ରିଜରଭେଟିଭ ମିଶା ଯାଇ ନଥାଏ ତେଣୁକିଛିଦିନ ବାହାରେ ରଖିଦେଲେ ଜାରଣ ପ୍ରକ୍ରିୟା ଯୋଗୁଁ ଏହା ଖରାପ ହୋଇଯାଇ ଏହାର ରଙ୍ଗ ଧୂସର କିମ୍ବା ହଳଦିଆ ହୋଇଯାଏ । ଏହାକୁ ବ୍ୟବହାର କରନ୍ତୁ ନାହିଁ। ଅଧିକ ଦିନ ରଖିବାକୁ ଚାହିଁଲେ ଏହାକୁ ଏକ ନିବୁଜ ପାତ୍ରରେ ରେଫ୍ରିଜେରେଟରରେ ସାଇତି ରଖନ୍ତୁ।

**କ୍ୟାଲସିଅମ ସଂପର୍କରେ :-** ଏହି ମୌଳିକର ନାମଟି ଶୁଣିଲା ମାତ୍ରେ ଆମେ ଭାବିଥାଉ ଏହାର କାର୍ଯ୍ୟ ହେଲା ଆମ ଅସ୍ଥି, ଦାନ୍ତ କୁ ମଜବୁତ କରିବା କିନ୍ତୁ ଜାଣି ରଖନ୍ତୁ ଏହି ଦୁଇଟି କାର୍ଯ୍ୟ ବ୍ୟତୀତ ଏହା ରକ୍ତ ଜମାଟ ବାନ୍ଧିବା, ସ୍ନାୟୁ ସନ୍ଦେଶକୁ ସଂଚାରିତ କରିବା ଏବଂ ହୃତସ୍ପନ୍ଦନ ପ୍ରକ୍ରିୟାକୁ ନିୟନ୍ତ୍ରିତ କରିବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସବୁ



କରିଥାଏ। ତେବେ ଆବଶ୍ୟକସ୍ଥଳେ ଏହାକୁ ଔଷଧ ଆକାରରେ ଗ୍ରହଣ କରିବା ପରିବର୍ତ୍ତେ ଖାଦ୍ୟ ପଦାର୍ଥ ମାଧ୍ୟମରେ ଗ୍ରହଣ କରିବା ସମିଚୀନ ଅଟେ। ୫୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କ ପାଇଁ ଦିନକୁ ୧୦୦୦ ମିଗ୍ରା ଓ ୭୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହାର ଆବଶ୍ୟକତା ୧୨୦୦ ମିଗ୍ରା ତଥା ୪ ରୁ ୧୮ ବର୍ଷ ବୟସ୍କଙ୍କ ପାଇଁ ୧୩୦୦ ମିଗ୍ରା ର କ୍ୟାଲସିଅମ ଦରକାର ପଡିଥାଏ। ଆସନ୍ତୁ ଜାଣିବା କେଉଁ ଖାଦ୍ୟ ପଦାର୍ଥରୁ କେତେ ପରିମାଣର କ୍ୟାଲସିଅମ ମିଳିଥାଏ। ପୂର୍ବ ଏସିଆରେ ପ୍ରଚଳିତ ସୋୟାବିନରୁ ପ୍ରସ୍ତୁତ ୧ କପ୍ ଏଡାମେମ୍ ରେ ୯୮ ମିଗ୍ରା କ୍ୟାଲସିଅମ ସହ ଅନେକ ପ୍ରୋଟିନ ଓ ୯ ପ୍ରକାର ଆମିନୋ ଏସିଡ ମିଳିଥାଏ। ସେହିପରି ଏକ ଚାମଚ ରାଶିରୁ ୮୮ ମିଗ୍ରା କ୍ୟାଲସିଅମ ସହ କପର ଓ ଜିଙ୍କ ଭଳି ଖଣିଜ ପଦାର୍ଥ ବି ମିଳିଥାଏ। ଏକ କପ୍ ସଜ କଟା ଭେଣ୍ଡି ଆମକୁ ୮୨ ମିଗ୍ରା କ୍ୟାଲସିଅମ ସହ ଆଇରନ ,ଜିଙ୍କ ,ପ୍ରୋଟିନ ଓ ତନ୍ତୁଜ ପଦାର୍ଥ ପ୍ରଦାନ କରିଥାଏ। ଗୋଟିଏ ବଡ ସାନ୍ତରାରୁ ୭୪ ମିଗ୍ରା କ୍ୟାଲସିଅମ ମିଳେ ଯାହା ଆମ ଅସ୍ଥି ତିଆରିରେ ସହାୟକ ହୁଏ। କ୍ୟାଲସିଅମ ପାଇଁ ଅନ୍ୟ ଏକ ଉପାଦେୟ ଖାଦ୍ୟ ହେଲା ଶୁଖିଲା ଡିମିରି ଫଳ ଯାହା ଶରୀରକୁ ୧୧୦ କ୍ୟାଲୋରୀର ଶକ୍ତି ମଧ୍ୟ ପ୍ରଦାନ କରିଥାଏ। ଏତଦ୍ ବ୍ୟତୀତ ଛେନା, ଦହି, ଦୁଗ୍ଧଜାତ ପଦାର୍ଥ, ଅଣ୍ଡା, ବିନ୍ସ, ମଟର ସବୁଜ ପନିପରିବା ରୁ ମଧ୍ୟ ଯଥେଷ୍ଟ ପରିମାଣରେ କ୍ୟାଲସିଅମ ଆପଣ ପାଇ ପାରିବେ। କିନ୍ତୁ ଯେତିକି ପରିମାଣରେ ଆମେ ଖାଦ୍ୟ ଗ୍ରହଣ କଲେ ସେଥିରୁ ଅବଶୋଷିତ କ୍ୟାଲସିଅମ ସଂଚୟ ପାଇଁ କେତୋଟି ସାବଧାନତା ଅବଲମ୍ବନ କରିବାକୁ ପଡିବ। ଯଥା ଭିଟାମିନ ଡି ର ମାତ୍ରା ବଢାଇବା ଦରକାର, ପ୍ରତ୍ୟେହ ୩୦ ମିନିଟ ଓ ସପ୍ତାହକୁ ଅତି କମରେ ୫ ଦିନ ବ୍ୟାୟାମ କରନ୍ତୁ, ତଦ୍ୱାରା ଆପଣଙ୍କ ବୋନ ଡେନ୍ସିଟି ବୃଦ୍ଧି ପାଇବ। ଅତ୍ୟଧିକ ଅମ୍ଳତ୍ୱ ବା ଏସିଡିଟି ହାଡର ପ୍ରଭୁତ କ୍ଷତି ସାଧନ କରିଥାଏ। ଅତ୍ୟଧିକ କଫି, ସିଗାରେଟ ଓ ମଦ୍ୟପାନ ବି କ୍ୟାଲସିଅମ ଅବଶୋଷଣରେ ବାଧା ସୃଷ୍ଟି କରେ।

**କ୍ରାୟୋଆବ୍ଲେସନ ଥେରାପୀ :-** କ୍ୟାନ୍ସର ଚିକିତ୍ସାରେ ବ୍ୟବହୃତ ଏକ ନୂଆ ଶୈଳୀ ଯାହାକୁ ପ୍ରଥମେ ଇସ୍ରାଏଲର ତେଲ ଆଭିବରେ ପ୍ରଚଳନ କରା ଯାଇଛି।



ଏହାକୁ ଆଇସ କ୍ୟୁର ବି କୁହାଯାଉଛି। ଆମ ଶରୀରରେ ଦେଖା ଦେଉଥିବା ଟ୍ୟୁମର ୨ ପ୍ରକାରର. ଗୋଟିଏ ହେଲା ବିନାଇନ ଓ ଅନ୍ୟଟି ହେଲା ମାଲିଗନେଂଟ। ୨ୟ ପ୍ରକାର ଟ୍ୟୁମରକୁ ଏହି ଉପାୟରେ ବାହାର କରା ଯାଇଥାଏ। ଏଥିପାଇଁ ଏକ ପ୍ରୋବ ସାହାଯ୍ୟରେ ଟ୍ୟୁମରକୁ ଅତ୍ୟଧିକ ନିମ୍ନ




ଅତ୍ୟଧିକ ଅର୍ଥ ମନୁଷ୍ୟକୁ ଅହଂକାର କୋଳକୁ ଟାଣିନିଏ।

ତାପମାତ୍ରାରେ ରଖାଯାଏ ଯାହା ଫଳରେ ତତ୍ ମଧ୍ୟସ୍ଥ ସମସ୍ତ କୋଷ ମରି ଯାଆନ୍ତି ,ଯେଉଁମାନଙ୍କୁ ଦ୍ରବୀଭୁତ କରି ୨ ସପ୍ତାହ ମଧ୍ୟରେ ବାହାର କରି ଅଣାଯାଏ ।

**ମାଂସପେଶୀ ସଂକୋଚନ ଜନିତ ଯନ୍ତ୍ରଣା :-** ଏହି ଯନ୍ତ୍ରଣା ମାଂସପେଶୀର ଅଧିକ ବ୍ୟବହାର, ଶରୀରରୁ ଜଳୀୟ ଅଂଶ କମିଗଲେ, ଗୋଟିଏ ଅବସ୍ଥାରେ ଗୋଡ କିମ୍ବା ହାତକୁ ବେଶୀ ସମୟ ରଖିଲେ, ମାଂସପେଶୀ ଉପରେ ଅତ୍ୟଧିକ ଚାପ ସୃଷ୍ଟି କଲେ ସୌରତାପରେ ଅଧିକ କାର୍ଯ୍ୟ କଲେ କିମ୍ବା ଅତ୍ୟଧିକ ବ୍ୟାୟାମ କଲେ ଏପରି ଯନ୍ତ୍ରଣା ହେବା ଦେଖାଯାଏ ଯାହା ପ୍ରଥମେ ବାହ୍ୟ ଅଂଶରେ ଦୃଶ୍ୟମାନ ହୋଇ ପରେ ଭିତରକୁ ମାଡି ଯାଇଥାଏ । ଏହା ଯଦିଓ ହାନିକାରକ ନୁହଁ ତଥାପି କେତେକ ଅନ୍ତର୍ନିହିତ କାରଣ ଯଥା କେତୋଟି ଅଙ୍ଗକୁ ଯଦି ରକ୍ତ ପ୍ରବାହ କମ ରହେ ତେବେ ଯନ୍ତ୍ରଣା ତୀବ୍ରତର ହୋଇଥାଏ । ବିଶେଷକରି ରାତିରେ ଶୋଇଥିବା ସମୟରେ ଏହା ବିଶେଷ ଭାବେ ଅନୁଭବ କରିହୁଏ । ଯଦି ଶରୀରରେ ଭିଟାମିନ ବି ଓ ଡି ସହିତ ସୋଡିଅମ, ପୋଟାସିଅମ ଏବଂ ମ୍ୟାଗ୍ନେସିଅମର ପରିମାଣ ସ୍ଥିର ରଖାଯାଏ ତେବେ ଏହି ଯନ୍ତ୍ରଣାରୁ ଉପଶମ ମିଳିଥାଏ । ଫିଜିଓଥେରାପି.ଅଲଟ୍ରାସୋନିକ ଥେରାପି ଓ ଇଂଟରଫେରେନ୍ସିଆଲ ଥେରାପି ଦ୍ୱାରା ରକ୍ତସଂଚାଳନ ବୃଦ୍ଧି ଦ୍ୱାରା ଏହି ପ୍ରକାର ଯନ୍ତ୍ରଣାରୁ ସାମୟିକ କିମ୍ବା ସବୁଦିନ ପାଇଁ ମୁକ୍ତି ମିଳିଥାଏ । ମାଲିସ ଦ୍ୱାରା ମଧ୍ୟ ଏଥିରୁ ତ୍ରାହି ମିଳିଥାଏ ।

**ଫ୍ରାଗାଇଲ ଏକ୍ସ ସିଣ୍ଡ୍ରୋମ :-** ଭାରତରେ ପ୍ରାୟ ୨ ଲକ୍ଷ ଶିଶୁ ଏହି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି ଯେଉଁମାନଙ୍କ ପିତାମାତା ନିଜ ଅଜ୍ଞତା ହେତୁ ଏହାକୁ ଚିହ୍ନି ନପାରି ଚିକିତ୍ସା କରାଇ ନଥାନ୍ତି । ଏହା ଗୋଟିଏ ଏକକ ଜିନଯୁକ୍ତ ଆନିତ ରୋଗ ଯଦ୍ୱାରା ଜଣେ ଶିଶୁ ପାଖରେ ଅଟିଜମ ଓ ବୁଦ୍ଧିମତା ଦୁର୍ବଳତା ଭଳି ବିଲକ୍ଷଣ ଦେଖାଯାଏ । ଏପରି ଶିଶୁ ଏକ ଧ୍ୟାନ କୈନ୍ଦ୍ରିକ, ଅତିବ ପ୍ରତିକ୍ରିୟାଶୀଳ ଓ ଭାଷାର ଆଦାନ ପ୍ରଦାନରେ ଶିଥିଳତା ପ୍ରଦର୍ଶନ କରିଥାନ୍ତି । ଶତକଡା ୨୫ ଭାଗ ରୋଗୀ ମୂର୍ଚ୍ଛା ଯାଇଥାନ୍ତି । ଏହାର ଅନ୍ୟ ଲକ୍ଷଣ ଗୁଡିକ ହେଲା ଏହା ମହିଳାଙ୍କ ଅପେକ୍ଷା ପୁରୁଷ ଶିଶୁଙ୍କଠାରେ ଅଧିକ ଦୃଶ୍ୟମାନ ହୁଏ । ଏପରି ଶିଶୁ ଆଖିରେ ଆଖି ମିଳାଇ କଥା କହନ୍ତି ନାହିଁ । ଆଲୋକ ଏବଂ ଶବ୍ଦ ପ୍ରତି ଏମାନେ ଅତ୍ୟନ୍ତ ସମ୍ବେଦନଶୀଳ । ଏମାନଙ୍କୁ ସେମାନେ କରୁଥିବା କାର୍ଯ୍ୟଠୁ ଧ୍ୟାନ ହଠାଇବା କଠିନ ଅଟେ । ଏମାନେ ଅତୀବ ପ୍ରତିକ୍ରିୟାଶୀଳ ଓ ଭଙ୍ଗୀଭଙ୍ଗୀ କାର୍ଯ୍ୟରେ ସିଦ୍ଧହସ୍ତ ।  ଏହାକୁ ଡି ଏନ ଏ ରକ୍ତ ପରୀକ୍ଷଣ ଦ୍ୱାରା ପ୍ରାୟ ୯୯% ସଠିକତା ସହ ଜାଣି ହୁଏ । ଏହାର କାରଣ ହେଲା ଏକ୍ସ କ୍ରୋମୋଜୋମରେ ଥିବା ଏଫ୍ ଏମ୍ ଆର-୧ ଜିନଯାହା ଏକ ପ୍ରକାର ପ୍ରୋଟିନ ତିଆରି କରେ ଯାହାର କାର୍ଯ୍ୟ ହେଲା ସ୍ନାୟୁ କୋଷମାନଙ୍କ ମଧ୍ୟରେ ବାର୍ତ୍ତାଳାପକୁ ସୁଗମ କରିବା । ଗୋଟିଏ ଶିଶୁର ମସ୍ତିଷ୍କ ସଠିକ ଭାବେ କାର୍ଯ୍ୟ କରିବା ପାଇଁ ଏହି ପ୍ରୋଟିନ ଅତ୍ୟନ୍ତ ଆବଶ୍ୟକ କିନ୍ତୁ ଯଦି ଏହାର ମାତ୍ରା ଆବଶ୍ୟକତାଠାରୁ କମ କିମ୍ବା ବେଶୀ ହୁଏ ତେବେ ଶିଶୁ; ଏହି ରୋଗର ଶୀକାର ହୋଇଥାଏ । ଯଦି ମା ପାଖରେ ଏହି ଜିନ ଥାଏ ତେବେ ନିଜର ପୁତ୍ର କିମ୍ବା କନ୍ୟା ପାଖକୁ ଏହି ରୋଗ ଯିବାର ୫୦ -୫୦% ସମ୍ଭାବନା ଥାଏ କିନ୍ତୁ ବାପା ପାଖରୁ ଏହା କେବଳ କନ୍ୟା ସନ୍ତାନ ପାଖକୁ ଯାଇଥାଏ । ଭାରତରେ ପ୍ରାୟ ୪ ଲକ୍ଷ ଶିଶୁ ଏପରି ରୋଗରେ ପଡିଥାନ୍ତି । ପ୍ରତ୍ୟେକ ବର୍ଷ ଜୁଲାଇ ୨୨ ତାରିଖକୁ ଫ୍ରାଗାଇଲ ଏକ୍ସ ସିଣ୍ଡ୍ରୋମ ସଚେତନତା ଦିବସ ରୁପେ ପାଳନ କରାଯାଏ । ଯଦି ଏହି ରୋଗ ପରିବାରରେ ଜଣକୁ ହୋଇଥାଏ ତେବେ ବଂଶାନୁକ୍ରମିକଭାବେ ଏହା ଗୋଟିଏ ପିଢିରୁ ଅନ୍ୟ ପିଢିକୁ ଗତି କରିଥାଏ । ଯଦି କୌଣସି  ଶିଶୁଠାରେ ବୁଦ୍ଧିମତାରେ ଶିଥିଳତା, କଥା କହିବାରେ ବିଳମ୍ବ ଭଳି ଲକ୍ଷଣ ଦେଖନ୍ତି ତେବେ ନିହାତିଭାବେ ଏଫ ଏକ୍ସ ଏସ ପରୀକ୍ଷଣ କରାଇ ନେବା ଜରୁରୀ ଅମ ଦେଶରେ ୨୦୦୩ ମସିହାରେ ଫ୍ରାଗାଇଲ ଏକ୍ସ ସୋସାଇଟି ଗଠିତ ହୋଇଥିଲା ଯାହାର ପ୍ରାଥମିକ ଉଦ୍ଧେଶ୍ୟ ଥିଲା ଏହିପରି ପରିବାର ମାନଙ୍କୁ ସଠିକ ସୂଚନା ଆଧାରରେ ସହାୟତା ପ୍ରଦାନ କରିବା । ଏହାର କୌଣସି ଚିକିତ୍ସା ନାହିଁ କିନ୍ତୁ ଉପଯୁକ୍ତ ଡାକ୍ତରଙ୍କଠାରୁ ପରାମର୍ଶ ମୁତାବକ ଔଷଧ ଗ୍ରହଣ କଲେ ଏମାନଙ୍କଠାରେ ଦେଖା ଦେଉଥିବା ବ୍ୟତିକ୍ରମ ସବୁକୁ ଠିକ କରାଯାଇ ପାରିବ । ତାଛଡା ସ୍ପିଚ ଓ ଲାଙ୍ଗୁଏଜ ଥେରାପୀ, ଅକୁପେସନାଲ ଥେରାପୀ ଓ ବିହେଭିଅର ଥେରାପୀ ଦ୍ୱାରା ଶିଶୁଠାରେ ଦେଖା ଯାଉଥିବା ଶିଥୀଳତାକୁ ଦୁର କରା ଯାଇପାରିବ । କିନ୍ତୁ ବ୍ୟବହାରରେ ପରିବର୍ତ୍ତନ, ପ୍ରତିକ୍ରିୟାଶୀଳତାକୁ ପ୍ରଶମିତ କରିବା ଓ କୌଣସି ଖରାପ କାମଠୁ ତାର ଧ୍ୟାନ ହଟାଇବା ପାଇଁ ଶିଶୁକୁ କେତୋଟି ଔଷଧ ଦେବାକୁହିଁ ପଡିବ । ଏହା ଯେତେଶୀଘ୍ର ଆରମ୍ଭ ହେବ ସେତେ ଭଲ । ଏ ସଂପର୍କରେ କୌଣସି ବି ଦେୟ ବିହୀନ ପରାମର୍ଶ ପାଇଁ ଆପଣ ଡ. ଶାଳିନୀ କେଡିଆ, ଚେଆରମେନ ଫ୍ରାଗାଇଲ ଏକ୍ସ ସୋସାଇଟି ଅଫ୍ ଇଣ୍ଡିଆଙ୍କ ସହ ଯୋଗାଯୋଗ କରନ୍ତୁ ।



Fragile X Chromosome

ମୋ - ୯୪୩୭୧୨୭୮୨୦

# ସମ୍ବାଦ ବିଚିତ୍ରା

୧ ଡାକବାଲା ବା ପୋଷ୍ଟମ୍ୟାନ ଏଣିକି ଆଉ ଏକ ଜରୁରୀ ସେବା ଯୋଗାଇବେ। ତାହା ହେଉଛି ଆଧାର ସମ୍ପର୍କିତ ସେବା। ସେମାନେ ଆପଣଙ୍କ ଘରକୁ ଯାଇ ଆଧାର ଓ ମୋବାଇଲି ନମ୍ବର ଲିଙ୍କ୍, ଛୋଟ ପିଲାମାନଙ୍କର ଆଧାର ପଂଜୀକରଣ, ଆଧାର ତଥ୍ୟ ଅପଡେଟ୍ ଆଦି କାର୍ଯ୍ୟ କରିପାରିବେ।

୨ ୨୦୨୬ରେ ଗୁଜୁରାଟର ସୁରଟ ଏବଂ ବିଲିମୋରା ମଧ୍ୟରେ ଦେଶର ପ୍ରଥମ ବୁଲେଟ୍ ଟ୍ରେନ୍ ଚଳାଚଳ କରିବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

୩ ଗତ ୮ ବର୍ଷ ଭିତରେ ଭାରତର ବନାଞ୍ଚଳ ୨୦,୦୦୦ ବର୍ଗ କି.ମି. ବୃଦ୍ଧି ପାଇବା ସହ ବନ୍ୟଜନ୍ତୁଙ୍କ ସଂଖ୍ୟା ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି।

୪. ପରମାଣୁ ଶକ୍ତି ସମ୍ପନ୍ନ ଅଗ୍ନି-୪ ମିଶାଇଲ ସଫଳ ପରୀକ୍ଷଣ।ଭଦ୍ରକ ଅବଦୁଲ କଲାମ ଦ୍ୱୀପରେ ଅଗ୍ନି-୪ ମିଶାଇଲ୍‌ର ସଫଳ ପରୀକ୍ଷଣ କରାଯାଇଛି। ଏହି ମିଶାଇଲ୍‌ର ଦୂରଗାମୀ କ୍ଷମତା ୪ ହଜାର କି.ମି ରହିଛି।

୫. ତ୍ରିପୁରା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଶୁଭାଷିସ ତାଳପତ୍ର ଓ ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ଓଡିଶା ହାଇକୋର୍ଟର ବିଚାରପତି ଭାବେ ସପଥ ଗ୍ରହଣ କରିଛନ୍ତି।

୬. ୧୨ ତାରିଖରେ ହେବ ହାଇଭୋଲଟେଜ୍ ମ୍ୟାଚ। ଏହି ଟି-୨୦ ମ୍ୟାଚ ପାଇଁ ୯ରୁ ଅଫଲାଇନ୍ ଟିକେଟ୍ ବିକ୍ରି ଆରମ୍ଭ ହେବ।

୭. ମୁଖ୍ୟମନ୍ତ୍ରୀ ୨୧ନୂଆ ମନ୍ତ୍ରୀଙ୍କୁ ବିଭାଗ ବଣ୍ଟନ କରିଛନ୍ତି।

୮. ବିଶ୍ୱରେ ୪୨ ପ୍ରତିଶତ ଲୋକ ସୁକ୍ଷ୍ମ ଖାଦ୍ୟରୁ ବଞ୍ଚିତ ହେଉଥିବା ବେଳେ, ଭାରତରେ ଏହି ହାର ୭୧ ପ୍ରତିଶତ।

୯. ଅନ୍‌ଲାଇନ୍ ଗେମ୍ ଖେଳିଲେ ଉଡିଯାଉଛି ଟଙ୍କା। ସେହିପରି ଏକ ଆଶ୍ଚର୍ଯ୍ୟ କଲାଭଳି ଘଟଣା ଘଟିଛି ହାଇଦ୍ରାବଦରେ। ଜଣେ ୧୬ ବର୍ଷୀୟ ନାବାଳକ ମୋବାଇଲ୍ ଫୋନରେ ଅନ୍‌ଲାଇନ୍ ଗେମ୍ ଖେଳି ୩୬ ଲକ୍ଷ ଟଙ୍କା ଦେଇଥିବା ଜଣାପଡିଛି।

୧୦. କେନ୍ଦ୍ର ମୁଖ୍ୟ ନିର୍ବାଚନ କମିଶନ ରାଜୀବ କୁମାର ଉତ୍ତରାଖଣ୍ଡର ଏକ ମତଦାନ କେନ୍ଦ୍ରରେ ପହଁଚିବାକୁ ୧୮ କିମି ଯାଏଁ ପାଦରେ ଯାତ୍ରା କରିଛନ୍ତି।

୧୧. ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ସମ୍ରାଟ୍ ପୃଥ୍ୱୀରାଜ ଦେଖି ଏହାକୁ ବିଶ୍ୱ ଶ୍ରେଣୀର କହି ଖୁବ୍ ପ୍ରଶଂସା କରିଛନ୍ତି।

୧୨. ପୂର୍ବଭଳି ଭୁବନେଶ୍ୱର-କଟକ ମଧ୍ୟରେ ମହିଳା ବସ୍ ଚଳାଚଳ କରିବ।

୧୩. ଭାରତୀୟ ବଂଶୋଦ୍ଭବ ଆମେରିକା ଛାତ୍ରୀ ହରିଣୀ ଲୋଗାନ ମାତ୍ର ୧୩ ବର୍ଷ ବୟସରେ ସ୍କ୍ରିପ୍ସ ନ୍ୟାସନାଲ ସ୍ପେଲିଂ ବି କମ୍ପିଟେସନ ଜିତିଛନ୍ତି। ମାତ୍ର ୯୦ ସେକେଣ୍ଡ ମଧ୍ୟରେ ୨୧କୋଟି ଶବ୍ଦର ସଠିକ୍ ସ୍ପେଲିଂ (ବନାନ) କହି ହରିଣୀ ପ୍ରାୟ ୩୮ ଲକ୍ଷ ୮୦ ହଜାର ଟଙ୍କା ପୁରସ୍କାର ପାଇଛନ୍ତି।

୧୪. ବ୍ରଜରାଜନଗର ଉପନିର୍ବାଚନରେ କରିଛନ୍ତି ବିଜୁ ଜନତା ଦଳର ପ୍ରାର୍ଥୀ ଅଳକା ମହାନ୍ତି ୬୬ ହଜାର ୧୨୨ ଭୋଟରେ ବିଜୟ ଲାଭ କଲେ।

୧୫. ଶ୍ରୀକ୍ଷେତ୍ରକୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ୮୦୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟୟବରାଦ କରାଯାଇଛି।

୧୬. ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ବିଜୁ ଜନତା ଦଳର ୩ ରାଜ୍ୟସଭା ପ୍ରାର୍ଥୀ। ମାନସ ମଙ୍ଗରାଜ, ସସ୍ମିତା ପାତ୍ର, ସୁଲତା ଦେଓ ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

୧୭. ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଦିଲ୍ଲୀର କମ୍ପୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ ଛାତ୍ର କଳସ ଗୁପ୍ତାଙ୍କୁ ଅନ୍ତରାଷ୍ଟ୍ରୀୟ କୋଡିଂ ପ୍ରତିଯୋଗିତା 'ଟିସିଏସ କୋଡଭାଇଟା' ସିଜନ ୧୦ର ବିଜେତା ଘୋଷିତ କରାଯାଇଛି। ଏହି ପ୍ରତିଯୋଗିତାରେ ୮୭ଟି ଦେଶରୁ ୧୦୦,୦୦୦ ରୁ ଅଧିକ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ।

୧୮. ଜଷ୍ଟିସ ସଂଜୟ କୁମାର ମିଶ୍ର ଓଡିଶା ହାଇକୋର୍ଟର ନୂଆ ବିଚାରପତି ଭାବେ ନିଯୁକ୍ତ ହୋଇଛନ୍ତି। ତାଙ୍କ ନିଯୁକ୍ତି ନେଇ କେନ୍ଦ୍ର ଆଇନ ଓ ନ୍ୟାୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

୧୯. ଯାଜପୁର ବ୍ଲକ ବେରୁଦା ପଞ୍ଚାୟତ ଜଗତପୁରଠାରେ ନୂତନ ଜଗନ୍ନାଥ ମନ୍ଦିରର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁଦୂର ଆମେରିକା ରେ ରହୁଥିବା ଭାସ୍କର ନାୟକ ଏହି ମନ୍ଦିର ନିର୍ମାଣ ପାଇଁ ଏକ କୋଟି ଟଙ୍କା ଦାନ କରିଛନ୍ତି।

୨୦. ବର୍ତ୍ତମାନ ସମୟରେ ହ୍ୱାଟ୍ସଆପ୍‌ରେ ଯେଉଁ ବାର୍ତ୍ତାକୁ ଥରେ ପଠାଯାଇ ସାରିଛି ତାକୁ ଏଡିଟ୍ କରିବାର ସୁବିଧା ନାହିଁ। ପଠାଯାଇଥିବା ବାର୍ତ୍ତାକୁ କେବଳ ଡିଲିଟ୍(ଲିଭାଯିବା) କରିବାର ସୁବିଧା ରହିଛି। ମାତ୍ର ଆଗକୁ ହ୍ୱାଟ୍ସଆପ୍ ପଠାଯାଇଥିବା ବାର୍ତ୍ତାକୁ ଏଡିଟ୍ କରିବାର ସୁବିଧା ଉପଲବ୍ଧ ହେବ।

୨୧. ଅତ୍ୟଧିକ ସମୟ ଟିଭି, ମୋବାଇଲ ଦେଖିବା ହେଉ ଅବା ଅନ୍ୟକାରଣରୁ ସ୍କୁଲ ପିଲାଙ୍କ ଆଖି ଉପରେ ଏହାର କୁ ପ୍ରଭାବ ପଡୁଛି। ବିଶେଷ କରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ଅର୍ଥାତ୍ ୫ ବର୍ଷରୁ ୧୩ ବର୍ଷ ମଧ୍ୟରେ ଅଧିକ ପିଲାଙ୍କୁ ଦେଖିବାରେ ସମସ୍ୟା ଉପୁଜୁଛି।

୨୨. ଏମ୍‌ସ ଭୁବନେଶ୍ୱରରେ ଏବେ ବିଭିନ୍ନ ବିଭାଗରେ ୧୪୯୩ଟି ପଦବୀ ଖାଲି ଅଛି। ଉଭୟ ଶିକ୍ଷକ ଏବଂ ଅଣ ଶିକ୍ଷକ ବର୍ଗରେ ଏହି ସଂଖ୍ୟକ ପଦବୀରେ ନିଯୁକ୍ତି ମିଳିନାହିଁ। ସୂଚନା ଅଧିକାର କର୍ମୀ ଶ୍ରୀ ଅଖଣ୍ଡ ସୂଚନା ଅଧିକାର ବଳରେ ଏହି ତଥ୍ୟ ହାସଲ କରିଛନ୍ତି।

୨୩. ଭାରତୀୟ ଜନତା ପାର୍ଟି (ବିଜେପି)କୁ ୨୦୨୦-୨୧ ଆର୍ଥିକ ବର୍ଷରେ ବିଭିନ୍ନ ସୂତ୍ରରୁ ୪୭୭.୫ କୋଟିରୁ ଅଧିକ ଟଙ୍କାର ଆର୍ଥିକ ଚାନ୍ଦା ମିଳିଛି। ଏହି କ୍ରମରେ କଂଗ୍ରେସକୁ ମିଳିଛି ୭୪.୫୦କୋଟି ଟଙ୍କାରୁ ଅଧିକ ଚାନ୍ଦା। ଯାହାକି ଶାସକ ଦଳକୁ ମିଳିଥିବା ଚାନ୍ଦାର ମାତ୍ର ୧୫ ପ୍ରତିଶତ ରହିଛି।

୨୪. ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଫକୋର କଲୋଲ ସ୍ଥିତ ନାନୋ ୟୁରିଆ(ତରଳ) ପ୍ଲାଣ୍ଟର ଉଦଘାଟନ କରିଛନ୍ତି।

୨୫. ବାରବାଟୀ ଷ୍ଟାଡିୟମରେ ଭାରତ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳା ଯିବାକୁ ଥିବା ଟି ଟ୍ୱେଣ୍ଟି ମ୍ୟାଚ ପାଇଁ ଜୁନ୧ ତାରିଖ ୧୧ଟା ରୁ ଅନଲାଇନ ଟିକେଟ ବିକ୍ରି ହେବ। ମୋଟ ୫ହଜାର ଟିକେଟ୍ ଅନଲାଇନରେ ମିଳିବ। ଜଣେ ଦର୍ଶକ ଦୁଇଟି ଟିକେଟ ନେଇପାରିବେ। ପେଟିଏମ ଆପ୍ ଜରିଆରେ ଅନଲାଇନ ଟିକେଟ ବୁକ କରିବେ ଦର୍ଶକ।

୨୬. ୨୦୨୧ ମସିହାରେ ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ୬୮୫ ଜଣ। ୬୮୫ ଜଣଙ୍କ ମଧ୍ୟରୁ ସାଧାରଣ ବର୍ଗରେ ୨୪୪ ଜଣ କୃତକାର୍ଯ୍ୟ ହୋଇଥିବାବେଳେ ଇଡବ୍ଲୁଏସ ବର୍ଗରେ ୭୩, ଓବିସିରେ ୨୦୩, ଅନୁସୂଚିତ ଜାତିରେ ୧୦୫ ଓ ଅନୁସୂଚିତ ଜନଜାତିରେ ୬୦ ଜଣ କୃତକାର୍ଯ୍ୟ ହୋଇଛନ୍ତି।

୨୭. ଟୋକିଓ ପାରାଲିମ୍ପିକ୍‌ସ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତ ୟୁଏଇର ଦୁବାଇରେ ଆୟୋଜିତ ଦୁବାଇ ପାରା ବ୍ୟାଡମିଣ୍ଟନ ପ୍ରତିଯୋଗିତାର ପୁରୁଷ ଏକକ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୨୮. ଭାରତୀୟ ଲେଖିକା ଗୀତାଞ୍ଜଳି ଶ୍ରୀଙ୍କର ହିନ୍ଦୀ ଉପନ୍ୟାସ 'ଟମ୍ବ ଅଫ୍ ସ୍ୟାଣ୍ଡ'ଲଙ୍କ (ମୂଳ ହିନ୍ଦୀ 'ରେତ୍ ସାମାଧୀ') (ଓଡିଆରେ 'ସୈକତ ସାମାଧୀ') ଆନ୍ତର୍ଜାତିକ 'ବୁକର୍ ପୁରସ୍କାର' ମିଳିଛି। ଏହି ଉପନ୍ୟାସ ହେଉଛି 'ବୁକର୍ ପୁରସ୍କାର'ପାଇବାରେ ଯେକୌଣସି ଭାରତୀୟ ଭାଷାରେ ପ୍ରଥମ ପୁସ୍ତକ।



ଅନୁପସ୍ଥିତତା ଆସକ୍ତିକୁ ବେଶି ବଢାଏ।

# ସାଧାରଣ ଜ୍ଞାନ

## (1) ABBREVIATION

1. APL Above Poverty Line
2. ASEAN Association of South-East Asian Nations
3. BPL Below Poverty Line
4. C & AG Comptroller & Auditor General
5. CCI Competition Commission of India
6. CFRA Combined Finance and Revenue Accounts
7. ECA Essential Commodity Act
8. EDUSAT Education Satellite
9. EMI Equated Monthly Instalment
10. FDI Foreign Direct Investment

## (୨) ପୁସ୍ତକ ଓ ଲେଖକ

1.Tomb of Sand - Geetanjali Shree
2.The Indian Story - Bimal Jalan
3.Leaders,Politicians,Citizens - Rasheed Kidwai
4.The Struggle for Police Reforms in India
- Prakash Singh (Ex IPS)
5.A Place Called Home - Preeti Shenoy
୬. ଗୋ ମହାତ୍ମା - ଗୋପବନ୍ଧୁ ଦାସ
୭. ଗାଁ ମଜଲିସ୍ - ଡଃ ହରେକୃଷ୍ଣ ମହତାବ
୮. ନରକିନ୍ନର୍ - ଶାନ୍ତନୁ କୁମାର ଆଚାର୍ଯ୍ୟ
୯. ଅମୃତର ସନ୍ତାନ - ଗୋପୀନାଥ ମହାନ୍ତି
୧୦. କା - କାହ୍ନୁଚରଣ ମହାନ୍ତି

## (୩) ଦେହାନ୍ତ

| ନାମ | ବୟସ | ପରିଚୟ |
|---|---|---|
| ୧. ଶିବାଜୀ ପଟ୍ଟନାୟକ | ୯୧ | - ପୂର୍ବତନ ସାଂସଦ |
| ୨. ବିରାଜ ଦାସ | ୬୩ | - ଅଭିନେତା |
| ୩. ମହାମ୍ମଦ ରିୟାଜ | ୭୪ | - ଚଳଚ୍ଚିତ୍ର ପ୍ରଯୋଜକ |
| ୪. ସିଦ୍ଧୁ ମୁସେୱାଲା | ୨୯ | - ଯୁବ ପଞ୍ଜାବୀ ଗାୟକ |
| ୫.କ୍ରିଷ୍ଣାକୁମାର କୁନ୍ନଥ | ୫୩ | - ପ୍ରସିଦ୍ଧ ଲୋକ ଗୀତ ଗାୟକ |

## (୪) ପୁରସ୍କାର

୧. ରଶ୍ମୀ ସାହୁ - ଟାଇମସ୍ ବିଜିନେସ୍ ଆୱାର୍ଡ,୨୦୨୨
୨. କେଶବ ଚନ୍ଦ୍ର ଶତପଥି- ଟାଇମସ୍ ଏଡୁକେସନିଷ୍ଟ ଅଫ୍ ଦି ଇୟର , ୨୦୨୨
୩. ଡାରେନ ସାମୀ -ସିତାରା-ଇ- ପାକିସ୍ତାନ, ୨୦୨୨
୪. ଏ ଗୋପାଳ କ୍ରିଷ୍ଣନ୍ - ଭାସବିକ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ ଆୱାର୍ଡ,୨୦୨୨
୫. ଗୀତାଞ୍ଜଳୀ ଶ୍ରୀ -ଇଣ୍ଟରନ୍ୟାସନାଲ ବୁକର ପ୍ରାଇଜ୍ ୨୦୨୨

## (୫) ରାଜ୍ୟ

୧. ରାଜ୍ୟର ନାମ - ପଞ୍ଜାବ
୨. ରାଜ୍ୟପାଳ - ଶ୍ରୀ ବନୱାରୀଲାଲ ପୁରୋହିତ
୩. ମୁଖ୍ୟମନ୍ତ୍ରୀ - ଶ୍ରୀ ଭଗବାନ ମାନ
୪. ଗଠନ - ୧ନଭେମ୍ବର ୧୯୬୬
୫. କ୍ଷେତ୍ରଫଳ - ୫୦,୩୬୨ ବର୍ଗ.କିମି
୬. ରାଜଧାନୀ - ଚଣ୍ଡିଗଡ
୭. ଲୋକସଭା ସଭ୍ୟ ସଂଖ୍ୟା -୧୩
୮. ରାଜ୍ୟସଭା ସଭ୍ୟ ସଂଖ୍ୟା - ୭
୯. ବିଧାନ ସଭା ସଭ୍ୟସଂଖ୍ୟା - ୧୧୭
୧୦.ବିଧାନ ପରିଷଦ - ୦୦
୧୧.ମୁଖ୍ୟ ଭାଷା - ପଞ୍ଜାବି
୧୨. ଜନସଂଖ୍ୟା ସମୁଦାୟ- ୨୭,୭୦୪,୨୩୬ (୨୦୧୧)
ପୁରୁଷ -୧୪,୬୩୪,୮୧୯
ମହିଳା - ୧.୦୬୯,୪୧୭
୧୩.ଜନସଂଖ୍ୟା ବୃଦ୍ଧିହାର - ୧୩.୭୩%
୧୪.ଜନସଂଖ୍ୟା ଘନତ୍ୱ - ୫୫୦
୧୫.ଶିଶୁ ଲିଙ୍ଗ ଅନୁପାତ - ୮୯୩ ମହିଳା ୧୦୦୦ ପୁଅ
୧୬. ଲିଙ୍ଗ ଅନୁପାତ - ୮୪୬ ୧୦୦୦ ପୁରୁଷରେ
୧୭. ସାକ୍ଷରତା ହାର - ୭୬.୬୮%
ପୁରୁଷ- ୮୧.୪୮ %
ମହିଳା- ୭୧.୩୪ %
୧୮. ଜିଲ୍ଲା - ୨୨
୧୯. ଗ୍ରାମ - ୧୨,୨୭୮
୨୦.ସହର - ୧୫୭
୨୧.ଜଙ୍ଗଲ ଜମି - ୩,୦୫୮ବର୍ଗ କି.ମି.
୨୨.ପର୍ଯ୍ୟଟନ ସ୍ଥଳୀ - ଗୋଲଡ଼େନ ମନ୍ଦିର, ଦୁର୍ଗିଆନା ଓ ଜାଲିଆନାୱାଲାବାଗ, ଅମ୍ରିତ୍‌ଶର, ଆନନ୍ଦପୁର ସାହିବ, ଭକ୍ର ଡ୍ୟାମ୍, ସୋଡ଼ାଲ ମନ୍ଦିର।

## (୬) ନିଯୁକ୍ତି

୧. ସୁଦର୍ଶନ ବେନୁ - ଏମ .ଡି . ଟିଭିଏସ ମୋଟର୍ସ୍
୨. ପୁଷ୍ପ କୁମାର ଜୋଷୀ - ଅଧକ୍ଷ , ଏଚ.ପି.ସି.ଏଲ
୩. ରାଜୀବ କୁମାର -- ମୁଖ୍ୟ ନିର୍ବାଚନ ଆୟୋଗ
୪. ସୁନିଲ ଆରୋରା - ଅଧକ୍ଷ,ଗ୍ରାମ ଉନ୍ନତି
୫. ବିନୟୀ କୁମାର ସାକ ସେନା -ଲେଫ୍ଟନାଣ୍ଟ ଗଭର୍ଣ୍ଣର, ଦିଲ୍ଲୀ
୬. ରାଜେସ ଗେରା --ଡିଜି ନ୍ୟାସନାଲ ଇନଫରମେଷ୍ଟିକ୍ସ ସେଣ୍ଟର

## (୭) ଆବିଷ୍କାର ଓ ଉଦ୍ଭାବନ

୧. ଏୟାର ବ୍ରେକ - ଜର୍ଜ ୱେଷ୍ଟିଙ୍ଗ ହାଉସ୍
୨. ବାଇ ସାଇକଲ - ମ୍ୟାକ୍ ମିଲନ୍
୩. ମେସିନ ଗନ୍ - ଡଃ ଗାଟିଙ୍ଗ୍
୪. ପେନ୍‌ସିଲିନ୍ - ଫ୍ଲେମିଙ୍ଗ୍
୫. ଫଟୋଗ୍ରାଫ୍ - ଡଗ୍ୟୁରେ



ଜଗତରେ ଏପରି କୌଣସି କାର୍ଯ୍ୟ ନାହିଁ ଯାହା ଉତ୍ସାହ ଦ୍ୱାରା ଦୁଷ୍ପ୍ରାପ୍ୟ।

## (୮) ଓଡ଼ିଶା

୧. ଆନ୍ତର୍ଜାତିକ ଧାନ ଗବେଷଣାଗାର ଓଡିଶାର କେଉଁଠାର ଅବସ୍ଥିତ ?
(କ) ବିଦ୍ୟାଧରପୁର (ଖ) କୋଶଲ୍ୟାଗଙ୍ଗ
(ଗ) ଭୁବନେଶ୍ୱର (ଘ) ଛତ୍ରପୁର

୨. ପିପିଲି କେଉଁ କାର୍ଯ୍ୟ ପାଇଁ ପ୍ରସିଦ୍ଧ ଅଟେ ?
(କ) ରୂପା ଓ ତାରକସି (ଖ) ଚାନ୍ଦୁଆ
(ଗ) କଂସାବାସନ (ଘ) କତାକାମ

୩. କେନ୍ଡାମାରି ପ୍ରପାତ କେଉଁଠାରେ ଅବସ୍ଥିତ ?
(କ) ଫୁଲବାଣୀ (ଖ) ଗଞ୍ଜାମ
(ଗ) କୋରପୁଟ (ଘ) ଜଗସିଂହପୁର

୪. ବିନ୍ଦୁ ସାଗର କେଉଁଠାରେ ଅଛି ?
(କ) କଟକ (ଖ) ସୋନପୁର
(ଗ)ଭୁବନେଶ୍ୱର (ଘ) ଯାଜପୁର

୫. ଓଡିଶାର କାଶୀ ବୋଲି କେଉଁ ସହର ପରିଚିତ ?
(କ) ପୁରୀ (ଖ) ଭୁବନେଶ୍ୱର (ଗ)ଯାଜପୁର (ଘ) କଟକ

୬. ଓଡିଶାର ମଣିକ୍ଷେତ୍ର କେଉଁଟି ?
(କ) ଆରଡି (ଖ) କୋଣାର୍କ (ଗ)ଭୁବନେଶ୍ୱର (ଘ) ଯାଜପୁର

୭. କଟକ ଉଚ୍ଚ ନ୍ୟାୟାଳୟ କେଉଁ ମସିହାରେ ପ୍ରତିଷ୍ଠା ହୋଇଥିଲା ?
(କ) ୧୯୪୮ (ଖ) ୧୯୪୭ (ଗ)୧୯୪୯ (ଘ) ୧୯୧୬

୮. ଗୁପ୍ତେଶ୍ୱର ମନ୍ଦିର କେଉଁ ଜିଲ୍ଲାରେ ଅବସ୍ଥିତ ?
(କ) କନ୍ଧମାଳ (ଖ) କୋରାପୁଟ
(ଗ)ସୋନପୁର (ଘ) ବଲାଙ୍ଗୀର

୯. ହରେକୃଷ୍ଣ ମହତାବ ଫାଇଣ୍ଡେସନ ଲାଇବ୍ରେରୀ କେଉଁଠାରେ ଅବସ୍ଥିତ ଅଟେ ?
(କ) କଟକ (ଖ) ଭୁବନେଶ୍ୱର
(ଗ) ପୁରୀ (ଘ) ଖୋରଧା

୧୦.ଉତ୍କଳ ବିଶ୍ୱବିଦ୍ୟାଳୟର କ୍ୟାମ୍ପସର ନାମ କ'ଣ ?
(କ) ଶ୍ରୀ ବିହାର (ଖ) ଭଞ୍ଜ ବିହାର
(ଗ) ବାଣୀ ବିହାର (ଘ) ଜ୍ୟୋତି ବିହାର

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. କେଉଁଟି ଅଲଗା ଅଟେ
ଛୁରୀ, ବର୍ଚ୍ଛା, କଟୁରୀ, ଧନୁ,
(କ) ଛୁରୀ(ଖ) ବର୍ଚ୍ଛା (ଗ) କଟୁରୀ(ଘ)ଧନୁ

୨. ACEG : DFHJ :: QSUW :
(କ) KMNP (ଖ)MNPR (ଗ) TQST (ଘ) TVXZ

୩. ଆଖି : ମୋତିଆ ବିନ୍ଦୁ : : ଦାନ୍ତ : ................
(କ) ପାଇରିଆ (ଖ) କାଟାରାଟ(ଗ) ଟ୍ରାକୋମା (ଘ)ଏକ୍‌ଜିମା

୪. ପ୍ରଶ୍ନବାଚକ ଚିହ୍ନଟି କେତେ ?
୬,୧୧, ୨୧, ୩୬, ୫୬, ?
(କ) ୪୨ (ଖ) ୫୧(ଗ)୮୧(ଘ)୯୧

୫. ଏକ ପୁରୁଷକୁ ଦେଖାଇ, ଜଣେ ସ୍ତ୍ରୀ କହିଲା, ସେ ହେଉଛନ୍ତି ମୋ ବାପାଙ୍କର ବାପା, ତେବେ ସ୍ତ୍ରୀ ଲୋକଟି ପୁରୁଷର ସମ୍ପର୍କରେ କ'ଣ ହେବ ?
(କ) ଜେଜେବାପା (ଖ) ନାତୁଣୀ (ଗ) ଝିଅ (ଘ) ପୁଅ

୬. ଯଦି ଗୁଣନ ମିଶାଣ , ହରଣ ବିଯୁକ୍ତ, ମିଶାଣ ଗୁଣନ ଏବଂ ବିୟୋଗ ହରଣ ହୁଏ ତେବେ -
୨୦ x ୮÷୮ - ୪ +୨ = ?
(କ)୫(ଖ) ୨୪ (ଗ)୨୫(ଘ) ୮୦

୭. ନିମ୍ନଲିଖିତ ଶବ୍ଦଗୁଡିକୁ କ୍ରମାନୁସାରେ ସଜାଅ ?
୧- ଜନ୍ମ ୨- ମୃତ୍ୟୁ ୩ - ଶବସତ୍କାର ୪- ବିବାହ ୫- ଶିକ୍ଷା
(କ) ୪,୫,୩,୧,୨ (ଖ)୨,୩,୪,୫,୧
(ଗ) ୧,୫,୪,୨,୩ (ଘ)୧,୩,୪,୫,୨

୮. A, B, D,G, ?
(କ) M (ଖ) L (ଗ)K(ଘ) H

୯. ଗୋଟିଏ ଟ୍ରେନର ସବୁବେଳେ କ'ଣ ଥାଏ ?
(କ) ଇଞ୍ଜିନ (ଖ)ଡ୍ରାଇଭର(ଗ) ପାସେଞ୍ଜର(ଘ) ରେଳ ଲାଇନ

୧୦.କେଉଁଟି ଭିନ୍ନ ?
AXUW ,CEGY, FITZ, HJOQ
(କ)AXUW (ଖ)CEGY(ଗ) FITZ(ଘ) HJOQ

**ଉତ୍ତର**

ଉ - ୧. (କ) ବିଦ୍ୟାଧରପୁର, ୨. (ଖ) ଚାନ୍ଦୁଆ, ୩. (କ) ଫୁଲବାଣୀ, ୪.(ଗ)ଭୁବନେଶ୍ୱର, ୫. (ଖ) ଭୁବନେଶ୍ୱର, ୬. (କ) ଆରଡି, ୭. (କ) ୧୯୪୮, ୮. (ଖ) କୋରାପୁଟ, ୯. (ଖ) ଭୁବନେଶ୍ୱର, ୧୦. (ଗ) ବାଣୀ ବିହାର

**୧.**(ଘ)ଧନୁ **୨.** (ଘ) TVXZ **୩.**(କ) ପାଇରିଆ **୪.**(ଗ)୮୧ **୫.**(ଖ) ନାତୁଣୀ **୬.**(ଖ) ୨୪ **୭.**(ଗ) ୧,୫,୪,୨,୩ **୮.**(ଗ)K **୯.**(କ) ଇଞ୍ଜିନ **୧୦.**(କ)AXUW



ଜୀବନରେ ଶାନ୍ତି ପାଇବା ପାଇଁ ନିଜକୁ ସଦା ସର୍ବଦା ବିଭୁ ପ୍ରେମରେ ହଜାଇ ଦିଅ ।

## (୧୦) ଇତିହାସ

୧. ସୁଭାଷ ଚନ୍ଦ୍ର ବୋଷ କେବେ ଜାତୀୟ କଂଗ୍ରେସରେ ଯୋଗଦାନ କରିଥିଲେ ?
(କ) ୧୯୨୩ (ଖ) ୧୯୨୪ (ଗ) ୧୯୨୫ (ଘ) ୧୯୨୬

୨. ଉପନିଷଦ ଗୁଡ଼ିକର ମୁଖ୍ୟ ବିଷୟବସ୍ତୁ କଣ ?
(କ) ଆଇନ (ଖ) ଦର୍ଶନ
(ଗ) ଧର୍ମ (ଘ) ଯୋଗ

୩. କ୍ୟାବିନେଟ ମିଶନ କେଉଁଠାରେ ପହଞ୍ଚିଥିଲେ ?
(କ) ମୁମ୍ବାଇ (ଖ) କଲିକତା (ଗ) ମାନ୍ଦ୍ରାଜ (ଘ) ନୂଆଦିଲ୍ଲୀ

୪. ମାଉଣ୍ଟ ବ୍ୟାଟେନ କେବେ ଭାରତର ବଡଲାଟ ହୋଇ ଆସିଥିଲେ ?
(କ) ୧୯୪୬ ଡିସେମ୍ବର ୧୪ (ଖ) ୧୯୪୭ ମାର୍ଚ୍ଚ ୨୨
(ଗ) ୧୯୪୭ ଜୁନ୍ ୨୩ (ଘ) ୧୯୪୭ ଜୁଲାଇ ୧୩

୫. ସ୍ୱାଧୀନ ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ କିଏ ?
(କ) ଲର୍ଡ ମାଉଣ୍ଟ ବ୍ୟାଟେନ୍ (ଖ) ଲର୍ଡ ୱାଭେଲ
(ଗ) ମହାତ୍ମାଗାନ୍ଧୀ (ଘ) ଜବାହାରଲାଲ ନେହେରୁ

୬. ଓଡିଶାର ପ୍ରଥମ ପ୍ରେସର ନାମ କ'ଣ ?
(କ) କଟକ ପ୍ରେସ୍ (ଖ) କଟକ ପ୍ରିଣ୍ଟିଂ ପ୍ରେସ୍
(ଗ) କଟକ ମିଶନ ପ୍ରେସ୍ (ଘ) କଟକ କମିଶନର ପ୍ରେସ୍

୭. ସାଂଖ୍ୟ ଦର୍ଶନର ପ୍ରବର୍ତ୍ତକ କିଏ ?
(କ) ପତଞ୍ଜଳୀ (ଖ) କପିଳ (ଗ) ଗୌତମ (ଘ) ମହାବୀର

୮. 'ଉତ୍କଳ ଦୀପିକା'ର ସଂପାଦକ କିଏ ଥିଲେ ?
(କ) ଫକୀରମୋହନ ସେନାପତି (ଖ) ଗୌରୀଶଙ୍କର ରାୟ
(ଗ) ରାଧାନାଥ ରଥ (ଘ) ଗୋପବନ୍ଧୁ ଦାସ

୯. ମୋତିଲାଲ ଘୋଷ କେଉଁ ପତ୍ରିକାର ସଂପାଦକ ଥିଲେ ?
(କ) ପ୍ରଜାତନ୍ତ୍ର (ଖ) ଉତ୍କଳ ଦୀପିକା
(ଗ) ଅମୃତ ବଜାର ପତ୍ରିକା (ଘ) ହିନ୍ଦୁସ୍ଥାନ ଟାଇମସ୍

୧୦. ଓଡିଶା ଗୁଡ୍ ସମରିଟାନ ନୀତି କେବେ ପ୍ରଣୀତ ହୋଇଅଛି ?
(କ) ୨୦୧୮ (ଖ) ୨୦୧୭ (ଗ) ୨୦୧୬ (ଘ) ୨୦୧୯

## (୧୧) ବାଣିଜ୍ୟ

୧. କେନ୍ଦ୍ରସରକାର ପେଟ୍ରୋଲ ଉପରେ ଏବଂ ଡିଜେଲ ଉପରେ ଯଥାକ୍ରମେ ଲିଟର ପ୍ରତି କେତେ ଟଙ୍କାର ଏକ୍ସସାଇଜ ଡ୍ୟୁଟି ହ୍ରାସ କରିଛନ୍ତି ?
(କ) ୬ଟଙ୍କା, ୮ଟଙ୍କା (ଖ) ୭ଟଙ୍କା,୫ଟଙ୍କା (ଗ)୭ଟଙ୍କା (ଘ)୭ଟଙ୍କା ୯ଟଙ୍କା

୨. ବିଶ୍ୱର ଶ୍ରେଷ୍ଠ ଧନୀ ତଥା ଇଲେକଟ୍ରିକ କାର ନିର୍ମାଣ କମ୍ପାନୀ ଟେସଲା କେତେ ପ୍ରତିଶତ କର୍ମଚାରୀ ଛଟେଇ କରିବା ପାଇଁ ଏ.ଲ.ନ ମକ୍ସ ଘୋଷଣା କରିଛନ୍ତି ?
(କ)୧୨% (ଖ)୧୯% (ଗ) ୧୦% (ଘ) ୨୦%

୩. ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଏ.ପି.ଏଫ) କେତେ ପ୍ରତିଶତ ସୁଧହାର ସ୍ଥିର କରିଛି ?
(କ)୨.୧% (ଖ) ୨.୩୨% (ଗ)୭.୧% (ଘ) ୮.୧%

୪. ଦର ବୃଦ୍ଧି ସତ୍ତ୍ୱେ ସର୍ଭିସ ସେକ୍ଟର ଟି.ଏମ.ଆଇ ବିଜେନସ ଆକ୍ଟିଭିଟି ଇଣ୍ଡେସ ୨୦୨୨ ମେ ରେ ଭାରତରେ କେତେ ରହିଛି ?
(କ) ୬୭.୪ (ଖ) ୫୮.୯ (ଗ) ୨୩.୩(ଘ) ୨୯.୫

୫. ପେଟ୍ରୋଲ ଏବଂ ଡିଜେଲ ଉପରୁ ଉତ୍ପାଦନ ଶୁଳ୍କ ହ୍ରାସ କରିବା ପରେ କେନ୍ଦ୍ରସରକାର ବାର୍ଷିକ କେତେ ଲକ୍ଷ ଟଙ୍କାର କ୍ଷତି ସହିବାକୁ ପଡିବ ?
(କ)୧ ଲକ୍ଷ କୋଟି (ଖ)୨ ଲକ୍ଷ (ଗ)୧କୋଟି (ଘ)୩ଲକ୍ଷ କୋଟି

୬. କେନ୍ଦ୍ରସରକାରଙ୍କ ପ୍ରମୁଖ ବୀମା ଯୋଜନା ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ବାର୍ଷିକ ପ୍ରିମିୟମ ରାଶିକୁ ପ୍ରତିଦିନ କେତେ ଟଙ୍କା କରାଯାଇଛି ?
(କ) ୧.୨୫ ଟଙ୍କା (ଖ)୨.୪୫ (ଗ) ୧୨.୭ (ଘ) ୧୨.୨

୭. ଭାରତରେ ଗ୍ରୀନ ଏନରଜି ଡ୍ରାଇଭିକୁ ଆଗକୁ ନେବା ପାଇଁ ଭାରତର ପ୍ରଥମ ପବନ ସୌର ହାଇବ୍ରିଡ ଶକ୍ତି କେନ୍ଦ୍ର ରାଜସ୍ଥାନର କେଉଁଠାରେ ଚାଲୁ କରାଯାଇଛି ?
(କ) ଆଜମିର (ଖ) ଜର୍ଜ (ଗ)ଜୟପୁର (ଘ)ଜୟୀସାଲମେର

୮. ଭାରତୀୟମାନଙ୍କୁ ମାତୃଭାଷାରେ ଅନଲାଇନରେ ଭାବ ପ୍ରକାଶ କରିବାକୁ ସାମର୍ଥ୍ୟ କରିବା 'କୁ' ଆପ୍ ମାର୍ଚ୍ଚ କେଉଁ ମସିହାରେ ଶୁଭଆରମ୍ଭ କରାଯାଇଛି ?
(କ) ୨୦୨୦ (ଖ)୨୦୧୯ (ଗ) ୨୦୧୮(ଘ)୨୦୧୪

୯. ଭାରତ ସରକାରଙ୍କର ନାଲକୋ ୨୦୨୧-୨୨ ଆର୍ଥ ବର୍ଷରେ କେତେ ଗୁଣା ଲାଭ ବୃଦ୍ଧି ସହ ନିଟ୍ ଲାଭ ୨୦୯୫୨ କୋଟି ଟଙ୍କା ଅର୍ଜନ କରିଛି ?
(କ)୨.୨୬ (ଖ) ୨.୨୭ (ଗ)୧.୩୪ (ଘ) ୧.୨୭

୧୦. ଜୁନ ଶେଷ ହବାକୁ ଥିବା ଆର୍ଥିକ ବର୍ଷର ୨୦୨୧-୨୨ ପ୍ରଥମ ତ୍ରୟ ବାର୍ଷିକରେ ଗହମ ଉତ୍ପାଦନ କେତେ ମିଲିୟନ ଟ୍ରନ କମ ରହିବ ?
(କ) ୩.୮ (ଖ) ୫.୬ (ଗ) ୮.୫ (ଘ) ୮.୩

**ଉତ୍ତର**

୧.(କ) ୧୯୨୩, ୨. (ଘ) ଯୋଗ, ୩. (ଘ) ନୂଆଦିଲ୍ଲୀ, ୪. (ଖ) ୧୯୪୭ ମାର୍ଚ୍ଚ ୨୨, ୫.(ଖ) କପିଳ, ୬.(ଗ) କଟକ ମିଶନ ପ୍ରେସ୍, ୭. (କ)୧୯୪୯, ୮. (ଖ) ଗୌରୀଶଙ୍କର ରାୟ, ୯. (ଗ) ଅମୃତ ବଜାର ପତ୍ରିକା ୧୦. (କ) ୨୦୧୮

୧.(କ) ୬ଟଙ୍କା, ୮ଟଙ୍କା ,୨. (ଗ)୧୦% , ୩. (ଘ) ୮.୧% ୪. (ଖ) ୫୮.୯, ୫. (କ)୧ଲକ୍ଷ କୋଟି, ୬. (କ)୧.୨୫ ଟଙ୍କ ୭. (ଘ)ଜୟୀସାଲମେର, ୮.(କ) ୨୦୨୦, ୯. (ଖ)୨.୨୭, ୧୦. (କ) ୩.୮



ଆୟକୁ ଚାହିଁ ବ୍ୟୟ କରିବା ଓ ଆଗାମୀ କାଲି ପାଇଁ ସଞ୍ଚୟ କରୁଥିବା ବ୍ୟକ୍ତିର ଜୀବନ ସୁଖମୟ ହୋଇଥାଏ।

## (୧୨) ଅର୍ଥନୀତି

୧. ରାଜସ୍ୱ ଆୟ ବୃଦ୍ଧି ଲାଗି ସାମଗ୍ରୀ ଓ ସେବାକର (GST) ପରିଷଦ କେତୋଟି ସାମଗ୍ରୀର ମୂଲ୍ୟ ବୃଦ୍ଧି ନିମନ୍ତେ ରାଜ୍ୟସରକାର ରାୟ ମାଗିଛନ୍ତି ?
(କ)୧୫୦ଟି (ଖ) ୧୪୩ଟି (ଗ) ୨୦୦ (ଘ) ୨୧୦

୨. ଏଲ୍ ଆଇସିର ନିଜର ଆଇପିଓ ର ଆକାରକୁ ୫% ରୁ କେତେ ପ୍ରତିଶତ ଅଂଶ ଧନର ଆଇପିଓ ଜାରି କରିବାକୁ ନିଷ୍ପତ୍ତି ନିଆଯାଇଛି ?
(କ) ୩.୫ (ଖ) ୪ (ଗ) ୬ (ଘ) ୭

୩. ରିଜର୍ଭବ୍ୟାଙ୍କ ନୂଆବ୍ୟାଙ୍କ ଲକର ନିୟମ ୨୦୨୨ ଜାନୁଆରୀ ୧ ଠାରୁ ଲାଗୁ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁଥିରେ ବ୍ୟାଙ୍କ ଲକରରୁ କିଛିବି ଚୋରି ହେଲେ ଗ୍ରାହକଙ୍କୁ ଲକରଭଡାର କେତେଗୁଣ କ୍ଷତିପୂରଣ ଦିଆଯିବ ?
(କ) ୧୦ଗୁଣ (ଖ) ୫୦ଗୁଣ (ଗ) ୧୦୦ଗୁଣ (ଘ)୧୫୦ଗୁଣ

୪. କୃଷିମନ୍ତ୍ରଣାଳୟ ଅନୁଯାୟୀ ଆର୍ଥିକବର୍ଷ ୨୦୨୧-୨୨ ରେ ମୋଟ ଗହମ ରପ୍ତାନୀ କେତେ ପ୍ରତିଶତ ବୃଦ୍ଧି ପାଇଛି ?
(କ) ୫୪.୫୦ (ଖ) ୫୦ (ଗ) ୪୫ (ଘ)୪୦

୫. ଭାରତର ଗୋଟିଏ ଦିନରେ କେତେ କୋଟି ଟଙ୍କାରୁ ଅଧିକ ଡିଜିଟାଲ କାରବାର ହେବା ସୂଚନା ମିଳିଛି ?
(କ) ୧୫ହଜାର କୋଟି (ଖ) ୧୮ ହଜାର କୋଟି
(ଗ) ୨୦ହଜାର କୋଟି (ଘ)୧୭ ହଜାର କୋଟି

୬. ଯଦି କୌଣସି ବ୍ୟକ୍ତିଙ୍କର ବାର୍ଷିକଆୟ ଛାଡ ସୀମାଠାରୁ କମ୍ ଥିବ କିନ୍ତୁ ତାଙ୍କର ବାର୍ଷିକ ଟି.ସି.ଏସ୍ କେତେ ହଜାର ଟଙ୍କାରୁ ଅଧିକ ହୋଇଥିବ-ତାଙ୍କୁ ଆୟକର ରିଟର୍ଣ୍ଣ ଦାଖଲ କରିବାକୁ ପଡିବ ?
(କ) ୨୫୦୦୦ (ଖ) ୧୦୦୦୦ (ଗ) ୧୨୦୦୦ (ଘ) ୧୪୦୦୦

୭. ଆର୍ଥିକବର୍ଷ ୨୦୨୧-୨୨ରେ ଡି.ଜି.ଜି.ଆଇ. ଗୁଇନ୍ଦା ସଂସ୍ଥା ପକ୍ଷରୁ କେତେ କୋଟି ଟଙ୍କା ମୂଲ୍ୟର ଜି.ଏସ୍.ଟି ଚୋରିକୁ ଧରାଯାଇଛି ?
(କ) ୫୦୦କୋଟି (ଖ) ୪୦୦କୋଟି(ଗ) ୫୫୦କୋଟି (ଘ) ୭୫୦କୋଟି

୮. ଓଡିଶାରେ ୨୦୨୧-୨୨ ଆର୍ଥିକବର୍ଷରେ ଜି.ଏସ୍.ଟି ସଂଗ୍ରହ କେତେ ହଜାର କୋଟି ଟଙ୍କାକୁ ଟପିଲା ?
(କ) ୪୪ (ଖ) ୫୫ (ଗ) ୫୪ (ଘ) ୪୫

୯. କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ ମାସିକ ବେତନ ସୀମା କୁ ୧୫ହଜାର ଟଙ୍କାରୁ ବଢାଇ କେତେ ହଜାର ଟଙ୍କା କରିବାଲାଗି ପ୍ରସ୍ତାବ ଦେଇଛି ?
(କ) ୨୧ (ଖ) ୨୫ (ଗ) ୩୦ (ଘ) ୩୫

୧୦.ଭାରତୀୟ ରେଳବାଇ ରେ ପ୍ରବଳ କାମ ଚାପ ହେତୁ ୯ମାସ ମଧ୍ୟରେ କେତେଜଣ ବରିଷ୍ଠ ଅଧିକାରୀ ସ୍ୱେଚ୍ଛାକୃତ ଅବସର ନେଲେଣି ?
(କ) ୭୦ (ଖ) ୭୫ (ଗ) ୭୨ଜଣ (ଖ) ୮୦

## (୧୩) କ୍ରୀଡ଼ା

୧. ଏହି ବର୍ଷ ବ୍ୟାଡମିଣ୍ଟନ ଖେଳର କେଉଁ ପ୍ରତିଯୋଗିତାରେ ଭାରତ ପ୍ରଥମଥର ଲାଗି ବିଶ୍ୱ ଚାମ୍ପିଆନ ହୋଇଛି ?
(କ) ଥମାସ କପ୍ (ଖ) ଏସିଆ କପ୍
(ଗ) ଉବର କପ୍ (ଘ) ସୁଦିର୍ମନ୍ କପ୍

୨. ୨୦୨୨ର ଥମାସ୍ କପ୍ ଏବଂ ଉବର୍ କପ୍ ପ୍ରତିଯୋଗିତା କେଉଁଠାରେ ଆୟୋଜିତ ହୋଇଥିଲା ?
(କ) ଜାକର୍ତା (ଖ) ସିଙ୍ଗାପୁର୍ (ଗ) ହଂକଂ (ଘ) ବ୍ୟାଙ୍କକ୍

୩. ୨୦୨୨ର ଥମାସ କପ୍ ପ୍ରତିଯୋଗିତାରେ ଭାରତର କେଉଁ ଖେଳାଳିଜଣକ ନିଜର ଛଅଟି ଯାକ ମ୍ୟାଚ୍ ଜିତିଥିଲେ ?
(କ) କିଡାମ୍ବି ଶ୍ରୀକାନ୍ତ (ଖ) ଏଚ.ଏସ. ପ୍ରଣୟ
(ଗ) ଲକ୍ଷ୍ୟ ସେନ୍ (ଘ) କେହି ଜିତିନଥିଲେ

୪. ତୁର୍କୀର କେଉଁ ସହରରେ ୨୦୨୨ର ବିଶ୍ୱ ମହିଳା ବକ୍ସିଂ ଚାମ୍ପିଆନଶିପ୍ ଆୟୋଜିତ ହୋଇଥିଲା ?
(କ) ଆଂଟିଲ୍ୟା (ଖ) ଇସ୍ତାନବୁଲ୍ (ଗ) ଆଙ୍କାରା (ଘ) ଇଜ୍‌ମିର୍

୫. ୨୦୨୨ର ଏହି ବିଶ୍ୱ ମହିଳା ବକ୍ସିଂ ଚାମ୍ପିଆନଶିପ୍‌ରେ ସ୍ୱର୍ଣ୍ଣପଦକ ଜିଣିଥିବା ଭାରତୀୟ ଖେଳାଳିଙ୍କ ନାମ କଣ ?
(କ) ପୂଜା ରାନୀ (ଖ) ଲଭ୍‌ଲୀନା ବରଗୋହାଇଁ
(ଗ) ନିଖତ୍ ଜରୀନ୍ (ଘ) ଏମ୍.ସି. ମେରୀକମ୍

୬. ୨୦୨୨ର ଇଣ୍ଡିଆନ୍ ପ୍ରିମିୟର ଲିଗ୍ କ୍ରିକେଟରେ କେଉଁ ଦଳ ଚାମ୍ପିଆନ୍ ଆଖ୍ୟା ଅର୍ଜନ କରିଛି ?
(କ) ରାଜସ୍ଥାନ ରୟାଲ୍‌ସ (ଖ) ଗୁଜରାଟ୍ ଟାଇଟାନ୍‌ସ
(ଗ) ରୟାଲ୍ ଚାଲେଞ୍ଜର୍ସ (ଘ) ଲକ୍ଷ୍ନୌ ସୁପର୍ ଜିଆଣ୍ଟସ୍

୭. ଏଥରର ଆଇ.ପି.ଏଲ୍. ଫାଇନାଲ କେଉଁଠାରେ ଖେଳାଯାଇଥିଲା ?
(କ) ମୁମ୍ବାଇ (ଖ) ପୁଣେ (ଗ) ଚେନ୍ନାଇ (ଘ) ଅହମଦାବାଦ

୮. ୨୦୨୨ର ଆଇ.ପି.ଏଲ୍. ପ୍ରତିଯୋଗିତାରେ କିଏ ସର୍ବାଧିକ ରନ୍ ସଂଗ୍ରହ କରି ଅରେଞ୍ଜ୍ କ୍ୟାପ୍ ହାସଲ କରିଛନ୍ତି ?
(କ) କେ.ଏଲ୍. ରାହୁଲ୍ (ଖ) କ୍ୱିଂଟନ୍ ଡି କକ୍
(ଗ) ଜୋସ୍ ବଟ୍‌ଲର୍ (ଘ) ହାର୍ଦ୍ଦିକ୍ ପାଣ୍ଡ୍ୟା

୯. ୨୦୨୨ର ଆଇ.ପି.ଏଲ୍. ପ୍ରତିଯୋଗିତାରେ କିଏ ସର୍ବାଧିକ ୨୭ଟି ୱିକେଟ୍ ନେଇ ପର୍ପଲ୍ କ୍ୟାପ୍ ହାସଲ କରିଛନ୍ତି ?
(କ) ଯଜୁବେନ୍ଦ୍ର ଚହଲ୍ (ଖ) ଉମ୍ରାନ୍ ମଲିକ୍
(ଗ) କାଗିସୋ ରବାଡ଼ା (ଘ) ମହମ୍ମଦ ଶାମୀ

୧୦. ୨୦୨୨ର ୟୁରୋପିଆନ୍ ଚାମ୍ପିଆନ୍‌ସ ଲିଗ୍ ଫୁଟବଲ ପ୍ରତିଯୋଗିତା ଜିତିଥିବା ଦଳର ନାମ କଣ ?
(କ) ଲିଭରପୁଲ୍ (ଖ) ରିୟଲ୍ ମାଦ୍ରିଦ୍
(ଗ) ଭିଲାରିୟଲ୍ (ଘ) ମାଂଚେଷ୍ଟର୍ ସିଟୀ

**ଉତ୍ତର**

୧.(ଖ)୧୪୩ଟି, ୨.(କ)୩.୫, ୩.(ଗ)୧୦୦ଗୁଣ, ୪.(କ) ୫୪.୫୦, ୫.(ଗ) ୨୦ହଜାରକୋଟି, ୬.(କ)୨୫୦୦୦, ୭.(ଘ) ୭୫୦କୋଟି, ୮.(କ) ୪୪ହଜାର କୋଟି, ୯.(କ) ୨୧ହଜାର, ୧୦.(ଗ) ୭୨ଜଣ

ଉ - ୧. (କ) ଥମାସ କପ୍, ୨.(ଘ) ବ୍ୟାଙ୍କକ୍, ୩. (କ) କିଡାମ୍ବି ଶ୍ରୀକାନ୍ତ, ୪. (ଖ) ଇସ୍ତାନବୁଲ୍ , ୫.(ଗ) ନିଖତ୍ ଜରୀନ୍, ୬. (ଖ) ଗୁଜରାଟ୍ ଟାଇଟାନ୍‌ସ, ୭. (ଘ) ଅହମଦାବାଦ, ୮. (ଗ) ଜୋସ୍ ବଟ୍‌ଲର, ୯. (କ) ଯଜୁବେନ୍ଦ୍ର ଚହଲ୍,୧୦. (ଖ) ରିୟଲ୍ ମାଦ୍ରିଦ୍

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. ହିନ୍ଦୀ ଭାଷାର ସୁନାମଧନ୍ୟା ଲେଖିକା ଗୀତାଞ୍ଜଳି ଶ୍ରୀ ଏବେ କେଉଁ ଆନ୍ତର୍ଜାତିକ ପୁରସ୍କାର ଲାଭ କରିଛନ୍ତି ?
(କ) ପୁଲିତ୍‌ଜର ପୁରସ୍କାର (ଖ) ପେନ୍ ଆମେରିକା ପୁରସ୍କାର
(ଗ) ବୁକର୍ ପୁରସ୍କାର (ଘ) ହ୍ୟୁଗୋ ପୁରସ୍କାର

୨. ଗୀତାଞ୍ଜଳି ଶ୍ରୀଙ୍କ କେଉଁ ପୁସ୍ତକକୁ ବୁକର୍ ପୁରସ୍କାର ମିଳିଛି ?
(କ) ଖାଲି ଜଗହ (ଖ) ରେତ୍ ସମାଧୀ
(ଗ) ଅନୁଗୁଞ୍ଜ୍ (ଘ) ହମାରା ସହର୍ ଉସ୍ ବରସ୍

୩. ପ୍ରସିଦ୍ଧ ଲେଖକ ସଲମାନ୍ ରଶଦୀ ତାଙ୍କର କେଉଁ ପୁସ୍ତକ ପାଇଁ ୧୯୮୧ର ବୁକର୍ ପୁରସ୍କାର ହାସଲ କରିଥିଲେ ?
(କ) ଶେମ୍ (ଖ) ମିଡ୍‌ନାଇଟ୍‌ସ ଚିଲଡ୍ରେନ୍
(ଗ) ଇଷ୍ଟ୍ ଓ୍ୱେଷ୍ଟ୍ (ଘ) ଶାଲିମାର୍ ଦି କ୍ଲାଉନ୍

୪. ଏମାନଙ୍କ ମଧ୍ୟରୁ କିଏ ବୁକର୍ ପୁରସ୍କାର ପାଇନାହାନ୍ତି ?
(କ) ଅନିତା ଦେଶାଇ (ଖ) କିରଣ ଦେଶାଇ
(ଗ) ଅରୁନ୍ଧତୀ ରାୟ (ଘ) ଅରବିନ୍ଦ ଅଡିଗା

୫. ଭାରତ ରତ୍ନ ସମ୍ମାନ ଲାଭ କରିଥିବା ସଂଗୀତଜ୍ଞ ଉସ୍ତାଦ୍ ବିସମିଲ୍ଲା ଖାନ୍ କେଉଁ ବାଦ୍ୟଯନ୍ତ୍ର ବାଦନ ନିମନ୍ତେ ପ୍ରସିଦ୍ଧ ଥିଲେ ?
(କ) ତାନପୁରା (ଖ) ସିତାର୍ (ଗ) ସରୋଦ୍ (ଘ) ସାହାନାଇ

୬. ୧୦ ମେ-୨୦୨୨ରେ ମୃତ୍ୟୁବରଣ କରିଥିବା ସଂଗୀତଜ୍ଞ ଶିବକୁମାର ଶର୍ମା କେଉଁ ବାଦ୍ୟଯନ୍ତ୍ର ବାଦନ ନିମନ୍ତେ ପ୍ରସିଦ୍ଧି ହାସଲ କରିଥିଲେ ?
(କ) ବଂଶୀ (ଖ) ସନ୍ତୁର୍ (ଗ) ବେହେଲା (ଘ) ବୀଣା

୭. ବର୍ଷ-୨୦୨୧ ପାଇଁ ଧର୍ମପଦ ପୁରସ୍କାର କିଏ ପାଇଛନ୍ତି ?
(କ) ଦେବେନ୍ଦ୍ର ମିଶ୍ର (ଖ) ଲଲାଟମୋହନ ପଟ୍ଟନାୟକ
(ଗ) ଦୁର୍ଗାଚରଣ ପଣ୍ଡା (ଘ) ବଳଦେବ ମହାରଥା

୮. ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ପର୍ବ ଶୀତଳ ଷଷ୍ଠୀ ଅବସରରେ କେଉଁ ଦେବଦେବୀଙ୍କର ବିବାହ ଉତ୍ସବ ଆୟୋଜିତ ହୋଇଥାଏ ?
(କ) ଶ୍ରୀକୃଷ୍ଣ-ରୁକ୍ମିଣୀ (ଖ) ଶ୍ରୀରାମ-ସୀତା
(ଗ) ଶିବ-ପାର୍ବତୀ (ଘ) ଇନ୍ଦ୍ର-ସଚୀଦେବୀ

୯. ଜ୍ୟେଷ୍ଠ ମାସର ପୂର୍ଣ୍ଣିମାଟି ଆଉ କେଉଁ ପୂର୍ଣ୍ଣିମା ଭାବେ ପ୍ରସିଦ୍ଧ ?
(କ) ଗୁରୁ ପୂର୍ଣ୍ଣିମା (ଖ) ବୁଦ୍ଧ ପୂର୍ଣ୍ଣିମା
(ଗ) ଚନ୍ଦନ ପୂର୍ଣ୍ଣିମା (ଘ) ଦେବସ୍ନାନ ପୂର୍ଣ୍ଣିମା

୧୦. ପୁରୀରେ ପବିତ୍ର ରଥଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ କେଉଁ ଦିନଠାରୁ ଅନୁକୂଳ କରାଯାଇଥାଏ ?
(କ) ଅକ୍ଷୟ ତୃତୀୟା (ଖ) ଚନ୍ଦନ ପୂର୍ଣ୍ଣିମା
(ଗ) ଚୈତ୍ର ପୂର୍ଣ୍ଣିମା (ଘ) ପଣା ସଂକ୍ରାନ୍ତି

## (୧୫) ଭୂଗୋଳ

୧. କେଉଁଟି ପ୍ରାକୃତିକ ଅନୁସାରେ ଅନ୍ୟ ତିନୋଟି ଠାରୁ ଭିନ୍ନ ?
(କ) ପ୍ରାକୃତିକ ସମ୍ବଳ (ଖ) ଅକ୍ଷୟ ସମ୍ବଳ
(ଗ) ସାଂସ୍କୃତିକ ସମ୍ବଳ (ଘ) ମାନବ ସମ୍ବଳ

୨. ଗାଙ୍ଗେୟ ସମତଳ ଭୂମିରେ ଦେଖାଯାଉଥିବା ପୁରାତନ ପଟୁ ମୃତ୍ତିକାକୁ କଣ କୁହାଯାଏ ?
(କ) ଭାଙ୍ଗର (ଖ) ଖଦର (ଗ) ଉସର (ଘ) ଭାବର

୩. ଛୋଟନାଗପୁର ମାଳଭୂମିରେ ଉତ୍ତର- ପାର୍ଶ୍ୱରେ ନିମ୍ନୋକ୍ତ କେଉଁ ଖଣିଜଟି ମିଳିଥାଏ ?
(କ) ଅଭ୍ର (ଖ) ତମ୍ବା (ଗ) କ୍ରୋମାଇଟ୍ (ଘ) ମାଙ୍ଗାନିଜ୍

୪. କୃଷ୍ଣରାଜ ସାଗର ଜଳବିଦ୍ୟୁତ୍ ଶକ୍ତି କେନ୍ଦ୍ର କେଉଁ ରାଜ୍ୟରେ ଅବସ୍ଥିତ ?
(କ) ଆନ୍ଧ୍ରପ୍ରଦେଶ (ଖ) ମଧ୍ୟପ୍ରଦେଶ
(ଗ) କର୍ଣ୍ଣାଟକ (ଘ) ମହାରାଷ୍ଟ୍ର

୫. ତୈଳବୀଜ ଚାଷ ନିମ୍ନୋକ୍ତ କେଉଁ କୃଷିବିପ୍ଳବ ସହ ସଂଶ୍ଳିଷ୍ଟ ?
(କ) ଲୋହିତ (ଖ) ପୀତ
(ଗ) ବାଦାମୀ (ଘ) ସ୍ୱର୍ଣ୍ଣ

୬. କେଉଁ କୃଷିରେ ଚାଷ ଜମିରେ ଅଧିକ ଚାପ ପଡିଥାଏ ?
(କ) ପ୍ରୟୋଜନଭିତ୍ତିକ କୃଷି (ଖ) ସ୍ଥାନାନ୍ତରିତ କୃଷି
(ଗ) ସଘନ କୃଷି (ଘ) ବାଣିଜ୍ୟିକ କୃଷି

୭. କେଉଁ ରାଜ୍ୟରେ ସର୍ବାଧିକ ଯଅ ଚାଷ କରାଯାଏ ?
(କ) କର୍ଣ୍ଣାଟକ (ଖ) ମଧ୍ୟପ୍ରଦେଶ (ଗ) ତାମିଲନାଡୁ (ଘ) ମହାରାଷ୍ଟ୍ର

୮. ଭାରତରେ ନିର୍ମିତ ଏକ୍ସପ୍ରେସ୍ ହାଇୱେର ଦୈର୍ଘ୍ୟ କେତେ କି.ମି ?
(କ) ୧୫୮୩.୪ (ଖ) ୧୬୭୪.୩
(ଗ) ୨୦୩୫.୩ (ଘ) ୩୧୪୫.୫

୯. କେଉଁ ଦଶକରେ ଭାରତରେ ସବୁଜ ବିପ୍ଳବର ସୂତ୍ରପାତ ହେଲା ?
(କ) ପଚାଶ (ଖ) ଷାଠିଏ (ଗ) ସତୁରୀ (ଘ) ଅଶି

୧୦. ନୂତନ ଆର୍ଥିକ ନୀତି -୧୯୯୧ର କେତୋଟି ବୈଶିଷ୍ଟ୍ୟ ଅଛି ?
(କ) ୨ (ଖ) ୩ (ଗ) ୪ (ଘ) ୫

**ଉତ୍ତର**

୧. (ଗ) ବୁକର୍ ପୁରସ୍କାର, ୨. (ଖ) ରେତ୍ ସମାଧୀ, ୩. (ଖ) ମିଡ୍‌ନାଇଟ୍‌ସ ଚିଲଡ୍ରେନ୍, ୪.(କ) ଅନିତା ଦେଶାଇ, ୫. (ଘ) ସାହାନାଇ, ୬. (ଖ) ସନ୍ତୁର୍, ୭. (ଖ) ଲଲାଟମୋହନ ପଟ୍ଟନାୟକ, ୮. (ଗ) ଶିବ-ପାର୍ବତୀ, ୯. (ଘ) ଦେବସ୍ନାନ ପୂର୍ଣ୍ଣିମା, ୧୦. (କ) ଅକ୍ଷୟ ତୃତୀୟା

୧. (ଖ) ଅକ୍ଷୟ ସମ୍ବଳ, ୨. (ଘ)ଭାଙ୍ଗର, ୩. (କ) ଅଭ୍ର, ୪. (ଗ) କର୍ଣ୍ଣାଟକ, ୫. (ଖ) ପୀତ, ୬. (ଗ) ସଘନ କୃଷି, ୭.(ଘ) ମହାରାଷ୍ଟ୍ର, ୮. (କ) ୧୫୮୩.୪, ୯. (ଖ)ଷାଠିଏ, ୧୦. (ଖ)୩



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେହି ସଂକ୍ଷେପରେ କଥାଟିଏ କହିଦେଇ ପାରେ।

## (୧୬) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ରାଣୀ ଭିକ୍ଟୋରିଆଙ୍କ ୧୮୭୭ ମସିହାରେ ଭାରତର ସାମ୍ରାଜ୍ଞୀ ରୂପେ ଘୋଷଣା କରିବା ପାଇଁ ଦିଲ୍ଲୀଠାରେ କେଉଁ ଇଂରେଜ ଶାସକ ପ୍ରଚୁର ଅର୍ଥବ୍ୟୟ କରି ଏକ ଆଡ଼ମ୍ବରପୂର୍ଣ୍ଣ ଦରବାର ଆୟୋଜନ କରିଥିଲେ ?
(କ) ଲର୍ଡ଼ ରିପନ୍ (ଖ) ଲର୍ଡ଼ କର୍ଜନ
(ଗ) ଲର୍ଡ଼ ଲିଟନ୍ (ଘ) କେହି ନୁହେଁ

୨. ସମ୍ବିଧାନ ପ୍ରଣୟନ ସଭାର ମୋଟ ସଭ୍ୟ (୩୮୯)ମଧ୍ୟରୁ ଦେଶୀୟ ରାଜ୍ୟମାନଙ୍କରୁ କେତେ ଜଣ ସଭ୍ୟ ଥିଲେ ?
(କ) ୯୦ (ଖ) ୯୧ (ଗ) ୯୨ (ଘ) ୯୩

୩. ଆମ ସମ୍ବିଧାନରେ ୪୪ ତମ ସଂଶୋଧନ କେଉଁ ମସିହାରେ ହୋଇଥିଲା ?
(କ)୧୯୭୧(ଖ)୧୮୭୪(ଗ)୧୯୭୬(ଘ)୧୯୭୮

୪ ଅସ୍ପୃଶ୍ୟତା ନିବାରଣ ସମ୍ବିଧାନର କେଉଁ ଧାରାରେ ବର୍ଣ୍ଣନା କରାଯାଇଛି ?
(କ)୧୪ (ଖ)୧୫(ଗ)୧୬ (ଘ)୧୭

୫. ଆଇନ ପ୍ରଣୟନ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସଂପର୍କ ସମ୍ବିଧାନର ସପ୍ତମ ଅନୁସୂଚୀରେ ପ୍ରଦତ୍ତ କେତୋଟି ତାଲିକା ବର୍ଣ୍ଣନା କରାଯାଇଛି ?
(କ) ୩ଟି (ଖ) ୪ଟି (ଗ) ୫ଟି (ଘ)୬ଟି

୬. ଆସାମ, ବିହାର,ପଶ୍ଚିମବଙ୍ଗ ପରି ଓଡ଼ିଶା କ' ଣ ରପ୍ତାନୀକରି କେନ୍ଦ୍ରଠାରୁ ସହାୟକ ଅନୁଦାନ ପାଏ ?
(କ) ରୁ(ଖ) ନଡ଼ିଆ (ଗ) କପା (ଘ) ଝୋଟ

୭. ପ୍ରତି ପାଞ୍ଚ ବର୍ଷରେ ଥରେ କିଏ ଜାତୀୟ ସ୍ତରରେ ଅର୍ଥ ଆୟୋଗ ନିଯୁକ୍ତି କରନ୍ତି ?
(କ)ସଂସଦ (ଖ)ପ୍ରଧାନମନ୍ତ୍ରୀ (ଗ)ରାଷ୍ଟ୍ରପତି (ଘ)ଉପରାଷ୍ଟ୍ରପତି

୮. ଭୋଟରମାନଙ୍କ ସର୍ବନିମ୍ନ ବୟସସୀମା ୨୧ ରୁ ୧୮କୁ କେଉଁ ସମ୍ବିଧାନ ସଂଶୋଧନରେ ହ୍ରାସ କରାଯାଇଥିଲା ?
(କ)୫୨ ତମ (ଖ) ୫୪ତମ (ଗ) ୬୧ ତମ (ଘ) ୭୩ତମ

୯. ଜଣେ ବ୍ୟକ୍ତି ରାଷ୍ଟ୍ରପତି ପଦପାଇଁ ପ୍ରାର୍ଥିହେବାକୁ ହେଲେ ତାଙ୍କୁ ଅନ୍ୟୁନ କେତେ ଟଙ୍କା ଅମାନତରାଶି ହିସାବରେ ଜମା ଦେବାକୁ ପଡ଼ିବ ?
(କ) ଟ.୧୦,୦୦୦ (ଖ) ଟ୨୦ ,୦୦୦
(ଗ) ଟ ୩୦,୦୦୦ (ଘ) ଟ୩୫,୦୦୦

୧୦.୧୯୩୬ ମସିହା କେଉଁମାସଠାରୁ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶହେଲା ?
(କ) ଜାନୁଆରୀ -୧ (ଖ) ଫେବୃୟାରୀ-୧
(ଗ) ମାର୍ଚ୍ଚ-୧ (ଘ) ଏପ୍ରିଲ -୧

## (୧୭) କମ୍ପ୍ୟୁଟର ଶିକ୍ଷା

୧. ସର୍ବପ୍ରଥମେ ଆବାକସ କେଉଁ ଦେଶରେ ପ୍ରଚଳିତ ହୋଇଥିଲା ?
(କ) ଚୀନ (ଖ) ଭାରତ (ଗ) ୟୁରୋପ (ଘ) ଗ୍ରୀସ

୨. ପ୍ରଥମ ଗାଣିତିକ ହିସାବ ଯନ୍ତ୍ର କିଏ ଉଦ୍ଭାବନ କରିଥିଲେ ?
(କ) ୱିଲିୟମ୍ ଅଟରେଡ୍ (ଖ) ଚାର୍ଲସ ବାବେଜ
(ଗ) ବ୍ଲେସେ ପାସ୍କାଲ (ଘ) ଲେଇ ବନିସ୍

୩. ବହୁଦେଶୀୟ କମ୍ପ୍ୟୁଟରର ନିର୍ମାଣକାରୀ ସଂସ୍ଥା ଆ.ଇ.ବି.ଏମ୍.ର ପ୍ରତିଷ୍ଠାତା କିଏ ଥିଲେ ?
(କ) ଆନାଲ ଟୁରିଂ (ଖ) ନିକୋଲାସ୍ ୱର୍ଥ
(ଗ) ଡ. ହରମ୍ୟାନ ହୋଲେରିଥ୍ (ଘ) ଚାର୍ଲସ ବାବେଜ

୪. କେଉଁ କମ୍ପୁଟରଟି ପ୍ରଥମ ପିଢ଼ିର କମ୍ପ୍ୟୁଟର ଅଟେ ?
(କ) ମାର୍କ-୧ (ଖ) ଏନିଆକ୍ (ଗ) ଏଡ୍‌ଭାକ୍ (କ) ୟୁନିଭାକ୍-୧

୫. କମ୍ପ୍ୟୁଟର ତଥ୍ୟରେ ରହୁଥିବା ତ୍ରୁଟିକୁ କ'ଣ କୁହାଯାଏ ?
(କ) ଚିପ୍‌ସ୍ (ଖ) ସ୍ୱାଇଟ୍ (ଗ) ବିଟସ୍ (ଘ) ବଗ୍

୬. ପ୍ରଥମ ବ୍ୟବସାୟିକ ମାଇକ୍ରୋ ପ୍ରୋସେସର ଚିପସ୍‌ର ନାମ କ'ଣ ଥିଲା ?
(କ) ଇନଟେଲ୍ -୪୦୪୦ (ଖ) ଇନଟେଲ୍ -୪୦୦୪
(ଗ)ଇନଟେଲ୍ -୮୦୮୦ (ଘ)ଇନଟେଲ୍ -୮୦୦୮

୭. ଯେଉଁ କମ୍ପ୍ୟୁଟର ମନିଟରର ରଙ୍ଗୀନ ଛବି ଆସେ ନାହିଁ ସେ ପ୍ରକାରର ମନିଟରକୁ କ'ଣ କୁହନ୍ତି ?
(କ) କଳାଧଳା (ଖ) ମନୋକ୍ରୋମ ମନିଟର
(ଗ) ପରଦା (ଘ) ଅଣ ରଙ୍ଗୀନ ମନିଟର

୮. କମ୍ପ୍ୟୁଟର ଭାଇରସ୍ ଶବ୍ଦ ପ୍ରଥମେ କିଏ ପ୍ରଚଳନ କରିଥିଲେ ?
(କ)ଜନ୍ ମାକାର୍ଥି (ଖ) ଫ୍ରେଡ଼ି କୋହେନ୍
(ଗ) ହାୱାର୍ଡ ଆକେନ (ଘ) ଜେ.ଏସ୍ .କିଲବି

୯. ପ୍ରଥମେ ଭାରତକୁ କେଉଁ ମସିହାରେ କମ୍ପ୍ୟୁଟର ଆସିଥିଲା ?
(କ) ୧୯୪୫(ଖ) ୧୯୪୬(ଗ)୧୯୫୮ (ଘ) ୧୯୬୪

୧୦) କମ୍ପ୍ୟୁଟର ଯେଉଁ ସମୟରେ କାର୍ଯ୍ୟଟି ହୋଇଥାଏ, ସେହି ସମୟକୁ କ'ଣ କୁହାଯାଏ ?
(କ) Delay time (ଖ) Real time
(ଗ) Execution time (ଘ) Down time

**ଉତ୍ତର**

୧. (ଗ) ଲର୍ଡ଼ ଲିଟନ୍, ୨. (ଘ) ୯୩, ୩.(ଘ)୧୯୭୮, ୪.(ଘ)୧୭ ୫.(କ) ୩ଟି , ୬.(ଘ) ଝୋଟ, ୭. (ଗ)ରାଷ୍ଟ୍ରପତି, ୮.(ଗ) ୬୧ ତମ, ୯.(କ) ଟ.୧୦,୦୦୦, ୧୦. (ଘ) ଏପ୍ରିଲ -୧

୧. (କ)ଚୀନ ୨. (ଗ) ବ୍ଲେସେ ପାସ୍କାଲ ୩. (ଗ)ଡ. ହରମ୍ୟାନ ହୋଲେରିଥ୍ ୪. (ଖ) ଏନିଆକ୍ ୫. (ଘ) ବଗ୍ ୬. (କ) ଇନଟେଲ୍ -୪୦୪୦ ୭. (ଖ) ମନୋକ୍ରୋମ ମନିଟରୁ ୮. (ଖ)ଫ୍ରେଡ଼ି କୋହେନ୍ ୯. (ଖ) ୧୯୪୬ ୧୦. (ଗ) Execution time



ଜଣେ ବିପଦରେ ପଡିଥିବା ବେଳେ ତାହାର ସୁଯୋଗ ନେଇ ତାକୁ କଷ୍ଟ ଦେବା ବିବେକହୀନର କାର୍ଯ୍ୟ।

## (୧୮) ଗାଣିତିକ ପ୍ରଶ୍ନାବଳୀ

୧. ଏକ ଚତୁର୍ଭୁଜର ବହିସ୍ଥଃ କୋଣମାନଙ୍କର ସମଷ୍ଟି କେତେ ?
(କ) ୦° (ଖ) ୧୮୦° (ଗ)୩୬୦°(ଘ) ୭୨୦°

୨. ରାମ ୧୬୦୦୦ ଟଙ୍କା ୨ ବର୍ଷପାଇଁ ବ୍ୟାଙ୍କରେ ଖଟାଇ ସମୁଳସୁଧ ୧୭୬୪୦ ଟଙ୍କା ପାଇଲେ । ତେବେ କେତେ ବାର୍ଷିକ ସୁଧ ପାଇଲେ ?
(କ) ୮% (ଖ)୫% (ଗ)୪%(ଘ)୯%

୩. ଗୋଟିଏ ଆୟତକ୍ଷେତ୍ରର ଲମ୍ବ ୬୬ ମିଟର ଏବଂ ପରିସିମା ୨୪୨ ମିଟର । ତେବେ ଏହାର କ୍ଷେତ୍ରଫଳ କେତେ ?
(କ) ୩୬୩୦ ବ.ମି. (ଖ) ୩୩୬୦ବ.ମି.
(ଗ) ୩୫୬୦ବ.ମି. (ଘ) ୩୩୬୨ ବ.ମି

୪. ଗୋଟିଏ ବୃତ୍ତାକାର କ୍ଷେତ୍ରର ବାଡ଼ ବୁଜିବା ପାଇଁ ପ୍ରତି ୧୦ ମିଟରକୁ ୩୩୨ ଟଙ୍କା ଭାବରେ କେତେ ଟଙ୍କା ଖର୍ଚ୍ଚ ହେବ ଯଦି ବୃତ୍ତର ବ୍ୟାସାର୍ଦ୍ଧ ୫୬୦ ମିଟର ହୋଇଥାଏ ?
(କ)୧୧୮୬୬୮୪ (ଖ) ୧୧୮୫୮୪
(ଗ) ୧୧୬୮୬୪ (ଘ) ୧୧୬୮୫୪

୫. ନିମ୍ନଲିଖିତ କେଉଁ ଦୁଇ କ୍ରମିକ ଗଣନ ସଂଖ୍ୟାର ସମଷ୍ଟି ପୂର୍ଣ୍ଣବର୍ଗ ନୁହେଁ ?
(କ)୧୨,୧୩ (ଖ) ୨୪,୨୫(ଗ)୪୦,୪୧(ଘ) ୫୦,୫୧

୬. ଗୋଟିଏ ଚାରିଅଙ୍କ ବିଶିଷ୍ଟ ପୂର୍ଣ୍ଣବର୍ଗସଂଖ୍ୟାର ପ୍ରଥମ ଦୁଇଟି ଅଙ୍କ ସମାନ ଏବଂ ଶେଷ ଦୁଇଟି ଅଙ୍କ ସମାନ ହୋଇଥିଲେ ସେହି ସଂଖ୍ୟାଟି କେତେ ?
(କ) ୩୩୫୫(ଖ) ୫୫୪୪(ଗ) ୭୭୪୪ (ଘ) ୭୭୫୫

୭. ଅତି କମ୍ ରେ କେତୋଟି ୧କୁ ନେଇ ଗଠିତ ସଂଖ୍ୟା ୧୩ ଦ୍ୱାରା ବିଭାଜ୍ୟ ହୁଏ ?
(କ) ୩ଟି (ଖ) ୬ଟି (ଗ) ୭ଟି ଘ) ୮ଟି

୮. ୨୦୦ ମିଟର ଉଚ୍ଚତା ବିଶିଷ୍ଟ ଏକ ଟେଲିଭିଜନ ଟାୱାର ଦ୍ୱାରା ଅତି ବେଶିରେ କେତେଦୂର ପର୍ଯ୍ୟନ୍ତ ପ୍ରସାରଣ ସମ୍ଭବପର ?
(କ)୪୦କି.ମି.(ଖ) ୫୨କି.ମି.(ଗ)୬୨କି.ମି. (ଘ) ୮୦କି.ମି.

୯. କେଉଁ ଦୁଇଅଙ୍କ ବିଶିଷ୍ଟ ସଂଖ୍ୟାକୁ ସେହି ସଂଖ୍ୟାର ଅଙ୍କମାନଙ୍କ ସମଷ୍ଟି ଦ୍ୱାରା ଭାଗ କଲେ ସର୍ବାଧିକ ଭାଗଶେଷ ରହେ ? ?
(କ)୯୮(ଖ) ୮୭ (ଗ) ୬୮ (ଘ)୭୯

୧୦.୧୦୦ରୁ ୨୦୦ ଲେଖିବା ପାଇଁ କେତୋଟି ୧ ଆବଶ୍ୟକ ହୁଏ ?
(କ)୨୧(ଖ) ୯୦ (ଗ) ୧୨୦(ଘ) ୧୬୦

## (୧୯) ସାଧାରଣ ବିଜ୍ଞାନ

୧. ଜୀବକୋଷର କୋଷରସରେ ପ୍ରାୟ ଶତକଡା କେତେ ଭାଗ ଜଳ ଅଛି ?
(କ) ୫୦-୯୦ (ଖ) ୬୦-୭୦
(ଗ) ୭୦-୯୦ (ଘ) ୮୦-୯୦

୨. ମୃତୋପଜୀବୀୟ ପୋଷଣ କେଉଁ ଜୀବମାନଙ୍କଠାରେ ଦେଖାଯାଏ ?
(କ) ମଲାଙ୍ଗ (ଖ) ରାପ୍ଲେସିଆ
(ଗ) ଛତୁ (ଘ) ନିର୍ମୁଳି

୩. ଗ୍ଲୁକୋଜ ସଂଶ୍ଲେଷଣ ପାଇଁ କେତୋଟି ଜଳ ଅଣୁ ଆବଶ୍ୟକ ?
(କ) ୩ (ଖ) ୬
(ଗ) ୧୨ (ଘ) ୯

୪. ମୁଖ ଗହ୍ୱରରେ କେତେ ଯୋଡା ଲାଳଗ୍ରନ୍ଥି ରହିଛି ?
(କ) ଏକ (ଖ) ଦୁଇ
(ଗ) ତିନି (ଘ) ଚାରି

୫. ପାଚକ ରସରେ କେଉଁ ଏନଜାଇମ୍ ଲବଣାମ୍ଳ ମାଧ୍ୟମରେ ସକ୍ରିୟ ହୋଇଥାଏ ?
(କ) ଟାୟାଲିନ୍ (ଖ) ପେପ୍‌ସିନ୍
(ଗ) ଲାଇପେଜ୍ (ଘ)ପ୍ରୋଟଏଜ୍

୬. ଅଙ୍ଗାରକାମ୍ଳ ଗ୍ୟାସକୁ କେଉଁ ରାସାୟନିକ ପଦାର୍ଥ ଅବଶୋଷଣ କରେ ?
(କ) ସୋଡିୟମ କ୍ଲୋରାଇଡ୍ (ଖ)ପୋଟାସିୟମ୍ କ୍ଲୋରାଇଡ୍
(ଗ)କଷ୍ଟିକ୍ ପଟାସ୍ (ଘ) ଆୟୋଡିନ୍

୭. ଶରୀରରେ ଆୟନ ସନ୍ତୁଳନ ରକ୍ଷା କରିବାରେ କାହାର ପ୍ରମୁଖ ଭୂମିକା ରହିଛି ?
(କ) ପୁଷ୍ଟିସାର (ଖ) ଧାତୁସାର
(ଗ) ଜୀବସାର (ଘ) ଜଳ

୮. କେଉଁଟି ଏକ ଲସିକାଭ୍ ଅଙ୍ଗ ?
(କ) ଟନ୍‌ସିଲ (ଖ) ଗ୍ଲଟିସ୍
(ଗ)ଗଲେଟ୍ (ଘ) କୋଟରିକା

୯. ପାଇରୁଭେଟ୍ ଅଣୁ କେତେ କାର୍ବନ ବିଶିଷ୍ଟ ଅଣୁ ଅଟେ ?
(କ) ୧ (ଖ) ୨
(ଗ) ୩ (ଘ) ୪

୧୦. କପରର ସଂକ୍ଷାରଣ ହେତୁ ତାହା ଉପରେ କେଉଁ ରଙ୍ଗର ଆସ୍ତରଣ ସୃଷ୍ଟିହୁଏ ?
(କ) ଧଳା (ଖ) କଳା
(ଗ) ନୀଳ (ଘ) ସବୁଜ

**ଉତ୍ତର**

୧. (ଗ)୩୬୦°, ୨.(ଖ)୫% ୩.(କ) ୩୬୩୦ ବ.ମି. ୪.(ଗ) ୧୧୬୮୬୪ , ୫.(ଘ) ୫୦,୫୧, ୬.(ଗ) ୭୭୪୪, ୭.(ଖ) ୬ଟି , ୮.(ଖ) ୫୨କି.ମି. , ୯. (ଘ)୭୯, ୧୦. (ଗ) ୧୨୦

ଉ - ୧. (ଗ) ୭୦-୯୦, ୨. (ଗ) ଛତୁ , ୩. (ଗ) ୧୨, ୪. (ଗ) ତିନ, ୫. (ଖ) ପେପ୍‌ସିନ୍, ୬. (ଘ) ସବୁଜ, ୭.(ଖ) ଧାତୁସାର, ୮.(କ) ଟନ୍‌ସିଲ, ୯.(ଗ) ୩, ୧୦.(ଖ) ୩୦.୫

# ବିଭିନ୍ନ ଦିବସ ପାଳନ

## ଜୁନ୍

ତା ୦୧ - ଅନ୍ତର୍ଜାତୀୟ ଶିଶୁ ଦିବସ
ବିଶ୍ୱ ପିତାମାତା ଦିବସ
ବିଶ୍ୱ ଦୁଗ୍ଧ ଦିବସ
ତା ୦୨ - ତେଲେଙ୍ଗାନା ଜାତୀୟ ଦିବସ
ତା ୦୩ - ବିଶ୍ୱ ସାଇକେଲ ଦିବସ
ତା ୦୪ - ଅନ୍ତର୍ଜାତୀୟ ନିର୍ଦ୍ଦୋଷ ଶିଶୁ ଆକ୍ରୋଶର ଶିକାର ଦିବସ
ତା ୦୫ - ବିଶ୍ୱ ପରିବେଶ ଦିବସ
ତା ୦୭ - ଅନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ
ତା ୦୮ - ବିଶ୍ୱ ସମୁଦ୍ର ଦିବସ
ତା ୧୨ - ଶିଶୁ ଶ୍ରମ ବିରୋଧରେ ବିଶ୍ୱ ଦିବସ
ତା ୧୪ - ବିଶ୍ୱ ରକ୍ତଦାତା ଦିବସ
ତା ୧୫ - ବିଶ୍ୱ ପବନ ଶକ୍ତି ଦିବସ
ତା ୧୭ - ମରୁଭୂମି ଏବଂ ମରୁଡି ମୁକାବିଲା ପାଇଁ ବିଶ୍ୱ ଦିବସ
ତା ୧୯ - ପିତୃ ଦିବସ
(ତୃତୀୟ ରବିବାର ଜୁନ ମାସ)
ତା ୨୦ - ବିଶ୍ୱ ରିଫ୍ୟୁଜ୍ ଦିବସ
ବିଶ୍ୱ ଶରଣାର୍ଥୀ ଦିବସ
ତା ୨୧ - ଅନ୍ତର୍ଜାତିକ ଯୋଗ ଦିବସ
ବିଶ୍ୱ ସଙ୍ଗୀତ ଦିବସ
ତା ୨୩ - ଅନ୍ତର୍ଜାତୀୟ ଅଲମ୍ପିକ୍ ଦିବସ
- ଅନ୍ତର୍ଜାତୀୟ ବିଧବା ଦିବସ
ତା ୨୪ - ଗୋପବନ୍ଧୁଙ୍କ ଶ୍ରାଦ୍ଧ
ତା ୨୬ - ନିଶା ନିବାରଣ ଦିବସ
ତା ୨୭ - ବିଶ୍ୱ ମଧୁମେହ ଦିବସ

## ଜୁଲାଇ

ତା ୦୧ - ଅନ୍ତର୍ଜାତୀୟ ଶିଶୁ ଦିବସ
- ବିଶ୍ୱ ଅଭିଭାବକ ଦିବସ
- ବିଶ୍ୱ ଦୁଗ୍ଧ ଦିବସ
ତା ୦୩ - ବିଶ୍ୱ ସାଇକଲ ଦିବସ
ତା ୦୫ - ବିଶ୍ୱ ପରିବେଶ ଦିବସ
ତା ୦୮ - ବିଶ୍ୱ ସାଗର ଦିବସ
- ବିଶ୍ୱ ବ୍ରେନ ଟ୍ୟୁମର ଦିବସ
ତା ୧୪ - ବିଶ୍ୱ ରକ୍ତଦାତା ଦିବସ
ତା ୨୧ - ବିଶ୍ୱ ଯୋଗ ଦିବସ
- ଅନ୍ତର୍ଜାତୀୟ ସଙ୍ଗୀତ ଦିବସ
ତା ୨୩ - ଅନ୍ତର୍ଜାତୀୟ ଅଲମ୍ପିକ୍ ଦିବସ
- ଅନ୍ତର୍ଜାତୀୟ ବିଧବା ଦିବସ
ତା ୨୪ - ପଠାଣୀ ସାମନ୍ତ ତିରୋଧାନ ଦିବସ
ତା ୨୬ - ନିଶା ନିବାରଣ ଦିବସ
ତା ୧୭ - ତୃତୀୟ ରବିବାର- ପିତୃ ଦିବସ



ଅତି ଖରାପ ଲୋକଙ୍କ ଠାରୁ ମଧ ସମୟେ ସମୟେ ଖୁବ୍ ମୂଲ୍ୟବାନ ପରାମର୍ଶ ମିଳିଥାଏ ।

## (୨୦) ଜିଲ୍ଲା

୧. ଜିଲ୍ଲାର ନାମ - ସୁବର୍ଣ୍ଣପୁର
୨. ଗଠନ - ୧ ଏପ୍ରିଲ, ୧୯୯୩
୩. କ୍ଷେତ୍ରଫଳ - ୨୩୩୭ ବର୍ଗ.କି.ମି
୪. ଜନସଂଖ୍ୟା - ୬୫୨୧୦୭
(କ) ପୁରୁଷ - ୩୩୨୮୯୭
(ଖ) ମହିଳା - ୩୧୯୨୧୦
୫. ଉପଖଣ୍ଡ - ୦୨
୬. ତହସିଲ - ୬ (ସୋନପୁର ସଦର, ବିରମହାରାଜପୁର, ତରଭା, ଉଲୁଣ୍ଡା, ବିନିକା, ଡୁଙ୍ଗୁରିପାଲି ।)
୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍) - ୬ (ସୋନପୁର ସଦର, ବିରମହାରାଜପୁର, ତରଭା, ଉଲୁଣ୍ଡା, ବିନିକା, ଡୁଙ୍ଗୁରିପାଲି ।)
୮. ଗ୍ରାମ ପଞ୍ଚାୟତ - ୯୬
୯. ଗ୍ରାମ - ୯୬୨
୧୦. ଥାନା - ୯
୧୧. ପୌରସଂସ୍ଥା(ମ୍ୟୁନିସିପାଲିଟି)- ୧
୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) - ୦୨
୧୩. ବିଧାନ ସଭା ନିର୍ବାଚନ ମଣ୍ଡଳୀ -
୬୪. ବୀରମହାରାଜପୁର(ଝଉ), ୬୫. ସୋନପୁର
୧୪. ଶିଶୁ ଜନସଂଖ୍ୟା(୦-୬ ବର୍ଷ) - ୭୬୫୩୬(୯୬୦)
୧୫. ସାକ୍ଷରତା ହାର - ୭୪.୪୨%
୧୬.ପୁରୁଷ ସାକ୍ଷରତା ହାର - ୮୪.୭୮%
୧୭. ମହିଳା ସାକ୍ଷରତା ହାର - ୬୩.୬୩%
୧୮.ଜନସଂଖ୍ୟା ବୃଦ୍ଧି ହାର - ୨୦.୩୫%
୧୯.ଜନସଂଖ୍ୟା ଘନତ୍ୱ - ୨୭୯ / ବର୍ଗ କି.ମି
୨୦. ୧୦୦୦ପୁରୁଷରେ ମହିଳା ସଂଖ୍ୟା - ୯୫୯
୨୧.ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୩୧
୨୨. ନିଆଁଲିଭା କେନ୍ଦ୍ର - ୪
୨୩.ଲୋକସଭା ଆସନ ସଂଖ୍ୟା - ୦
୨୪ ଜଙ୍ଗଲ ଜମି - ୩୨୮.୭୫ ବର୍ଗ କି.ମି
୨୫.ହାରାହାରି ତାପମାତ୍ରା - ସର୍ବନିମ୍ନ ୭.୦୦- ସର୍ବୋଚ୍ଚ ୪୭.୦୦
୨୬. ସାଧାରଣ ବୃଷ୍ଟିପାତ - ୧୪୧୮.୫ ମି.ମି.
୨୭. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.- ୩୧
୨୮.ପର୍ଯ୍ୟଟନସ୍ଥଳୀ - ସୋନପୁର, ବିନିକା,ଚନ୍ଦ୍ରଲିପଟ, ଚରଡା, ଖାଲିଆପାଲି, କୋଟସମଲାଇ।

## ଜୁନ ୨୦୨୨ | ଜୁଲାଇ ୨୦୨୨

## ପର୍ବପର୍ବାଣୀ

**ଜୁନ ୨୦୨୨**

ତା ୨ - ରମ୍ଭା ତୃତୀୟା
ତା ୩ - ଉମା ଚତୁର୍ଥୀ
ତା ୪ - ଶିବ ବିବାହ ଉତ୍ସବ
ତା ୫ - ଶୀତଳ ଷଷ୍ଠୀ ଉତ୍ସବ
ତା ୧୦ - ଗଙ୍ଗା ଦଶହରା ସ୍ନାନ
ତା ୧୧ - ନିର୍ଜଳା ଏକାଦଶୀ ଚମ୍ପକ ଦ୍ୱାଦଶୀ, ରୁକ୍ମିଣୀ ବିବାହ
ତା ୧୩ - ଶିବ ଚତୁର୍ଦ୍ଦଶୀ ଉପବାସ, ବେଢ଼ା ଚନ୍ଦ୍ରୋପବାସ ପୂଜା ଓ ଅର୍ଘ୍ୟଦାନ
ତା ୧୪ - ଦେବସ୍ନାନ ପୂର୍ଣ୍ଣିମା, ଶ୍ରୀ ଜଉ ଗଜାନନ ବେଶ, ଅଣସର ଆରମ୍ଭ, ପହିଲି ରଜ, ମାସାନ୍ତ
ତା ୧୫ - ମିଥୁନ ରଜ ସଂକ୍ରାନ୍ତି
ତା ୧୬ - ଭୂମିଦାହ,ତୃତୀୟରଜ ଶରଣ ଆରମ୍ଭ
ତା ୧୭ - ବସୁମତୀ ମହାଲକ୍ଷ୍ମୀ ସ୍ନାନ
ତା ୨୧ - ବିଶ୍ୱ ଯୋଗ ଦିବସ
ତା ୨୪ - ଖଳିଲାଗି ଏକାଦଶୀ
ତା ୨୫ - ଅଣସର ଦ୍ୱାଦଶୀ
ତା ୨୭ - ଶିବ ଚତର୍ଦ୍ଦଶୀ ଉପବାସ ବେଢ଼ା
ତା ୨୯ - ଶ୍ରୀ ଜୀଉ ନବଯୌବନ ଦର୍ଶନ, ଆଷାଢ଼ ଅମାବାସ୍ୟା, ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ
ତା ୩୦ - ଶ୍ରୀ ଜୀଉଙ୍କ ଉଭା ଯାତ୍ରା

**ଜୁଲାଇ ୨୦୨୨**

ତା.୧. ଶ୍ରୀଗୁଣ୍ଡିଚା ରଥଯାତ୍ରା
ତା.୫. ବିପତ୍ତାରିଣୀ ବ୍ରତ, ହେରା ପଞ୍ଚମୀ
ତା.୭. ପର୍ଶୁରାମ ଅଷ୍ଟମୀ
ତା.୮. ସନ୍ଧ୍ୟା ଦର୍ଶନ, ଇନ୍ଦ୍ରଦ୍ୟୁମ୍ନ ଉତ୍ସବ
ତା.୯. ବାହୁଡ଼ା ରଥଯାତ୍ରା, ମଙ୍ଗଳ ଗ୍ରହ ଜୟନ୍ତୀ
ତା.୧୦. ଉଦ୍-ଯୁହା, ସୁନାବେଶ ଶ୍ରୀ ହରିଶୟନ ଏକାଦଶୀ ରବିନାରାୟଣ ବ୍ରତ, ଚତୁର୍ମାସ୍ୟାରମ୍ଭ
ତା.୧୧. ଗରୁଡ ଶୟନ, ଅଧର ପଣା
ତା.୧୨. ଶିବ ଚତୁର୍ଦ୍ଦଶୀ ଉପବାସ, ବେଢା ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ ମଙ୍ଗଳ ଚତୁର୍ଦ୍ଦଶୀ ସ୍ନାନ
ତା.୧୩. ବ୍ୟାସ ପୂର୍ଣ୍ଣିମା, ଗୁରୁ ପୂଜା ଚନ୍ଦ୍ରୋପବାସ ପୂଜା ଓ ଅର୍ଘ୍ୟଦାନ
ତା.୧୪. ଶରଣ ଆରମ୍ଭ
ତା.୧୬. ମାସାନ୍ତ
ତା.୧୭. କର୍କଟ ସଂକ୍ରାନ୍ତି ମନସା ପଞ୍ଚମୀ ଶ୍ରୀଜୀଉଙ୍କ ଦକ୍ଷିଣାୟନ ବନ୍ଦାପନା
ତା.୧୮. ଶରଣ ଶେଷ
ତା.୨୨. ସ୍ୱାମୀ ଶିବନନ୍ଦଙ୍କ ମହାସମାଧି
ତା.୨୪. କାମଦା ଏକାଦଶୀ
ତା.୨୭. ଶିବ ଚତୁର୍ଦ୍ଦଶୀ ଉପବାସ, ବେଢା
ତା.୨୮. ଚିତାଲାଗି ଅମାବାସ୍ୟା ଶ୍ରୀଜୀଉଙ୍କ ସୁବର୍ଣ୍ଣ ଚିତାଲାଗି

# 'ହଜିଯାଉଥିବା ଆମ ଚଳଣି' ଓ 'ମୋ ଗାଆଁ ଟି' ପୁସ୍ତକ ଉନ୍ମୋଚନ ଅବସରରେ...










'ଆମରି ସତ୍ୟ' ତରଫରୁ ଯୁବ ସାମ୍ବାଦିକ ରଞ୍ଜିତ ସାମନ୍ତରାୟ ସମ୍ମାନିତ

Postal Regd. No. : PURI-33/2022-24

Volume-12 I Issue No.12 I Monthly I June-2022 I RNI Regn. No. ODI/ODI/2010/350521 I Page-36




ସଂପର୍କ : ବିଶ୍ୱାମିତ୍ର ଭବନ, ପ୍ରାଣନାଥ ମହାବିଦ୍ୟାଳୟ ମାର୍ଗ, ଖୋର୍ଦ୍ଧା
ଚଳଭାଷ : ୯୩୩୭୬୨୧୪୫୫

Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Pin-752057,
Printed at - NISWASS-CEDEC Press, Chandrasekharpur, BBSR-23, Published From - "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057
Editor : Dr. Prasanna Kumar Jena
Founder : Dr. Pramod Chandra Dash